NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
11 FEBRUARY 2026
ବୁଧବାର
୧୧ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 266 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୬୬ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଦନ୍ତା ଆକ୍ରମଣରେ ୩ ମୃତ, ୩ ଗୁରୁତର

**ଢେଙ୍କାନାଳ,୧୦।୨/ଏନ୍ଏନ୍ଏସ୍ :**

ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ୍ ପାଟପୁରି ଜଙ୍ଗଲରେ ଏକ ଦନ୍ତା ହାତୀ ଆକ୍ରମଣରେ ୩ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣ ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି। ସମସ୍ତ ମୃତାହତ ଲୁଚାପଲି ଗ୍ରାମର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ସକାଳେ ଲୁଚାପଲୀ ଗ୍ରାମର ୬ ଜଣ ମହିଳା ଗ୍ରାମ ନିକଟ ପାଟପୁରି ଜଙ୍ଗଲକୁ କାଠ ଗୋଟାଇବା ପାଇଁ ଯାଇଥିଲେ । ଏହି ଅବସରରେ ସେମାନେ ଗୋଟିଏ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ସେମାନଙ୍କୁ ଦେଖି ଆକ୍ରମଣ କରିବା ଫଳରେ ସମସ୍ତ ୬ ଜଣ ଯାକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ସ୍ଥାନୀ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତିଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ଇନ୍ଦୁ ପ୍ରଧାନ, ଟୁନୀ ବେହେରା, କୁନ୍ତଳା ପ୍ରଧାନ। ସେହିପରି ଗୁରୁତର ଆହତମାନେ ହେଲେ ରମା ଦେହୁରୀ, ରସ୍ମିତା ପ୍ରଧାନ ଏବଂ ଝିଲି ପ୍ରଧାନ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦର୍ଂ ଚଳାଇଛନ୍ତି।

## ଅଫୁଟା ବାଣ ଫୁଟି ନାବାଳକଙ୍କ ପାପୁଲି ଛିଣ୍ଡିଲା

**ଅନୁଗୋଳ,୧୦।୨/ଏନ୍ଏନ୍ଏସ୍:**



ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ସୌଭାଗ୍ୟ ନଗର ଅଞ୍ଚଳରେ ଘଟିଯାଇଛି ଏକ ଅଘଟଣ। ଅଫୁଟା ବାଣ ଫୁଟାଇ ଜଣେ ନାବାଳକଙ୍କ ହାତ ପାପୁଲି ଛିଣ୍ଡି ଯାଇଛି। ସକ୍ତୃକ୍ତ ନାବାଳକ ହେଲେ ସୌଭଗ୍ୟ ନଗର ଅଞ୍ଚଳର ପବିତ୍ର ବେହେରାଙ୍କ ପୁଅ ଆକାଶ ବେହେରା (୧୫)। ସୂଚନା ଅନୁସାରେ ନିକଟରେ ଥିବା ପଡିଆରେ ଏକ ଅଫୁଟା ବାଣ ପଡିଥିଲା। ଏହାକୁ ଆଣି ଆକାଶ ନିଆଁ ସଂଯୋଗ କରିବା ମାତ୍ରେ ହଠାତ୍ ତାହା ହାତରେ ଫୁଟିଯାଇଥିଲା। ଆକାଶକୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକାଶଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ

▶▶ ୫

## ବିଷ ପିଇ ପରିବାରର ୫ ସଦସ୍ୟଙ୍କ ସାମୂହିକ ଆତ୍ମହତ୍ୟା

**ଲକ୍ଷ୍ନୌ,୧୦।୨/ଏଜେନ୍ସି:**

ଉତ୍ତରପ୍ରଦେଶର ମଥୁରା ଜିଲ୍ଲାରୁ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏଠାରେ ଗୋଟିଏ ପରିବାରର ୫ ସଦସ୍ୟଙ୍କ ଏକକାଳୀନ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମଥୁରା ଜିଲାର ମହାବନ ଥାନା ଅଞ୍ଚଳ ଅନ୍ତର୍ଗତ ଖପ୍ପରପୁର ଗାଁରେ ନିଜ ତିନି ପିଲାଙ୍କ ସହ ଏକ ଦମ୍ପତି ବିଷ ପିଇ ସାମୂହିକ ଆତ୍ମହତ୍ୟା କରିଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ସୋମବାର ରାତିରେ ପରିବାରର ସମସ୍ତେ ବିଷ ମିଶ୍ରିତ କ୍ଷୀର ପିଇ ଦେଇଥିଲେ। ବିଳମ୍ବିତ ସକାଳ ପର୍ଯ୍ୟନ୍ତ ପରିବାର ସଦସ୍ୟ ନ ଉଠିବାରୁ ଘଟଣାଟି ସାମ୍ନାକୁ ଆସିଥିଲା। ପରେ ପଡ଼ୋଶୀମାନେ ପୋଲିସକୁ ସୂଚନା ଦେଇଥିଲେ। ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କୁ ପୁଲିସ୍ ପଚରାଉଚରା କରିବା ସହ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଇଛି। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି। ବିଷପାନର କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଛି।

### ସରକାର ଗଠନ ପରେ ବି ସୁଧୁରୁନି ସ୍ଥିତି

# ୩ ଦିନ ଧରି ଜଳୁଛି ମଣିପୁର



**ଇମ୍ଫାଲ, ୧୦।୨/ଏଜେନ୍ସି:**

ଆଶା କରାଯାଉଥିଲା ରାଷ୍ଟ୍ରପତି ଶାସନ ହଟିବା ପରେ ଏବଂ ସ୍ଥାୟୀ ତଥା ମଜବୁତ୍ ସରକାର ଗଠନ ହେବା ପରେ ମଣିପୁରରେ ହିଂସାକାଣ୍ଡ ଘଟଣା ପ୍ରଶମିତ ହେବ। କିନ୍ତୁ ଏସବୁ ଆଶା ବିଫଳ ସାବ୍ୟସ୍ତ ହୋଇଛି। ମଣିପୁରରେ ନୂତନ ସରକାର ଗଠନ ହେବାର ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା, ଯାହାକି ଏବେ ଦିନକୁ ଦିନ ଅଧିକ ଭୟଙ୍କର ତଥା ହିଂସାତ୍ମକ ରୂପ ଧାରଣ କରିବାରେ ଲାଗିଛି। ବିଶେଷକରି ଗତ ୩ ଦିନ ମଧ୍ୟରେ ମଣିପୁରରେ ସ୍ଥିତି ଅତ୍ୟନ୍ତ ଖରାପ ହୋଇପଡିଛି। ଦୁର୍ବୃତ୍ତମାନେ ଏବେ ବ୍ୟାପକ

▶▶ ୫

**୪ ସରକାରୀ କ୍ୱାର୍ଟର୍ସ, ୨୫ ଘର ଜାଳିଦେଲେ ଦୁର୍ବୃତ୍ତ**

**ଉଗ୍ରତର ହେଉଛି କୁକି-ନାଗା ସାମ୍ପ୍ରଦାୟିକ ହିଂସା**

**ଉଖରୁଲ୍‌ରେ କର୍ଫ୍ୟୁ ବଳବତ୍ତର, ୫ ଦିନ ଇଣ୍ଟରନେଟ୍ ବନ୍ଦ**

### କଳିଙ୍ଗ ଷ୍ଟାଡିୟମ୍‌ରେ ୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ

# ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ହେଲା ଅଧିକ ସୁଦୃଢ଼

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:**

ଆମ୍ବୁଲାନ୍‌ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଛନ୍ତି।

ମଙ୍ଗଳବାର ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି। କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ।



ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଏଏଲସ ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

**ବିମାନ ଯୋଜନାରେ ଏୟାରଷ୍ଟ୍ରିପ୍‌ରେ ଆମ୍ବୁଲାନ୍ସ ବ୍ୟବସ୍ଥା: ମୁଖ୍ୟମନ୍ତ୍ରୀ**

## ୧୮ରୁ ଯୁକ୍ତଦୁଇ ପରୀକ୍ଷା

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:**

ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ଫେବୃଆରୀ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ କଳା ବିଭାଗରେ ୨ ଲକ୍ଷ ୫୬ ହଜାର ୭୦୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବାଣିଜ୍ୟ ବିଭାଗରେ ୨୪ ହଜାର ୬୨୧ ଜଣ ଏବଂ ବିଜ୍ଞାନ ବିଭାଗରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୯୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ତେବେ ମୋଟ୍ ଆକାରରେ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ପରୀକ୍ଷା ଦେବେ। ପରୀକ୍ଷା ପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍ ହେବା ସହିତ ୧୩୫୭ଟି ପରୀକ୍ଷା କେନ୍ଦ୍ର ସହିତ ୭ଟି ଉପ- କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ୧୮ ଫେବୃଆରୀରୁ ଆରମ୍ଭ ହୋଇ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଅର୍ଥାତ ୨୩ ଦିନ ଧରି

▶▶ ୫

**୧୩୫୭ଟି ପରୀକ୍ଷା କେନ୍ଦ୍ର ସହିତ ୭ଟି ଉପକେନ୍ଦ୍ରରେ ହେବ ପରୀକ୍ଷା**

### ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ

# ୪୧୧୧ କୋଟିର ୨୩ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ



**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:**

୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆହୂତ ଏହି ବୈଠକରେ ମୋଟ ୪୧୧୧.୮୦ କୋଟି ଟଙ୍କା ବିନିଯୋଗ ସହିତ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି, ଯାହାକି ମୋଟ୍ ୯୯୨୪ ବା ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି। ଏହି ମଞ୍ଜୁରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ପ୍ରତିଫଳିତ ହେବ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନୁମୋଦିତ କରାଯାଇଥିବା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, ପୋଷାକ ଏବଂ ବୟନଶିଳ୍ପ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ରିଫ୍ରାକ୍ଟୋରୀ, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍, ଖଣିଜ ଲାଭ, ଧାତୁ ଡାଉନଷ୍ଟ୍ରିମ୍, ପ୍ଲାଷ୍ଟିକ୍, ଗ୍ଲାସ୍ ଉତ୍ପାଦନ, ଲଜିଷ୍ଟିକ୍ ଏବଂ ଗୋଦାମ, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ଏବଂ ଆତିଥେୟତା ଆଦି ବିଭିନ୍ନ କ୍ଷେତ୍ରରେ ରହିଛି, ଯାହା ରାଜ୍ୟର ବିବିଧ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସହନଶୀଳ ଶିଳ୍ପ ରଣନୀତିକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପଗୁଡ଼ିକୁ ରାଜ୍ୟର ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଆଦି ୧୧ ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯିବ, ଯାହା ମାଧ୍ୟମରେ ଆଞ୍ଚଳିକ ସମତୁଲ ଶିଳ୍ପ ବିକାଶ ଏବଂ ବୃହତ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବ

▶▶ ୫

**୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ମୂଳ ଲକ୍ଷ୍ୟ**

### ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ବକେୟା ଚାଲାଣ ପୈଠ ବିନା ମିଳିବନି ପିୟୁସିସି

**କଟକ,୧୦।୨/ଏନ୍ଏନ୍ଏସ୍ :**



ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର (ପିୟୁସିସି) ପାଇବାକୁ ହେଲେ ବକେୟା ଚାଲାଣ ପୈଠ କରିବାକୁ ହେବ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇବା ସହିତ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ସେଣ୍ଟ୍ରାଲ୍ ମୋଟର ଭେଇକିଲ୍ ରୁଲ -୧୬୭, ସବରୁଲ -୧୨ ଅନୁସାରେ ବକେୟା ଚାଲାଣ ଥିଲେ ପିୟୁସିସି ପାଇଁ ଆବେଦନ କରିହେବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କହିଛନ୍ତି। ଅବଶ୍ୟ ଗତ ୨୭ ଜାନୁଆରୀରେ ହାଇକୋର୍ଟ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ, ସେହି ମୁତାବକ ପିୟୁସିସି ନଥିଲେ ପେଟ୍ରୋଲ୍ ମିଳିବା ନେଇ ଜାରି ହୋଇଥିବା କଟକଣା କାର୍ଯ୍ୟକାରୀ ହୋଇନଥିଲା। କିନ୍ତୁ ନିକଟରେ ପରିବହନ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି, ଯେଉଁଥିରେ ସଂଶୋଧିତ ମୋଟର ଭେଇକିଲ୍ ରୁଲ୍ ବାବଦରେ କୋର୍ଟକୁ ଅବଗତ କରାଯାଇଛି। ଏ ସଂପର୍କରେ ଆଜି ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହିତ ଦାୟର ଜନସ୍ୱାର୍ଥ ମାମଲା ଉପରେ ଆଜି ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଗତ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା ଯେ ଗାଡ଼ି ମାଲିକଙ୍କ ପିୟୁସିସି ନଥିଲେ ତାଙ୍କୁ ପେଟ୍ରୋଲ୍ କି ଡିଜେଲ ମିଳିବନି। ଏ ନେଇ ବିଭିନ୍ନ ତୈଳ ବିକ୍ରୟକାରୀ କଂପାନୀକୁ ଲେଖା ଯାଇଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମୋଟରଯାନ ଆଇନ ୧୯୮୮ ଓ

▶▶ ୫

## ଏନ୍ଏଚ୍ଏମ୍ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ବଢ଼ିଲା ଦରମା

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:**

ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ହୋଇଛି। ସେମାନଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ପ୍ରୋତ୍ସାହିତ କରିବା ଉଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୫ ବର୍ଷରୁ କମ ସମୟ ଅବଧି ପାଇଁ ସେବାରତ ଆୟୁଷ ଡାକ୍ତରମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ

▶▶ ୫

**ବରିଷ୍ଠତା ଭିତ୍ତିରେ ମାସକୁ ହେଲା ୨୦ ହଜାରରୁ ୪୦ ହଜାର ଟଙ୍କା**

**ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା, ସର୍ବାଧିକ ୯୧,୪୬୭ ଟଙ୍କା**

### ଭାରତ-ଆମେରିକା ବାଣିଜ୍ୟ ରାଜିନାମା

# ଭାରତୀୟ ଚାଷୀଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ

**ନୂଆଦିଲ୍ଲୀ,୧୦।୨/ଏଜେନ୍ସି:**



ଆମେରିକା ସହିତ ବହୁପ୍ରତୀକ୍ଷିତ ବାଣିଜ୍ୟ ରାଜିନାମା ଭାରତୀୟ ଚାଷୀ ଏବଂ କୃଷି କ୍ଷେତ୍ର ପାଇଁ ବ୍ୟାପକ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବାକୁ ଯାଉଛି। ବର୍ତ୍ତମାନ ଆମେରିକା ସହିତ କୃଷି ବାଣିଜ୍ୟରେ ଭାରତ ୧.୩ ବିଲିୟନ୍ ଡଲାର୍ ବଳକା ହାର ବଜାୟ ରଖିଛି। ୨୦୨୪ରେ ଆମେରିକାକୁ ଭାରତର କୃଷି ରପ୍ତାନି ୩.୪ ବିଲିୟନ୍ ଡଲାର୍ ଥିବାବେଳେ ଆମଦାନୀ ୨.୧ ବିଲିୟନ୍ ଡଲାର୍ ରହିଥିଲା। ଏହା କୃଷି କ୍ଷେତ୍ରରେ (ସାମୁଦ୍ରିକ ଉତ୍ପାଦକୁ ଛାଡ଼ି) ଭାରତର ସାମଗ୍ରିକ ରପ୍ତାନି ଦୃଢ଼ତାକୁ ଦର୍ଶାଇଥାଏ। ଆମେରିକାର ପ୍ରାୟ ୪୬ ବିଲିଅନ୍ ଡଲାର ଆମଦାନୀ ବଜାରରେ ଭାରତକୁ ଶୂନ୍ୟ ଶୁଳ୍କ ସୁବିଧା ମିଳିଥାଏ। ବିଭିନ୍ନ କ୍ଷେତ୍ରରେ ଭାରତ ପୂର୍ବରୁ ଆମେରିକାକୁ ୧.୪ ବିଲିଅନ୍ ଡଲାର୍ ମୂଲ୍ୟର ରପ୍ତାନି କରିଆସୁଛି। ଏଥିରେ ମସଲା, ପ୍ରକ୍ରିୟାକୃତ ଖାଦ୍ୟପଦାର୍ଥ, ଫଳ, ଚା', କଫି ଏବଂ ଅତ୍ୟାବଶ୍ୟକ ତେଲ ସାମିଲ। ବର୍ତ୍ତମାନ ୧୬୦ ବିଲିୟନ୍ ଡଲାର ମୂଲ୍ୟର ଆମେରିକୀୟ ଆମଦାନୀ ବଜାରରେ ଭାରତକୁ ୧୮ ପ୍ରତିଶତ ଆପୋସ ଶୁଳ୍କର ଲାଭ ମିଳିଛି। ଏହା ନିକଟ ଭବିଷ୍ୟତରେ ଯଥେଷ୍ଟ ପରିମାଣର ରପ୍ତାନି ସମ୍ଭାବନା ସୃଷ୍ଟି କରିବ। ବିଶେଷକରି ସାମୁଦ୍ରିକ କ୍ଷେତ୍ରରେ ପାଖାପାଖି ୨୫ ବିଲିୟନ୍ ଆମେରିକୀୟ ଡଲାର୍ ମୂଲ୍ୟର ଆମେରିକୀୟ ଆମଦାନୀ ବଜାରରେ ୧୮% ଶୁଳ୍କ ଦର ଫଳରେ ଭାରତୀୟ ଉତ୍ପାଦ ବିସ୍ତୃତ ବଜାର ସୁଯୋଗ ସୃଷ୍ଟି ହେବ।

ସୁତରାଂ ଭାରତୀୟ ଚାଷୀମାନେ ଅଧିକ ପରିମାଣରେ ରପ୍ତାନିର ଲାଭ ପାଇବେ। ମସଲା, ଚା ଓ କଫି, ରାଶି, ନିର୍ଦ୍ଦିଷ୍ଟ ଫଳ ପାଇଁ ଆପୋସ ଶୁଳ୍କ ଦରକୁ ୧୮% କିମ୍ବା ୦%କୁ ହ୍ରାସ କରି ଦିଆଯାଇଛି। ଆମେରିକାର ଏସବୁ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା, ରପ୍ତାନି ପ୍ରସ୍ତୁତି ଏବଂ ଉଚ୍ଚ ମୂଲ୍ୟ ମିଳିବା ଫଳରେ ଚାଷୀଙ୍କ ଆୟ ବୃଦ୍ଧି ଭଳି ପ୍ରତ୍ୟକ୍ଷ ଲାଭ ମିଳିବ। ଆମେରିକା ଚିଙ୍ଗୁଡ଼ି ସମେତ ଅନ୍ୟାନ୍ୟ ସାମୁଦ୍ରିକ ଉତ୍ପାଦ କ୍ଷେତ୍ରରେ ବିଶ୍ୱ ବଜାରରୁ ପ୍ରାୟ ୨୪,୮୯୮.୦୬ ନିୟୁତ ଡଲାର ମୂଲ୍ୟର ଆମଦାନୀ କରିଥାଏ। ଏଥିମଧ୍ୟରୁ ଭାରତରୁ ୨,୪୫୭.୯୨ ନିୟୁତ ଡଲାର ମୂଲ୍ୟର ଆମଦାନୀ କରିଥାଏ। ଏହି କ୍ଷେତ୍ରରେ ଅଧିକ ଚାହିଦା ଓ ଉଚ୍ଚ ମୂଲ୍ୟ ମିଳିବା ଯୋଗୁ ଉପକୂଳ ଅଞ୍ଚଳର ଜୀବିକା ସୁଦୃଢ଼ ହେବା ସହିତ ଭାରତ ବିଶ୍ୱ ସାମୁଦ୍ରିକ ଖାଦ୍ୟ

▶▶ ୫

## ବେଆଇନ ଇଟା ଭାଟିରୁ ୩୯ ଶ୍ରମିକ ଉଦ୍ଧାର

**ଦୁଇ ଇଟା ଭାଟି ମାଲିକ ଗିରଫ**



**ରାୟଗଡା,୧୦।୨/ଏନ୍ଏନ୍ଏସ୍:**

ରାୟଗଡ଼ା ଜିଲ୍ଲା ପ୍ରଶାସନ ପୁଲିସ ସହଯାତରେ ଏକ ବେଆଇନ ଇଟାଭାଟିରୁ ୩୯ ଜଣ ଯାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହା ସହିତ ସମ୍ପୃକ୍ତ ଦୁଇ ଇଟାଭାଟି ମାଲିକ ଟି.ଈଶ୍ୱର ରାଓ ଓ ଜି.ଏମ୍. କଣ୍ଡେୟାଙ୍କୁ ଗିରଫ କରାଯିବା ସହିତ ବିରୋଧରେ ଏତଲା ଦାୟର ହୋଇଛି। ସୂଚନା ଅନୁସାରେ ଏହି ଇଟା ଭାଟିରେ ବୋଡ଼େନ୍ ଅଞ୍ଚଳର କିଛି ପରିବାର କାମ କରୁଥିଲେ। କିଛିଦିନ କାମ କରିବା ପରେ ଭାଟି ମାଲିକ ସେମାନଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲା।

▶▶ ୫

### ପୀତବାସ ପଣ୍ଡା ହତ୍ୟା ମାମଲା

## ସର୍ଜରୀ ବିଭାଗ ୱାର୍ଡରେ ଭର୍ତ୍ତି ହେଲେ ବିକ୍ରମ

**ବ୍ରହ୍ମପୁର,୧୦।୨/ଏନ୍ଏନ୍ଏସ୍:** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳାଇଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ମଦନଙ୍କ ଏକାଧିକ ପରୀକ୍ଷା ପରେ ତାଙ୍କୁ ଜେଲକୁ ନିଆଯାଇଥିବା ବେଳେ ବିକ୍ରମଙ୍କୁ ସର୍ଜରୀ ବିଭାଗର ୱାର୍ଡରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। କୋର୍ଟରୁ ଅନୁମତି ମିଳିବା ପରେ ଆଜି ବିକ୍ରମ ଓ ମଦନଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ବିକ୍ରମଙ୍କ ପେଟରେ ଷ୍ଟୋନ ଓ ପାଇଲସର ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ବିକ୍ରମଙ୍କୁ ସର୍ଜରୀ ବିଭାଗର ୱାର୍ଡରେ ଭର୍ତ୍ତି କରାଯାଇଥିଲା । ବିକ୍ରମଙ୍କୁ ମେଡ଼ିକାଲରେ



ଜଣେ ହାବିଲଦାର ସହ ୫ ଜଣ କନେଷ୍ଟବଳ ଜଗି ରହିଥିବା ଜଣାପଡିଛି । ବିକ୍ରମଙ୍କ ଚିକିତ୍ସା ଶେଷ ପର୍ଯ୍ୟନ୍ତ ମୋଟ ୬ ଜଣ ପୁଲିସ କର୍ମଚାରୀ ମୁତୟନ ରହିବେ। ଏହାସହ ବୈଦ୍ୟନାଥପୁର ଥାନାର କିଛି ଅଫିସର ବିକ୍ରମଙ୍କ ଉପରେ ନଜର ରଖିବେ ବୋଲି ଜଣାପଡିଛି। ବିକ୍ରମଙ୍କୁ ଭେଟ କରିବା ପାଇଁ କିଏ ଆସୁଛନ୍ତି କିଏ ନାହିଁ ତାହା ଗୋଟିଏ ଡ଼ାଇରୀରେ ଲେଖା ହେବ ବୋଲି ଜଣାପଡ଼ିଛି। ସେପଟେ ମଦନଙ୍କ ଗୋଡ଼ରେ ପୂର୍ବରୁ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଯୋଗୁଁ ତାଙ୍କୁ ଏମକେସିଜି ଅଣାଯାଇଛି। ମଦନ ଅସ୍ଥି ଶଲ୍ୟ ବିଭାଗରେ ଭର୍ତ୍ତି ହୋଇଥିଲେ । କିଛି ସମୟ ପରେ ଏକାଧିକ ପରୀକ୍ଷା କରାଯାଇ ତାଙ୍କୁ ଜେଲକୁ ନିଆଯାଇଥିବା ଜଣାପଡିଛି।

## ମହାଶିବରାତ୍ରୀ ପାଇଁ ସଜେଇ ହେଉଛି ଶୈବପୀଠ

**ବୁଗୁଡ଼ା,୧୦।୨/ଏନ୍ଏନ୍ଏସ୍:** ମହାଶିବରାତ୍ରୀ ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟି ଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀମାନ ମଧ୍ୟ ପ୍ରକାଶ ପାଇଛି । ଫଳରେ କେତେକ ଶୈବ ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବାର ଜଣାଯାଇଛି । ଏ ବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍



ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି । ଏଥିସହ ମନ୍ଦିର ଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଶ୍ରଦ୍ଧାଳୁମାନେ ଜାଗର ପର୍ବ ପାଳନ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାଯାଇଛି ।

## ଛ' ହଜାର ହିତାଧିକାରୀଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଦାବି

**ବ୍ରହ୍ମପୁର,୧୦।୨/ଏନ୍ଏନ୍ଏସ୍:** ବ୍ରହ୍ମପୁର ମହାନଗର ନିଗମ ଅଧୀନସ୍ଥ ସମସ୍ତ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୬ ହଜାର ଯୋଗ୍ୟ ନୂତନ ବୃଦ୍ଧବୃଦ୍ଧା ହିତାଧିକାରୀଙ୍କୁ ଗତ ଦୁଇ ବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ନ କରାଯିବା ଅତ୍ୟନ୍ତ ସମ୍ବେଦନଶୀଳ ଓ ଦୁଃଖଜନକ ବିଷୟ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି। ବଞ୍ଚିତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଭତ୍ତା ଅର୍ଥ ରାଶି ବୃଦ୍ଧି ସହ ଅନ୍ୟାନ୍ୟ ୬ ଦଫା ଦାବି ନେଇ ଆଜି ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିଗମର ଆସିଷ୍ଟାଣ୍ଟ କମିଶନର ବିଭୁ ପ୍ରସାଦ ମହାପାତ୍ରଙ୍କୁ ମଞ୍ଚ ପକ୍ଷରୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ କିଛି ବୟସ୍କ ବ୍ୟକ୍ତିଙ୍କ ଭତ୍ତା ପାଇବା ପୂର୍ବରୁ ଦେହାନ୍ତ ହୋଇଛି। ନବ ନିର୍ବାଚିତ ସରକାରଙ୍କ ଘୋଷଣା ସତ୍ତ୍ୱେ ନା ତ ଭତ୍ତା ମିଳିଛି, ନା ଭତ୍ତା ରାଶିରେ କୌଣସି ବୃଦ୍ଧି ହୋଇଛି। ଅନେକ ଗରିବ ପରିବାର ୧୦୦୦ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ଉପରେ ନିର୍ଭର କରି ଦୁର୍ଦ୍ଦଶାରେ ଜୀବନ ଯାପନ କରୁଛନ୍ତି। ଅହେତୁକ ଦରଦାମ ବୃଦ୍ଧି ଓ ବୟସାଧିକ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ବଢୁଥିବାକୁ ଦୃଷ୍ଟିରେ ରଖି ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ବିଧବା ଭତ୍ତାର ରାଶି ତୁରନ୍ତ ବୃଦ୍ଧି କରିବାକୁ ମଞ୍ଚ ଦାବି କରିଛି। ଏହା ସହିତ କୋଭିଡ୍-୧୯ କାଳୀନ ସମୟରେ ବ୍ରହ୍ମପୁର ସହରରେ ପୌରନିଗମ କାଉନସିଲ ନ ଥିବାବେଳେ ବେନିୟମ ଓ ଅଗଣତାନ୍ତ୍ରିକ ଭାବେ ଲାଗୁ କରାଯାଇଥିବା ବର୍ଦ୍ଧିତ ଘର ଟିକସକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ମୃତ ପଶୁମାନଙ୍କ ଦେହ ପଚିସଢ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବାରୁ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏହାର ଗୁରୁତର ପ୍ରଭାବ ପଡୁଛି। ଏହାର ସମାଧାନ ପାଇଁ ମୃତ ପଶୁଙ୍କ ଶରୀର ଦହନ ନିମନ୍ତେ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ କରିବାକୁ ମଞ୍ଚ ଦାବି କରିଛି। ଏହାଛଡ଼ା, ବ୍ରହ୍ମପୁର ସହର ବାହାରେ ଅବସ୍ଥିତ ଗୋଶାଳାଗୁଡ଼ିକରେ ସିସିଟିଭି କ୍ୟାମେରା ସଂଯୋଗ କରି ପଶୁମାନଙ୍କ ଚିକିତ୍ସା, ଯତ୍ନ, ଖାଦ୍ୟ ଓ ସୁରକ୍ଷା ବ୍ୟବସ୍ଥାର ନିୟମିତ ତଦାରଖ କରିବା, ପଲିଥିନ ବ୍ୟବହାରକୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରିବା ଲାଗି କଠୋର ପଦକ୍ଷେପ ନେବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ କୁମାର ତରାଇ, ଆର. ସତ୍ୟନାରାୟଣ ରାଓ, ଶିବ ସୁନ୍ଦର ରଥ, ପ୍ରଫୁଲ୍ଲ କୁମାର ଜେନା, ଏସ୍. ଶାମ୍ଭଶିବ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ ପରଲୋକ

**ବୁଗୁଡା,୧୦।୨/ଏନ୍ଏନ୍ଏସ୍:** ସ୍ଥାନୀୟ ପିପୁଲ୍ସ କଲେଜ ଏବଂ ତେନ୍ତୁଳିଆ ଦେବସ୍ଥାନ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ଅଧ୍ୟାପନା ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିବା ପ୍ରଫେସର ନିତ୍ୟାନନ୍ଦ ମହାନ୍ତି(୭୮)ଙ୍କ ଦେହାନ୍ତରେ ଶୋକର ଛାୟା ଖେଳି ଯାଇଛି। ସେ କିଛି ଦିନ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଗତ ସୋମବାର ସନ୍ଧ୍ୟାରେ ବୁଗୁଡା ଶକ୍ତିନଗରସ୍ଥିତ ସ୍ୱବାସଭବନରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଓ ପୁଅଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ। ବୁଗୁଡା



ବଡଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସେ ଜଣେ କର୍ତ୍ତବ୍ୟନିଷ୍ଠ ଏବଂ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଆଜି

# ପ୍ରତିଦିନ ହେବ ବିଭିନ୍ନ ରୋଗର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ବ୍ରହ୍ମପୁର,୧୦।୨/ଏନ୍ଏନ୍ଏସ୍:** ଦକ୍ଷିଣ ଓଡିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆଠାରେ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ-୨୦୨୬ ଆସନ୍ତାକାଲି ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଚାଲିବ। ଏଥିନେଇ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦିକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପ୍ୟାଥିକ୍, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ୮୧ ଗୋଟି ପ୍ରଦର୍ଶନୀ ଷ୍ଟଲ ସହ ପ୍ରତ୍ୟେକ ଦିନ ମଧୁମେହ, କିଡନୀ, ହୃଦରୋଗ, ଚର୍ମ ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ନିରାକରଣ ବିଷୟରେ




ଆଲୋଚନା ଚକ୍ର ସହ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣାରେ କରାଯିବ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟ ସମସ୍ୟା ଆଜି ସମାଜର ଏକ ପ୍ରମୁଖ ସମସ୍ୟା ରୂପେ ଦେଖାଯାଇଛି। ତା ସହିତ ଗଞ୍ଜାମ ଭଳି ଏକ ଜନ ବହୁଳ ଜିଲ୍ଲାରେ ଅଧିକ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ସହିତ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସ୍ୱାସ୍ଥ୍ୟ ସଚେତନତାର ଆବଶ୍ୟକତା ରହିଛି। ଆଧୁନିକ ଚିକିତ୍ସା ସହ ପାରମ୍ପରିକ ଚିକିତ୍ସା ବିଷୟରେ ଜନ ଜାଗରଣ କରି ଗଞ୍ଜାମ ଜିଲ୍ଲାକୁ ରାଜ୍ୟର ସ୍ୱାସ୍ଥ୍ୟ ପର୍ଯ୍ୟଟନର ଏକ ପେଣ୍ଠସ୍ଥଳୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ମୁଖରେ ରାଜ୍ୟର ଦ୍ୱିତୀୟ ଏମ୍ସ ଗଞ୍ଜାମ ଜିଲ୍ଲାରେ ପ୍ରତିଷ୍ଠା କରିବା ପାଇଁ ଦାବି ଉପସ୍ଥାପିତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ମତପ୍ରକାଶ ପାଇଥିଲା । ପ୍ରତିଦିନ ଉଭୟ ଓଲି ଓପିଡି ଖୋଲିବ। ସେହି ଓପିଡିରେ ବିଶାଖାପାଟଣା ଓ ଭୁବନେଶ୍ୱରରୁ ସୁନାମାଧନ୍ୟ ବିଶେଷଜ୍ଞ ମାନେ ଯୋଗ ଦେବେ। ସମ୍ପୂର୍ଣ୍ଣ ମାଗଣାରେ ରୋଗୀମାନେ ବିଶେଷଜ୍ଞମାନଙ୍କଠାରୁ ପରାମର୍ଶ ନେଇପାରିବେ। ସବୁଦିନ ସକାଳୁ ଯୋଗ, ମଧ୍ୟାହ୍ନରେ ସେମିନାର, ସନ୍ଧ୍ୟାରେ ବୈଠକ ଓ ପରେ ପରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ୧୪ ତାରିଖରେ ମେଗା ରକ୍ତଦାନ ଶିବିର ଏବଂ ଶେଷ ଦିନ ଜିଲ୍ଲାରେ ଏମ୍ସ ପ୍ରତିଷ୍ଠା ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଅଙ୍ଗଦାନ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଘର ସମ୍ପାଦକ ଡା. ବିଷ୍ଣୁ ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ । ୧୧ ତାରିଖ ସକାଳେ ମଶାଲ ଶୋଭା ଯାତ୍ରା ମା ବୁଢ଼ୀ ଠାକୁରାଣୀ ମନ୍ଦିର, ମା ତାରାତାରିଣୀ ମନ୍ଦିର ଏବଂ ମା ବାଙ୍କେଶ୍ୱରୀ ପୀଠରୁ ବାହାରି ଠାକୁରାଣୀ ମନ୍ଦିର ନିକଟରେ ପହଞ୍ଚିବ । ସେଠାରେ ପୂଜାର୍ଚ୍ଚନା ପରେ ମଶାଲ ଗୁଡିକୁ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆକୁ ଅଣାଯିବ ବୋଲି ସୂଚନା ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ସଂଘର କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଉପ ସଭାପତି ନାରାୟଣ ଦାସ, ଗଣମମାଧ୍ୟମ ସଂଯୋଜକ ସୁନୀଲ କୁମାର ସାହୁ, ନାଗେଶ୍ୱର ପୃଷ୍ଟି, ନବୀନ କୁମାର ମହାପାତ୍ର, ରୋହିତ ପରିଡା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମ

**ଆସିକା,୧୦।୨/ଏନ୍ଏନ୍ଏସ୍:** ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଆସିକା ବ୍ଲକ ଓ ଏନଏସି ଅଧିନସ୍ଥ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ସକାଶେ କୃମି ନାଶକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି କୃମି ନାଶକ ଔଷଧ ଖାଇନଥିବା ପିଲା ମାନେ ଆସନ୍ତା ୧୭ତାରିଖରେ ପୁଣିଥରେ ଦ୍ୱିତୀୟ ରାଉଣ୍ଡରେ ଏହି ଔଷଧ ଖାଇବେ ବୋଲି କାର୍ଯ୍ୟକ୍ରମ ରହିଛି। ପିଲାମାନଙ୍କ କ୍ଷେତ୍ରରେ କୃମି ସଂକ୍ରମଣର ମୁକାବିଲା କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୃମି ନାଶକ ଦ୍ରବଣ/ବଟିକା ୧ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଦିଆଯାଇଥବା ଜଣାପଡିଛି। ପିଲାଙ୍କ ଦେହରେ କୃମି ଥିଲେ ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ଦୁର୍ବଳ ଅନୁଭବ କରିବା ସାଙ୍ଗକୁ ସେମାନଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ। କୃମି



ନାଶକ ଔଷଧ ଖାଇଲେ ପିଲା ମାନେ ଉତ୍ତମ ସ୍ୱାସ୍ଥ୍ୟ ପାଇବା ସହ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ସେମାନଙ୍କ ଉପସ୍ଥାନ ବଢିଥାଏ ଓ ସୁସ୍ଥ ସମାଜ ଗଠନ ହେବା ସାଙ୍ଗକୁ ରକ୍ତହୀନତା ଓ ଅପପୁଷ୍ଟିରୁ ସୁରକ୍ଷା ଦିଆଯାଇଥାଏ। ଆଜି ଅନୁଷ୍ଠିତ ହୋଇଥିବା କୃମି ନାଶକ ଔଷଧ ସେବନ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସି, ଶିକ୍ଷାନୁଷ୍ଠାନ ଗୁଡିକର ଶିକ୍ଷକ, ଏଏନଏମ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସୁପରଭାଇଜର ମାନେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମଧୁସୂଦନ ବାରିକ, ଆୟୁଷ୍ ଡାକ୍ତର ଅକ୍ଷୟ କୁମାର ପାଣିଗ୍ରାହୀ, ବିପିଏମ୍ ସାଗରିକା ମିଶ୍ର, ପିଏଚ୍‌ଇଓ କୁବେର ପାତ୍ର, ଆସିକାର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଂଜ ବେହେରାଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଲକ୍ଷ୍ୟ କରାଯାଇଥିଲା। ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଆସିକା ବ୍ଲକ ଅନ୍ତର୍ଗତ ଜଗଦଳପୁର ହାଇସ୍କୁଲ ଗୁଣ୍ଡପଡା ପରିସରରେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ବେଳେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ବହୁ କର୍ମଚାରୀ ଯୋଗଦେଇଥିବା ଲକ୍ଷ୍ୟ କରାଯାଇଥିଲା।

## ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ୧୮୪୪ ଛାତ୍ରଛାତ୍ରୀ

**ବୁଗୁଡ଼ା,୧୦।୨/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଚଳିତ ବର୍ଷ ଫେବୃୟାରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ମୋଟ ୧୮୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯାଳୟ ସୂତ୍ରରୁ ପ୍ରକାଶ ପାଇଛି । ତେବେ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୬୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୨୨୫ ଜଣ , ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୨୦୧ ଜଣ, ପଙ୍କଳବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୯୪ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୧ ଜଣ , ବି.କରଡ଼ାବାଡ଼ି ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୪ ଜଣ , ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୫ ଜଣ , ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୪୮ ଜଣ, ପୋଚାଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୪୧ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ଜଣାପଡିଛି ।

## ଛାତ୍ରୀଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଫୁଲବାଣୀ,୧୦।୨/ଏନ୍ଏନ୍ଏସ୍:** ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୩ ବିଭାଗର ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡଃ. ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରି ଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଭବିଷ୍ୟତକୁ ଦୃଷ୍ଟିରେ ରଖି ସୁନାଗରିକ ଭାବେ ନିଜକୁ ଗଢି ତୋଳିବା ପାଇଁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ସାଲିନି ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ



କରିଥିବା ବେଳେ ସହସଂଯୋଜକ ଶଙ୍କର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇକ୍ୟୁଏସି. ସଂଯୋଜକ ମୁରଲୀଧର ସେଠୀ, ଏନ୍‌ସିସି ଅଫିସର ଡଃ. ବଳିୟାର ସିଂ, ଜିଲ୍ଲା ଆବାହିକା ଯୁବ ରେଡ୍ କ୍ରସ୍ ଡଃ. ଅଭିପ୍ସା ବଳ, ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ବିପିନ କୁମାର ବେହେରା ପ୍ରମୁଖ ଏହି ଶିବିରରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଉପସ୍ଥିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷିକା ଦିପ୍ତିମୟୀ ମଲ୍ଲିକ ଓ ମାମା ପାର୍ବତୀ ଦଳବେହେରା ଆତ୍ମରକ୍ଷା ବାବଦରେ ସମ୍ୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରୀ ଉପସ୍ଥିତ ଥିଲେ ।

## ଭେଟନଇ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆସିକା,୧୦।୨/ଏନ୍ଏନ୍ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ଭେଟନଇ ଗ୍ରାମ ସ୍ଥିତ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶିବରାମ ଗୌଡଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀ ଓ ସମ୍ମାନିତ ଅତିଥି ରୂପେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ସରପଞ୍ଚ ନମିତା ଜେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୌଦାମିନୀ ହୋତା, ଭୀମସେନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପାଢୀ, ବଜ୍ରକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ନାହାକ, ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ଗୌଡ, ଅବସରପ୍ରାପ୍ତ ଏବିଇଓ ଶଙ୍କର୍ଷଣ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ କୁମାର ନାୟକ, ପ୍ରାକ୍ତନ ଏସ୍ଏମ୍ସି ସଭାପତି ଧ୍ରୁବ ବେହେରା ଓ ସୂର୍ଯ୍ୟନାରାୟଣ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଭଲ ମଣିଷ ହେବା ପାଇଁ ପ୍ରଥମେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ନିଜର ଲକ୍ଷ୍ୟ ପୂରଣ ପାଇଁ କଠିନ ପରିଶ୍ରମ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ । ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅବସରରେ ଶିକ୍ଷାନୁଷ୍ଠାନର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଠାରୁ ଆରମ୍ଭ କରି ଷଷ୍ଠ ଶ୍ରେଣୀରେ ନବୋଦୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶିକ୍ଷାନୁଷ୍ଠାନର ପ୍ରାକ୍ତନ ବିଦ୍ୟାର୍ଥୀ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଭିଭାବକଙ୍କୁ ବିମୋହିତ କରିଦେଇଥିଲା । ଭେଟନଇ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅବସରରେ ପ୍ରାକ୍ତନ



ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଶିକ୍ଷାବିତ୍ ଶଙ୍କର୍ଷଣ ତ୍ରିପାଠୀଙ୍କ ଲିଖିତ ଆସ ଆମେ ପଢିବା ଶିଶୁ କବିତା ସଂକଳନକୁ ଲୋକାର୍ପଣ କରାଯାଇଥିଲା । ଆସିକା ବ୍ଲକ ଅନ୍ତର୍ଗତ ଭେଟନଇ ଗ୍ରାମ ସ୍ଥିତ ଭେଟନଇ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟର ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ନାୟକ, ଝୁନୁ ଦାଶ, ପ୍ରଣୟ ବଲ୍ଲରୀ ନାୟକ, ଜୁଲି ଭିତିରିଆ, ଗୁରୁ ପ୍ରସାଦ ଗୌଡ, ଶିବାନୀ ଡାକୁଆ, ସନ୍ଧ୍ୟାରାଣୀ ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକ ସକ୍ରିୟ ସହଯୋଗ କରିଥିବା ଲକ୍ଷ୍ୟ କରାଯାଇଥିଲା।

## ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ଫୁଲବାଣୀ,୧୦।୨/ଏନ୍ଏନ୍ଏସ୍:** ନିକଟରେ ଅବସର ଏବଂ ପଦୋନ୍ନତି ପାଇଥିବା ନିର୍ବାହୀ ଅଧିକାରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପକ୍ଷରୁ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୧୨ ଜଣ ଅବସରପ୍ରାପ୍ତ ଓ ୧୨ ଜଣ ପଦୋନ୍ନତି ପାଇଥିବା ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଙ୍ଘର ସଭାପତି ଜଗନ୍ନାଥ ରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ମାନସ ରଞ୍ଜନ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠିତ ସଭାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

### ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କଲୋନୀରେ ବୁଲିଲା ବୁଲଡୋଜର

## ଜବରଦଖଲରେ ଥିବା ୧୪ ସରକାରୀ ଘର ଉଚ୍ଛେଦ

**ବ୍ରହ୍ମପୁର,୧୦।୨/ଏନ୍ଏନ୍ଏସ୍:** ବ୍ରହ୍ମପୁର ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କୋଲନୀରେ ଦୀର୍ଘ ବର୍ଷ ଧରି ଜବରଦଖଲରେ ରହୁଥିବା ୧୪ଟି ଘରକୁ ଆଜି ନିଗମ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ନିଗମ ଅଧିନରେ ଥିବା ଏହି କ୍ୱାଟରଗୁଡିକୁ କିଛି କର୍ମଚାରୀ ଭଡାରେ ଲଗାଇଥିବା ବେଳେ ଆଉ କିଛି ଗୃହକୁ ଜବରଦଖଲରେ ରଖାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନିଗମ ପ୍ରଶାସନ ପକ୍ଷରୁ ବେଆଇନ୍ ଭାବେ ଜବରଦଖଲରେ ରଖିଥିବା କିଛି ପରିବାରଙ୍କୁ କ୍ୱାର୍ଟର ଖାଲି କରିବା ଲାଗି ପୂର୍ବରୁ ନୋଟିସ୍ ଜାରି କରାଯାଇଥିଲା। ବ୍ରହ୍ମପୁର ମହାନଗର ନିଗମ ଅଧିନରେ ରହିଛି ମ୍ୟୁନିସିପାଲିଟି କୋଲନୀ । ସରକାରୀ କର୍ମଚାରୀମାନଙ୍କ ପାଇଁ ଲାଞ୍ଜିପଲ୍ଲୀ ମ୍ୟୁନିସପାଲିଟି କୋଲନୀରେ ନିର୍ମିତ ହୋଇଥିଲା ୭୬ଟି କ୍ୱାର୍ଟର । ଏହି ୭୬ କ୍ୱାଟରରୁ ୪୬ କ୍ୱାଟରରେ ବେଆଇନ ଭାବେ ଲୋକେ ଜବରଦଖଲ କରି ରହିଥିବା ନେଇ ଅଭିଯୋଗ ହୋଇଥିଲା । ବିଇଏମ୍‌ସି ନିକଟରେ ଅଭିଯୋଗ ପହଞ୍ଚିବା ପରେ ୪୬ ଜଣଙ୍କ ମଧ୍ୟରୁ କିଛି ପରିବାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଆଉ କିଛି ପରିବାର ଲୋକଙ୍କୁ ଘର ଖାଲି କରିବା ନିମନ୍ତେ ବିଇଏମସି ପକ୍ଷରୁ ଗତ ଡିସେମ୍ବର ୨୦ ଓ ଡିସେମ୍ବର ୨୬ ତାରିଖରେ ଦୁଇ ଦୁଇ ଥର ନୋଟିସ୍ ଜାରି କରାଯାଇଥିଲା । ଗତକାଲି ମଧ୍ୟ ବିଇଏମସି ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜବରଦଖଲରେ ଥିବା ଲୋକଙ୍କୁ ଘର ଖାଲି କରିବାକୁ ଜଣାଇ ଦିଆଯାଇଥିଲା । ଆଜି ଉପ-ଜିଲ୍ଲାପାଳଙ୍କ ସହ ଟାଉନ ଏସଡିପିଓ, ଏକ ପ୍ଲାଟୁନ ପୁଲିସ ଫୋର୍ସ ଉପସ୍ଥିତିରେ ସରକାରୀ କ୍ୱାର୍ଟର ଉଚ୍ଛେଦ କରାଯାଇଥିଲା। ଯେଉଁ କର୍ମଚାରୀ ସରକାରୀ କ୍ୱାର୍ଟରକୁ ଭଡାରେ ଲଗାଇଛନ୍ତି, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ବିଇଏମସି କମିଶନର ପ୍ରଥମେସ୍ ଅରବିନ୍ଦ ରାଜେସିର୍କେ ସୂଚନା ଦେଇଛନ୍ତି।

## ଶ୍ରୀଶ୍ରୀ ତ୍ରିବିଧେଶ୍ୱର ମହାଦେବଙ୍କ ଜାଗରଯାତ୍ରା ପ୍ରସ୍ତୁତି: ରାତି ୧୨ରେ ଉଠିବ ମହାଦୀପ

**ଆସିକା,୧୦।୨/ଏନ୍ଏନ୍ଏସ୍:** ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାଶିବରାତ୍ରୀ ପର୍ବ ପାଳନ ପାଇଁ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଶୈବପୀଠ ଗୁଡିକ ବର୍ତମାନ ଠାରୁ ଚଳଚଞ୍ଚଳ ହୋଇ ଉଠିଛି। ଆସିକା ଏନଏସି ଅଧିନସ୍ଥ ୫ ନମ୍ବର ୱାର୍ଡର ପୂଣ୍ୟତୋୟା ଋଷିକୁଲ୍ୟା ନଦୀତଟରେ କେଉଁ ଆବହମାନ କାଳରୁ ପୂଜା ପାଇ ଆସୁଥିବା ଆସିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ତ୍ରିବିଧେଶ୍ୱରଙ୍କ ମନ୍ଦିରରେ ଜାଗର ଯାତ୍ରାକୁ ବିଧିବିଧାନ ଅନୁଯାୟୀ ମହାଆଡମ୍ବର ସହକାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି।



ଆସିକା ଏନଏସି ଅଧୀନସ୍ଥ ବଜାରସାହି ଅଞ୍ଚଳର ଆଧ୍ୟାତ୍ମିକପ୍ରେମୀ ଜିତେନ୍ଦ୍ର କୁମାର ମହାରଣା, ଅଜିତ୍ କୁମାର ମୁନି, ସାଗର ମୁନି, କାଳିଆ ମୁନି, ନରସିଂହ ମୁନି, ସତୀଶ୍ ଆଚାରୀ, ଇ.ଶୁଭମ୍ ପାତ୍ର, ଓମ୍ ସାହୁ, ରାହୁଲ ଆଚାରୀ, କାହ୍ନା ଆଚାରୀ, ଗାନ୍ଧୀ ମୁନି, ବାବାଚରଣ ମୁନି, ତାରିଣୀ ଆଚାରୀ, ଶିଶିର ମହାପାତ୍ର, ସାଗର ମହାପାତ୍ର, ସନ୍ମୁଖ ଆଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ, ଗ୍ରାମବାସୀ, ଯୁବପିଢୀ ଶ୍ରୀ ତ୍ରିବିଧେଶ୍ୱରଙ୍କ ଆଗାମୀ ଜାଗର ଯାତ୍ରାକୁ ରିତୀନିତୀ ଅନୁଯାଇ ସମ୍ପନ୍ନ କରିବା ଲାଗି ଲାଗିପଡିଛନ୍ତି। ଶୈବପୀଠରେ ଭୋର ୩ଘଟିକାରୁ ପହଡ ଖୋଲିବା ପରେ ଠାକୁରଙ୍କ ଅବକାଶ ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ପରେ ଶ୍ରଦ୍ଧାଳୁଭକ୍ତ ମାନେ ପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ଜଣାପଡିଛି। ପବିତ୍ର ଋଷିକୁଲ୍ୟା ନଦୀତଟରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ଶ୍ରୀ ତ୍ରିବିଧେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ମହାଶିବରାତ୍ରୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଜାଗରଯାତ୍ରା କାର୍ଯ୍ୟକ୍ରମକୁ ବିଧିବିଧାନ ଅନୁଯାୟୀ ମହାଆଡମ୍ବରରେ ପାଳନ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଇଛି। ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବହୁ ଅଲୌକିକ ପ୍ରଚୀନ ତଥା ଅତି ପୁରାତନ ଶୈବପୀଠ ରହିଛି। ସେଥି ମଧ୍ୟରୁ ବଜାର ସାହି ସ୍ଥିତ ଶ୍ରୀ ଶ୍ରୀ ତ୍ରିବିଧେଶ୍ୱର ପୀଠ ଅନ୍ୟତମ । ତ୍ରିବିଧେଶ୍ୱର ମହାଦେବଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କଲେ ସକଳ ପାପ କ୍ଷୟ ହୋଇ ମନସ୍କାମନା ପୂରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁଭକ୍ତଙ୍କ ଅଗାଢ ଭକ୍ତି, ଭାବନା ଓ ବିଶ୍ୱାସ ରହିଛି । ପ୍ରଭୁ ତ୍ରିବିଧେଶ୍ୱର ଭକ୍ତଙ୍କ ଦୁଃଖ ଶୁଣନ୍ତି, ରିଷ୍ଟ ଖଣ୍ଡନ କରନ୍ତି ଏବଂ ତାଙ୍କ ପାଦୁକା ପାନ କଲେ ସର୍ବରୋଗ ଉପସମ ହେବା ସହ ସର୍ବବ୍ୟାଧି ଦୂରେଇଥାଏ ବୋଲି ବିଶ୍ୱାସ ରହିଥିବାରୁ ଏହି ପୀଠକୁ ବର୍ଷତମାମ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟିଥାଏ। ବାବା ତ୍ରିବିଧେଶ୍ୱରଙ୍କ ପୀଠରେ ହରଗୌରୀଙ୍କ ଯୁଗଳମୂର୍ତ୍ତି ପୂଜା ପାଉଥିଲା ବେଳେ ଶ୍ରଦ୍ଧାଳୁ ଭକ୍ତମାନେ ମାନସିକ ପୂରଣ ପାଇଁ ଅତ୍ୟନ୍ତ ନିଷ୍ଠାର ସହ ରୁଦ୍ରାଭିଷେକ ଯଜ୍ଞ ମଧ୍ୟ ବର୍ଷର ବିଭିନ୍ନ ସମୟରେ କରୁଥିବା ଦେଖିବାକୁ ମିଳୁଛି । ଆଗାମୀ ଜାଗରଯାତ୍ରା ପାଇଁ ତ୍ରିବିଧେଶ୍ୱର ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିବା ଦେଖିବାକୁ ମିଳୁଛି ।




# ଜାତୀୟସ୍ତରୀୟ ସଫ୍ଟବଲ୍ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଲେ ଓଡ଼ିଶା ଛାତ୍ର



**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଛତିଶଗଡ଼ର ବିଳାସପୁରଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ସଫ୍ଟ ବଲ୍ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ୍ କରିପାରିଛି। ପଞ୍ଜାବକୁ ୩/୦ ରନ୍ ରେ ହରାଇ ତୃତୀୟ ସ୍ଥାନରେ ରହି ଏହି ସଫଳତା ହାସଲ୍ କରିଛି ଓଡ଼ିଶା। ଏହି ପ୍ରତିଯୋଗିତା ଫେବୃଆରୀ ୪ ରୁ ୮ ତାରିଖ ଯାଏଁ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମୋଟ୍ ୧୬ ଜଣିଆ ଟିମ୍ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରାଜ୍ୟର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆହୁରି ସଫଳତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ କରିଛନ୍ତି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା। ଏହି ପ୍ରତିଯୋଗିତାରେ କୋଚ୍ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ଅଧିନାୟକ ରାଜୁ ପୀଡିକ୍ଷିକା, ଉପ-ଅଧିନାୟକ ତାରିଣୀ ପ୍ରଧାନ, ଜୟନ୍ତ କୁମାର ମହନ୍ତ, ରାଜେଶ ପ୍ରଧାନ, ସୁଜନ ବାସ୍କେ, ସୋନୁ କର୍ତମୀ, ସୌମ୍ୟ ରଞ୍ଜନ ଜେନା, ସୁଦାମ କାର୍ଡ଼କା, ସ୍ୱାଗତ ଡ଼ଙ୍ଗ, ଗୁରୁ ପ୍ରସାଦ ମଲ୍ଲିକ, ପ୍ରଜ୍ଞାନ ସାହୁ, ଅମୁଲ୍ୟ ଦେବନାଥ, ଦିବ୍ୟଜ୍ୟୋତି ଜେନା, ରୁଦ୍ରପ୍ରତାପ ବାରିକ, ଶୁଭାଶିଷ ଦେବନାଥ, ଧର୍ମେନ୍ଦ୍ର ପୀଡିକ୍ଷିକା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାର ଏହି ଉଲ୍ଲେଖନୀୟ ସଫଳତାରେ ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଯୁବ ଖେଳାଳୀମାନଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଯୁଗ୍ମ ନିର୍ଦ୍ଦେଶକ ଫୁଲମଣୀ ମୁର୍ମୁ, ସହକାରୀ ନିର୍ଦ୍ଦେଶକ(ଶାରୀରିକ ଶିକ୍ଷା) ଜ୍ୟୋତି ପ୍ରସାଦ ପରିଡ଼ା ଓ ଓସ୍ତାର ସମ୍ପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।

### ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ୍ ଜଳ ଯୋଗାଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ମାର୍ଚ୍ଚ ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ହେବ।

ବର୍ତ୍ତମାନ ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶାରେ ପାଇପ୍ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି। ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିଭଳି ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ , ୨, ୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ, ଏବଂ ୨୬, ୧୩୭ଟି ନଳକୂପ ସ୍ଥାପିତ ହୋଇଛି। ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।



# ଆଇନ ବିଶାରଦଙ୍କୁ ନେଇ ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ: ବାଚସ୍ପତି



**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଆଇନ ବିଶାରଦଙ୍କୁ ନେଇ ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ। ଏହା କହିଛନ୍ତି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ। ମହାରାଷ୍ଟ୍ର ବିଧାନସଭାଠାରେ ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ପ୍ରବର୍ତ୍ତିତ ଧାରା ଅନୁରୂପ ବିଧାନସଭା ଅଧକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ଦୁଇଦିନିଆ ବାଚସ୍ପତି କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନରୱେକରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି ଖାଦିର ଫରିଦ୍ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଏହାର ପ୍ରଭାବ ଓ ଭବିଷ୍ୟତ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ, ଦଶମ ଅନୁସୂଚୀ ଯାହାକି ଦଳବଦଳ ନିରୋଧ ଆଇନ ଭାବେ ପରିଗଣିତ। ଏହା ୧୯୮୫ରେ ଆମ ସମ୍ବିଧାନର ୫୨ତମ ସଂଶୋଧନରେ ଲାଗୁ କରାଯାଇଛି। ଏହା ଦ୍ୱାରା 'ଆୟା ରାମ, ଗୟା ରାମ' ଭଳି ଏକ ଖରାପ ପରମ୍ପରାକୁ ପ୍ରତିହତ କରାଯାଉଛି। ଏହା ଦ୍ୱାରା ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ଘଟୁଥିବା ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ କ୍ଷେତ୍ରରେ ବହୁମାତ୍ରାରେ ଅଙ୍କୁଶ ଲାଗିପାରୁଛି। ପୂର୍ବରୁ ବିଧାୟକମାନେ ନିଜର ବ୍ୟକ୍ତିଗତ ଲାଭ ପାଇଁ ସମସ୍ତ ନୀତି ଓ ନୈତିକତା ତଥା ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ କୁଠାରାଘାତ କରିଥାଆନ୍ତି। କିନ୍ତୁ ସମ୍ବିଧାନ ସଂଶୋଧନ ଫଳରେ ଏସବୁ କ୍ଷେତ୍ରରେ ଏକ ଲକ୍ଷ୍ମଣରେଖା ରହିପାରୁଛି। ଦଶମ ଅନୁସୂଚୀ ଅନୁଯାୟୀ ଦଳ ବଦଳକାରୀ ତଥା ଦଳଡିଆଁ ବିଧାୟକ ଓ ସାଂସଦମାନଙ୍କୁ ନିର୍ଦ୍ଦିଷ୍ଟ ଦଳରୁ ନିଲମ୍ବନ କରିବା ସହ ସଭ୍ୟପଦ ରଦ୍ଦ କରାଯାଇ ପାରୁଛି। ପରବର୍ତ୍ତୀ ସମୟରେ ୨୦୦୩ରେ ୯୧ତମ ସମ୍ବିଧାନ ସଂଶୋଧନରେ ଏହି ବ୍ୟବସ୍ଥାକୁ ଆହୁରି କଠୋର ଓ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏ କ୍ଷେତ୍ରରେ ୨୦୨୩ର ଆମର ସର୍ବୋଚ୍ଚ ନ୍ୟାୟାଳୟ ଦଳବଦଳ କ୍ଷେତ୍ରରେ ବାଚସ୍ପତିଙ୍କୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଦଳୀୟ ସମ୍ବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ ଦଳରେ କେଉଁ ବିଭାଜିତ ଗୋଷ୍ଠୀ ସେହି ପ୍ରକୃତ ରାଜନୈତିକ ଗୋଷ୍ଠୀର ନା ନୁହେଁ, କେବଳ ବିଧାନସଭା ଗୃହରେ ବହୁମତଧାରୀ ସଦସ୍ୟ ଭାବେ ପ୍ରକୃତରେ ମୂଳ ଦଳ ନା ନୁହେଁ। ଏ ସମ୍ପର୍କରେ ବାଚସ୍ପତି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ। ତେବେ ଏ କ୍ଷେତ୍ରରେ ସମ୍ବିଧାନ ତଥା ଆଇନର ବିଶାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ଓ ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇ ପାରିବ ଏ ଦିଗରେ ଯତ୍ନିବାନ ହେବା ଆବଶ୍ୟକ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ମତ ଉପସ୍ଥାପନ କରିଛନ୍ତି। ପରବର୍ତ୍ତୀ ସମୟରେ ୨୦୨୬ ଏପ୍ରିଲ ୨୦ ଓ ୨୧ ତାରିଖରେ ଭୁବନେଶ୍ୱର କିମ୍ବା ପୁରୀଠାରେ କମିଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସହମତି ପ୍ରକାଶ ପାଇଥିବାବେଳେ ଆଗାମୀ ୮ ମାସ ମଧ୍ୟରେ କମିଟିର ରିପୋର୍ଟ ଲୋକସଭାର ବାଚସ୍ପତିଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ

# ଏନ୍‌ପିଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ଭୁବନେଶ୍ୱର ସ୍ୱତନ୍ତ୍ର କୋଷାଗାର ନଂ-୧ ପକ୍ଷରୁ ଅର୍ଥନୀତି ଓ ପରିସଂଖ୍ୟାନ ଭବନର ସଭାଗୃହରେ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ଼ ବିଜୟ ଭୂଷଣ ନନ୍ଦ ଉଦ୍‌ଘାଟନ କରି କହିଲେ ଯେ ଏପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହ ଏନ୍‌ପିଏସ୍‌କୁ ଅତିରିକ୍ତ ଟ୍ରେଜେରୀ ଅଫିସର୍ ମଧୁସୂଦନ ରାଉତ, ତନ୍ମୟା ଦାଶ ପ୍ରମୁଖ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନେଶ୍ୱରର ସ୍ୱତନ୍ତ୍ର କୋଷାଗାର ନଂ - ୧ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟର ୧୬୫ ଜଣ ଡିଡିଓ ଏଥିରେ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ସବୁର ସରଳ ସମାଧାନ ସମ୍ପର୍କିତ ଏକ ମାର୍ଗଦର୍ଶିକା ସଭିଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା (ଏନପିଏସ୍) ରେ ଅନ୍ତର୍ଭୁକ୍ତ



## ଯୋଗଦେଲେ ୧୬୫ ଡିଡିଓ

ନେଇ ଅଧିକ ସଚେତନତା ସୃଷ୍ଟି କରିବ। ଏହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନେ ପରୋକ୍ଷରେ ଉପକୃତ ହେବେ। କାର୍ଯ୍ୟକ୍ରମରେ ରାଜକୋଷ ଓ ପରିଦର୍ଶନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରାଣବନ୍ଧୁ ବିମଲ୍ ଏବଂ ଆକାଉଣ୍ଟସ ଅଫିସର୍ ଅଭୟ କୁମାର ବେହେରା ଏନପିଏସ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ ସହ ଆଲୋଚନା କରିଥିଲେ। ଭୁବନେଶ୍ୱର ସ୍ୱତନ୍ତ୍ର କୋଷାଗାର ନଂ - ୧ର ଟ୍ରେଜେରୀ ଅଫିସର ଜ୍ୟୋତିର୍ମୟ ନାୟକ, ଓଡ଼ିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ସଂଲଗ୍ନ ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ)ଙ୍କ ନିମନ୍ତେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏନ୍‌ପିଏସ୍‌ର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ହେଉଛି। ଏହି ଅବସରରେ ରାଜ୍ୟରେ ଥିବା ସମସ୍ତ କୋଷାଗାରମାନଙ୍କରେ ହେଲ୍ପଡେସ୍କ ଖୋଲାଯାଇଛି। ଏଥିରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ଏହା ସହ ସମ୍ପର୍କିତ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ମଧ୍ୟ କରାଯିବ।

### ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କଲେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

# ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା



**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଗତକାଲି ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବା ଏବଂ ବିଭିନ୍ନ ସହଯୋଗମୂଳକ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଉପରେ ଉଭୟଙ୍କ ମଧ୍ୟରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଡ. ବିଶ୍ୱାସ ମୁଖ୍ୟ ଶାସନ ସଚିବଙ୍କୁ ଏମ୍ସ ଭୁବନେଶ୍ୱରରେ ରୋଗୀ ସେବା ସହିତ ଜଡ଼ିତ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ଗବେଷଣା ଏବଂ ଡାକ୍ତରୀ ଶିକ୍ଷାପ୍ରଦାନ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟସେବା ପ୍ରଦାନରେ ଉନ୍ନତି ଆଣିବା, ସଂସ୍ଥାଗତ ସହାୟତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଲୋକଙ୍କ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବା ପାଇଁ ସମନ୍ୱିତ ପ୍ରୟାସ, ପାରସ୍ପରିକ ସହଯୋଗ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ଏମ୍ସ ଭୁବନେଶ୍ୱର ଦ୍ୱାରା ଗ୍ରହଣ କରାଯାଇଥିବା ବ୍ୟାପକ ଏବଂ ସାମଗ୍ରିକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ରାଜ୍ୟର ସାମଗ୍ରିକ ଲାଭ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବାକୁ ଆଗକୁ ବଢାଇବା ଏବଂ ସାଂଗଠନିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ସେ ନିରନ୍ତର ସମର୍ଥନ ଏବଂ ମିଳିତ ପ୍ରତିବଦ୍ଧତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# କଷ୍ଟମ୍ ମିଲିଂ ସମସ୍ୟାର ହେବ ସମାଧାନ: ମିଲର୍‌ମାନଙ୍କୁ ମିଳିଲା ପ୍ରତିଶ୍ରୁତି

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ମିଲର୍‌ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଏକ ବୈଠକରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲି଼.ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ।



ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଏବଂ ରାଜ୍ୟ ସରକାରଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ ରେ ସଂଗୃହିତ ଧାନ ଅନୁସାରେ ସେସବୁର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ ୨୦୨୪-୨୫ ମାର୍କେଟିଂ ଋତୁର ଚିକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ଦଶ ପ୍ରତିଶତ ବାକି ରହିଛି ଓ ଏହାର ଯୋଗାଣ ଜାରି ରହିଛି। ସଂଗୃହିତ ନୂଆ ଧାନ ସଂଗ୍ରହ, ଦୀର୍ଘ ସମୟ ଧରି ମିଲରେ କଷ୍ଟମ ମିଲ୍ଡ ଚାଉଳ ଓ ନୂଆ ଧାନ ରଖିବା ପାଇଁ ସ୍ଥାନ ଓ ଧାନ ସଂରକ୍ଷଣ ଜନିତ ସମସ୍ୟା ରହୁଛି । ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଥିବାରୁ ସେ ସମ୍ପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଆହୁରି ମଧ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଥିଲେ। ଦୀର୍ଘ ଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ପ୍ରସ୍ତାବ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘଠାରୁ ମିଲର୍‌ମାନଙ୍କ ସମସ୍ୟା ସମ୍ପର୍କରେ ଶୁଣିଥିଲେ । ସବୁ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ପକ୍ଷରେ ମିଲର୍ସ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ ଧାନ ସଂଗ୍ରହ, ଚୁକ୍ତିଭିତ୍ତିକ କଷ୍ଟମ ମିଲ୍ଡ ଚାଉଳ ପ୍ରଦାନ କରିବା ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ମିଲର୍ସମାନଙ୍କର ସହଯୋଗ ରହିଛି। କିନ୍ତୁ ସାମଗ୍ରିକ ପ୍ରକ୍ରିୟାରେ ମିଲର୍ସମାନେ ଦୀର୍ଘ ଦିନରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଥିଲେ।

# ଫାଇଲେରିଆ ନିରାକରଣ ପାଇଁ ଓଡ଼ିଶାରେ ସାମୂହିକ ଔଷଧ ସେବନ ଆରମ୍ଭ

**ଭୁବନେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଫାଇଲେରିଆ ନାମକ ମଶାଜନିତ ରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର ୭ଟି ବ୍ଲକ୍/ସହରାଞ୍ଚଳର ପ୍ରାୟ ୭.୪୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବାକୁ ଦିଆଯିବ।



ଔଷଧ ସଠିକ୍ ଭାବେ ଓ ନିରୀକ୍ଷଣ ସହିତ ସେବନ ସୁନିଶ୍ଚିତ କରିବା ପାଇଁ ୨୨୦୦ ଜଣ ଔଷଧ ଖୁଆଉଥିବା କର୍ମୀ ନିଯୁକ୍ତ ହୋଇଛନ୍ତି ଏବଂ ୨୧୦ ଜଣ ସୁପରଭାଇଜର ତାଙ୍କ କାର୍ଯ୍ୟ ଉପରେ ନିରୀକ୍ଷଣ କରୁଛନ୍ତି। ଏହି ଅବସରରେ ଜାତୀୟ ସ୍ତରର ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଉଦ୍‌ଘାଟନ ମଧ୍ୟ ଆଭାସୀ ମାଧ୍ୟମରେ ଜେ. ପି. ନଡ୍ଡା, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ଲିମ୍ଫାଟିକ୍ ଫାଇଲେରିଆସିସ୍ ନିରାକରଣ କ୍ଷେତ୍ରରେ ଓଡ଼ିଶା ରାଜ୍ୟ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ୨୦୨୩ ମସିହାରେ ରାଜ୍ୟର ୩୪୯ଟି ବ୍ଲକ୍/ସହରାଞ୍ଚଳରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଥିବାବେଳେ ୨୦୨୫ ମସିହାରେ ଏହା ୧୬୨କୁ କମିଥିଲା। ୨୦୨୫-୨୬ ମସିହାରେ ୨୫ଟି ଇଭାଲୁଏସନ୍ ୟୁନିଟ୍ ଓ ୧୧୩ଟି ଇମ୍ପ୍ଲିମେଣ୍ଟେସନ୍ ୟୁନିଟ୍ (ବ୍ଲକ୍/ସହରାଞ୍ଚଳ) ୯୬% ସଫଳତା ହାର ସହିତ ଟ୍ରାନ୍ସମିସନ୍ ଆସେସମେଣ୍ଟ ସର୍ଭେ ପାସ୍ କରିଛନ୍ତି। କୋରାପୁଟ, ମାଲକାନଗିରି, ଗଜପତି, କେନ୍ଦ୍ରାପଡ଼ା, ନବରଙ୍ଗପୁର, ପୁରୀ, ଜଗତସିଂହପୁର, ଦେବଗଡ଼ ଓ ବୌଦ୍ଧ ଏହି ୯ଟି ଜିଲ୍ଲା ୩ ପାସ୍ କରିଛନ୍ତି। ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା ଓ କନ୍ଧମାଳ ୧ କ୍ଲିୟର୍ କରିଛନ୍ତି। କନ୍ଧମାଳ ଜିଲ୍ଲା କେବଳ ୫ ରାଉଣ୍ଡ କ୍ଲିୟର୍ କରିଥିବା ଏକ ଉଦାହରଣୀୟ ସଫଳତା। ୨୦୨୫ ମସିହାରେ ଓଡ଼ିଶାର ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ଭାରତ ସରକାର ଦ୍ୱାରା ଶ୍ରେଷ୍ଠ ପ୍ରଥା ଭାବେ ଚୟନ କରାଯାଇଥିଲା। ରାଜ୍ୟ ସରକାର ବିକଶିତ ଓଡ଼ିଶାର ଦୃଷ୍ଟିକୋଣର ଅଂଶ ଭାବେ ଫାଇଲେରିଆ ନିରାକରଣ ପାଇଁ ଦୃଢ଼ ପ୍ରତିବଦ୍ଧ। ଏହି ଅଭିମୁଖ୍ୟ ଲୋକମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ। ରାଜ୍ୟ ସରକାର ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା ସହ ଏହାକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ସରକାର ଉନ୍ନତ ସ୍ୱାସ୍ଥ୍ୟ ସେବା ଦେବା ପାଇଁ ପ୍ରତିବଦ୍ଧ ରହିଛନ୍ତି।

ନିତିଦିନ NITIDIN

### ଡିପ୍‌ଫେକ୍-ଏଆଇ କଣ୍ଟେଣ୍ଟ୍ ଉପରେ କାର୍ଯ୍ୟାନୁଷ୍ଠାନ

## ଆସିଲା ସଂଶୋଧିତ ନିୟମ, ୨୦ରୁ କାର୍ଯ୍ୟକାରୀ

**ନୂଆଦିଲ୍ଲୀ, ୧୦।୨/ଏଜେନ୍ସି:** ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ନକଲି ଏବଂ ଭ୍ରମାତ୍ମକ ବିଷୟବସ୍ତୁକୁ ରୋକିବା ପାଇଁ କେନ୍ଦ୍ର ସରକାର ସୂଚନା ପ୍ରଯୁକ୍ତିବିଦ୍ୟା (ମଧ୍ୟସ୍ଥି ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ନୀତିଶାସ୍ତ୍ର କୋଡ୍) ନିୟମ, ୨୦୨୧ରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ତେବେ ଏହି ନୂତନ ସଂଶୋଧନଗୁଡ଼ିକ ଫେବୃଆରୀ ୨୦ରୁ କାର୍ଯ୍ୟକାରୀ ହେବ। ତେବେ ଏହି ପରିବର୍ତ୍ତନଗୁଡ଼ିକ ଡିପଫେକ୍ ଏବଂ ଏଆଇ-କୃତ ବିଷୟବସ୍ତୁ ସମ୍ପର୍କରେ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମ ଗୁଡ଼ିକର ଦାୟିତ୍ୱକୁ ଯଥେଷ୍ଟ ବୃଦ୍ଧି କରିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ସମ୍ପାଦନା, ରଙ୍ଗ ସଂଶୋଧନ, ବୈଷୟିକ ସଂଶୋଧନ, ଅନୁବାଦ କିମ୍ବା ଡକ୍ୟୁମେଣ୍ଟ ପ୍ରସ୍ତୁତି ଭଳି କାର୍ଯ୍ୟକଳାପକୁ କୃତ୍ରିମ ବିଷୟବସ୍ତୁ ଭାବରେ ବିବେଚନା କରାଯିବ ନାହିଁ।




ନୂତନ ନିୟମ ଅନୁଯାୟୀ, ଯଦି କୌଣସି ସୋସିଆଲ ମିଡିଆ ପ୍ଲାଟଫର୍ମ ବେଆଇନ କିମ୍ବା ଭ୍ରମାତ୍ମକ ଏଆଇ ବିଷୟବସ୍ତୁ ବିଷୟରେ ଜାଣିପାରେ, ତେବେ ଏହାକୁ ୩ ଘଣ୍ଟା ମଧ୍ୟରେ ହଟାଇବା ଆବଶ୍ୟକ। ପୂର୍ବରୁ, ଏଥିପାଇଁ ସମୟ ସୀମା ୩୬ ଘଣ୍ଟା ଥିଲା। ସେହିପରି ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଏଆଇ-ଜେନେରେଟେଡ୍ ବିଷୟବସ୍ତୁ ଚିହ୍ନଟ କରିବା ପାଇଁ ବୈଷୟିକ ଉପକରଣ ନିୟୋଜିତ କରିବାକୁ ପଡିବ, ଏପରି ବିଷୟବସ୍ତୁକୁ ସ୍ପଷ୍ଟ ଭାବରେ ଲେବଲ୍ କରିବାକୁ ପଡିବ ଏବଂ ଏକ ସ୍ଥାୟୀ ଡିଜିଟାଲ୍ ପରିଚୟ କିମ୍ବା ମେଟା ଡାଟା ଯୋଡ଼ିବାକୁ ପଡିବ, ଯାହାକୁ ଅପସାରିତ କରାଯାଇପାରିବ ନାହିଁ। ସରକାର ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକୁ ପ୍ରତି ତିନି ମାସରେ ନିୟମ ଏବଂ ନିୟମାବଳୀ ବିଷୟରେ ଉପଭୋକ୍ତାମାନଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନିରବଚ୍ଛିନ୍ନ କୋଇଲା ଉତ୍ପାଦନ ଏବଂ ଯୋଗାଣ ଜାରି ରଖିବାକୁ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ଆହ୍ୱାନ

**ସମ୍ବଲପୁର, ୧୦।୨/ଏଜେନ୍ସି:** ଆସନ୍ତା ୧୨ ତାରିଖରେ ବିଭିନ୍ନ ଶ୍ରମିକ ସଂଗଠନ ଦ୍ୱାରା ପ୍ରସ୍ତାବିତ ଦେଶବ୍ୟାପୀ ଦିଆଯାଇଥିବା ଧର୍ମଘଟ ବିଜ୍ଞପ୍ତି ପାଇଁ ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଉଦୟ ଅନନ୍ତ କାଓଲେ ମଙ୍ଗଳବାର ଦିନ କମ୍ପାନୀର ମୁଖ୍ୟାଳୟ ଠାରେ ସମସ୍ତ ଶ୍ରମିକ ସଂଗଠନର ପ୍ରତିନିଧିମାନଙ୍କୁ ନେଇ ଏକ ଜରୁରୀକାଳୀନ ସଂଯୁକ୍ତ ପରାମର୍ଶଦାତା ସମିତି ବୈଠକ ଡାକିଥିଲେ। ବୈଠକରେ କମ୍ପାନିର ସମସ୍ତ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଓ ଶ୍ରମିକ ସଂଗଠନର ପ୍ରତିନିଧିମାନଙ୍କ ମଧ୍ୟରେ ରଞ୍ଜନ ବେହେରା (ବିଏମ୍‌ଏସ୍), ଶଙ୍କର ବେହେରା, ଏଚ୍‌ଏମ୍‌ଏସ୍ (ଓସିଏମ୍‌ଏଲ୍‌ଏଫ୍), ଅଶୋକ କୁମାର ଦାସ, ଏଆଇଟିୟୁସି ଏବଂ ପ୍ରକାଶ ଜୈନ, ସିଏମ୍‌ଓଏଆଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ସିଏମ୍‌ଡି ଶ୍ରୀ କାଓଲେ ଏମ୍‌ସିଏଲ୍‌ର ଶିଳ୍ପ ସୌହାର୍ଦ୍ଦ୍ୟର ଦୀର୍ଘ ପରମ୍ପରା ଏବଂ ବାର୍ତ୍ତାଳାପ ମାଧ୍ୟମରେ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶକ୍ତି ଯୋଗାଣ ଏବଂ ବ୍ୟାପକ ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କରୁଥିବା କୋଇଲାର ସମସ୍ତ ପରିଚାଳନାରେ ବାଧାବିଘ୍ନକୁ ଏଡ଼ାଇବା ପାଇଁ ସଂଯମତା ଅବଲମ୍ବନ କରିବା ଏବଂ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ଟ୍ରେଡ୍ ୟୁନିଅନର ମୁଖ୍ୟମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ) ନିରବଚ୍ଛିନ୍ନ କୋଇଲା ଉତ୍ପାଦନ ଏବଂ ପ୍ରେରଣ ବଜାୟ ରଖିବା ପାଇଁ ସମସ୍ତ ଶ୍ରମିକ ସଂଗଠନର ପ୍ରତିନିଧି ମାନଙ୍କୁ ନିବେଦନ କରିଥିଲେ।

## ଫ୍ରାନ୍ସ ଠାରୁ ଆଉ ୧୧୪ ରାଫେଲ୍ ବିମାନ କିଣିବ ଭାରତ !

**ନୂଆଦିଲ୍ଲୀ, ୧୦।୨/ଏଜେନ୍ସି:** ଭାରତୀୟ ବାୟୁସେନା ପାଇଁ ୧୧୪ଟି ଫ୍ରାନ୍ସ ନିର୍ମିତ ରାଫେଲ୍ ଯୁଦ୍ଧ ବିମାନ କିଣିବାକୁ ୩.୨୫ ଲକ୍ଷ କୋଟି ଟଙ୍କାର ଚୁକ୍ତିକୁ ପ୍ରତିରକ୍ଷା ମନ୍ତ୍ରାଳୟ ଚଳିତ ସପ୍ତାହରେ ମଞ୍ଜୁରୀ ଦେଇପାରେ। ଥରେ ଏହି ଚୁକ୍ତି ଅନୁମୋଦନ ହେବା ପରେ ଏହା କେବଳ ଭାରତର ସର୍ବବୃହତ୍ ଅସ୍ତ୍ରଶସ୍ତ୍ର ଚୁକ୍ତି ହେବ ତାହା ନୁହେଁ ବରଂ ଏହା ଫ୍ରାନ୍ସରୁ ଉନ୍ନତ ମାନର ଜେଟ୍ ନିର୍ମାଣ ଜ୍ଞାନକୌଶଳ ମଧ୍ୟ ଭାରତକୁ ଆସିବା ଦିଗରେ ଏକ ବଡ଼ ସୁଯୋଗ ସୃଷ୍ଟି କରିବ। କାରଣ ନିର୍ଦ୍ଦିଷ୍ଟ ସଂଖ୍ୟକ ବା ପ୍ରାୟ ୧୦୦ଟି ଜେଟ୍ ଭାରତରେ ଉତ୍ପାଦନ ହେବ। ଏଥିରେ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ବୃଦ୍ଧି କରିବା ପାଇଁ ଏକ ରଣନୀତିକ ଭାଗୀଦାରି ଅନ୍ତର୍ଭୁକ୍ତ ହେବ।



ତେବେ ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ରାଫେଲର ସର୍ବବୃହତ୍ ଅଣ-ଫରାସୀ ଅପରେଟର ମଧ୍ୟରୁ ଭାରତ ଅନ୍ୟତମ ପାଲଟିଯିବ। ପ୍ରକାଶ, ରାଫେଲ୍‌କୁ ବର୍ତ୍ତମାନ ସମୟରେ ବିଶ୍ୱର ସବୁଠାରୁ ଘାତକ ବିମାନ ଭାବରେ ବିବେଚନା କରାଯାଉଛି। ଭାରତ ପାଖରେ ପୂର୍ବରୁ ୩୬ଟି ରାଫେଲ ଅଛି ଏବଂ ବାୟୁସେନା ଡିସେମ୍ବର ୨୦୨୪ରେ ଶେଷ 'ସି' ଭାରିଆଣ୍ଟ ପାଇଥିଲା। ଏଥିସହ ଭାରତ ୬୩,୦୦୦ କୋଟି ଟଙ୍କା ମୂଲ୍ୟର ଚୁକ୍ତିରେ ୨୬ଟି ନୌସେନା ଭାରିଆଣ୍ଟ, 'ଏମ୍' ସଂସ୍କରଣ ଅର୍ଡର କରିଛି।

### ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ବଡ଼ ବୟାନ୍

## 'ଧ୍ୱଂସର ରାତ୍ରୀ କେବେ ଆସିବନି, ବାବ୍ରୀ ଢାଞ୍ଚା ପୁନଃନିର୍ମାଣ ହେବନି'

**ଲକ୍ଷ୍ନୌ, ବାରବାଙ୍କୀ, ୧୦।୨/ଏଜେନ୍ସି:** ଆଉ ଏକ ବାବ୍ରୀ ମସ୍‌ଜିଦ୍ ନିର୍ମାଣକୁ ନେଇ ଚାଲିଥିବା ଚର୍ଚ୍ଚା ତଥା ଦାବି ମଧ୍ୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବଡ ବୟାନ ସାମ୍ନାକୁ ଆସିଛି। ଯୋଗୀ କହିଛନ୍ତି ଯେ, ଯେଉଁମାନେ ଦାବି କରୁଛନ୍ତି ଦିନେ ନା ଦିନେ ବିନାଶ ବା ଧ୍ୱଂସର ରାତ୍ରୀ ଆସିବ (କୟାମତ୍ କି ରାତ୍ ଆଏଗି) ଏବଂ ସେମାନେ ପୁଣିଥରେ ବାବ୍ରୀ ମସ୍‌ଜିଦ୍‌ର ଢ଼ାଞ୍ଚା ନିର୍ମାଣ କରିବେ, ସେମାନେ ଏମିତି ସଡ଼ି ସଡ଼ି ମରି ହଜିଯିବେ। ସେମାନଙ୍କ ସ୍ୱପ୍ନ କଦାପି ସଫଳ ହେବନାହିଁ। ବାବ୍ରୀ ଢାଞ୍ଚାକୁ ପୁନଃନିର୍ମାଣ କରିବାକୁ କଦାପି ଦିଆଯିବ ନାହିଁ।' ଉତ୍ତର ପ୍ରଦେଶର ବାରବାଙ୍କି ଠାରେ ଆୟୋଜିତ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଏପ୍ରକାର ବୟାନ୍ ଦେଇଛନ୍ତି। ଯୋଗୀ କହିଛନ୍ତି, ଯିଏ ଆଇନ ଭଙ୍ଗ କରିବ ତାକୁ ନର୍କର ଦ୍ୱାର ଦେଖାଇଦିଆଯିବ, ସୁତରାଂ ନିୟମ ତଥା ଆଇନ୍ ଅନୁସାରେ ହିଁ ରହିବା ସମସ୍ତଙ୍କ ପକ୍ଷେ ଭଲ ହେବ। ଯେକେହି ସାମାନ୍ୟତମ ସାମ୍ପ୍ରଦାୟିକ ସଦ୍‌ଭାବକୁ ଆଘାତ ଦେବାକୁ ଚେଷ୍ଟା କରିବ, ସେମାନେ ନିଜ ଗୋଡରେ ନିଜେ ଆଘାତ କରିବେ। ଯୋଗୀ କହିଛନ୍ତି, "ଯେଉଁମାନେ ବାବ୍ରୀ ଢାଞ୍ଚାର ସ୍ୱପ୍ନ ଦେଖୁଛନ୍ତି, ସେମାନେ ଗୋଟିଏ କଥା ବେଶ୍ ଭଲଭାବେ ବୁଝିଯିବା ଉଚିତ୍ ଯେ, ସେଦିନ କେବେ ବି ଆସିବ ନାହିଁ। କୟାମତ୍ ଆସିବାର ଅପେକ୍ଷାରେ ବଞ୍ଚନ୍ତୁ ନାହିଁ। ଭାରତର ନିୟମ ଅନୁସାରେ ବଞ୍ଚିବା ଶିଖନ୍ତୁ। ଦେଶର ଆଇନ ପାଳନ କରନ୍ତୁ। ଯଦି କେହି ଆଇନ ଭାଙ୍ଗି ସ୍ୱର୍ଗ ଯିବାର ସ୍ୱପ୍ନ ଦେଖେ, ତେବେ ସେମାନଙ୍କର ସ୍ୱପ୍ନ କେବେ ପୂରଣ ହେବ ନାହିଁ।"



ସୂଚନାଯୋଗ୍ୟ, ବାବ୍ରୀ ମସଜିଦକୁ ନେଇ ବର୍ତ୍ତମାନ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ପୂର୍ବତନ ଟିଏମ୍‌ସି ନେତା ହୁମାୟୁନ କବୀର ବଙ୍ଗଳାରେ ବାବ୍ରୀ ମସଜିଦ୍ ସଦୃଶ ଏକ ମସଜିଦ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। କବୀର ଦାବି କରିଥିଲେ ଯେ ସେ ବାବ୍ରି ମସଜିଦର ଏକ ପ୍ରତିକୃତି ନିର୍ମାଣ କରିବେ, ଯାହା ପରେ ତାଙ୍କୁ ଟିଏମସିରୁ ବହିଷ୍କାର କରାଯାଇଥିଲା। ଏହା ପରେ ସେ ତାଙ୍କର ନୂତନ ଦଳ ଘୋଷଣା କରିଥିଲେ ଏବଂ କହିଥିଲେ ଯେ ସେ ନିଶ୍ଚିତ ଭାବରେ ମସଜିଦ ନିର୍ମାଣ କରିବେ, ଦାବି କରିଥିଲେ ଯେ ସେ ବିଧାନସଭା ନିର୍ବାଚନ ମଧ୍ୟ ଲଢ଼ିବେ। ରିପୋର୍ଟ ଅନୁସାରେ, ଫେବୃଆରୀ ୧୧ତାରିଖରେ ମସ୍‌ଜିଦର କାମ ଆରମ୍ଭ ହେବାକୁ ଯାଉଛି, ଏବଂ ଦୂର ଦୂରାନ୍ତରୁ ମୌଲନା ଏବଂ ଇସଲାମିକ୍ ଧର୍ମଗୁରୁମାନେ ଆସୁଛନ୍ତି।

### ବାଚସ୍ପତିଙ୍କ ବିରୋଧରେ ଆସିଲା ଅନାସ୍ଥା ପ୍ରସ୍ତାବ

## ୧୧୮ ବିରୋଧୀ ସାଂସଦଙ୍କ ଦସ୍ତଖତ ଥିବା ସୂଚନା

**ନୂଆଦିଲ୍ଲୀ, ୧୦।୨/ଏଜେନ୍ସି:** ଶେଷରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ବିରୋଧୀ ଦଳ। ଅନାସ୍ଥାକୁ ସମର୍ଥନ କରୁଥିବା ପ୍ରାୟ ୧୧୮ ବିରୋଧୀ ସାଂସଦଙ୍କ ସ୍ୱାକ୍ଷର ଥିବା ଏକ ଦାବିପତ୍ର ବା ନୋଟିସ୍‌କୁ ଲୋକସଭାର ମହାସଚିବ ଉତ୍ପଳ କୁମାର ସିଂହଙ୍କୁ ପ୍ରଦାନ କରାଯାଇଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବିରୋଧୀ ଦଳ ଏହି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ତେବେ ଏହା ଉପରେ ମାର୍ଚ୍ଚ ମାସରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ସମୟରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ବିରୋଧୀଙ୍କ ଏପ୍ରକାର ଆଭିମୁଖ୍ୟରେ ଅସନ୍ତୁଷ୍ଟ ହୋଇ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଏକ ବଡ଼ ନିଷ୍ପତ୍ତି ନେଇଥିବା ଜଣାପଡିଛି। ବିର୍ଲା ଆଜି ଘୋଷଣା କରିଛନ୍ତି ଯେ, ବିରୋଧୀ ତାଙ୍କ ବିପକ୍ଷରେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଚୂଡାନ୍ତ ନିଷ୍କର୍ଷ ନ ଆସିବା ଯାଏ ସେ ବାଚସ୍ପତି ଚୌକିରେ ବସିବେ ନାହିଁ କିମ୍ବା ଲୋକସଭାରେ କୌଣସି କାର୍ଯ୍ୟରେ ଗୃହ ଅଧ୍ୟକ୍ଷ ଭାବେ ଯୋଗଦେବେ ନାହିଁ। ଯଦିଓ ଅନାସ୍ଥା ପ୍ରସ୍ତାବ ଗୃହୀତ ନହେବା ପର୍ଯ୍ୟନ୍ତ ବାଚସ୍ପତିଙ୍କୁ ହଟାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ, କିନ୍ତୁ ଅନାସ୍ଥା ପ୍ରସ୍ତାବ ଗ୍ରହଣ କିମ୍ବା ଏହାର ଏକ ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ବିର୍ଲା ବାଚସ୍ପତିଙ୍କ ଚୌକିରେ ନବସିବାକୁ ଆପଣାଛାଏ ନିଷ୍ପତ୍ତି ନେଇଛନ୍ତି।

**ଆଲୋଚନା ନହେବା ଯାଏ ଚୌକିରେ ନବସିବାକୁ ନିଷ୍ପତ୍ତି ନେଲେ ଓମ୍ ବିର୍ଲା**

ପ୍ରକାଶ, କଂଗ୍ରେସ ସଭାପତି ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖର୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍ ବୈଠକରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଗୃହରେ ବାଚସ୍ପତି ପକ୍ଷପାତିତା କରୁଥିବା



ଅଭିଯୋଗ ଆଣିବା ସହ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ମିଳୁନଥିବା ଅଭିଯୋଗ କରିଛି କଂଗ୍ରେସ। ଲୋକସଭା ବାଚସ୍ପତି ନୋଟିସ୍ ଯାଞ୍ଚ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ସମ୍ବିଧାନର ଧାରା ୯୪-ସି ଲୋକସଭା ବାଚସ୍ପତିଙ୍କୁ ପଦରୁ ବହିଷ୍କାର କରିବାର ବ୍ୟବସ୍ଥା ରହିଛି । ମଙ୍ଗଳବାର ବଜେଟ୍ ଅଧିବେଶନର ଦଶମ କାର୍ଯ୍ୟ ଦିବସରେ ଲୋକସଭା ପ୍ରଶ୍ନକାଳ ଆରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଗୃହ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ। ମାତ୍ର ଗୋଟିଏ ମିନିଟ୍ ପରେ, ଅଧ୍ୟକ୍ଷତା କରୁଥିବା ପିସି ମୋହନ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ଆରମ୍ଭ ହୋଇଥିଲା। ବିରୋଧୀ ଦଳ ବିରୋଧ ଜାରି ରଖିଥିଲେ, ସାଂସଦମାନେ "ଆମେ ନ୍ୟାୟ ଚାହୁଁଛୁ" ସ୍ଲୋଗାନ ଦେଇଥିଲେ। ତା'ପରେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ଆସନ୍ତା କାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା।

### 'ଫୋର୍ ଷ୍ଟାର୍‌ସ ଅଫ୍ ଡେଷ୍ଟିନି' ବିବାଦ

# ପୁସ୍ତକ ପ୍ରକାଶିତ ହୋଇନଥିବା ଦାବି କଲା ପେଙ୍ଗୁଇନ୍

### ପବ୍ଲିକେସନ୍‌ର ପୋଷ୍ଟ ସେୟାର୍ କଲେ ପୂର୍ବତନ ସେନା ମୁଖ୍ୟ

**ନୂଆଦିଲ୍ଲୀ, ୧୦।୨/ଏଜେନ୍ସି:** ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରଭାଣେଙ୍କ ଆତ୍ମଜୀବନୀ ଉପରେ ଲିଖିତ ପୁସ୍ତକ 'ଫୋର୍ ଷ୍ଟାର୍‌ସ ଅଫ୍ ଡେଷ୍ଟିନି'କୁ ନେଇ ଗତ ୧୦ ଦିନ ଧରି ସଂସଦର ଉଭୟ ଗୃହରେ ହାଇଭୋଲ୍‌ଟେଜ୍ ଡ୍ରାମା ଦେଖିବାକୁ ମିଳିଆସୁଛି। ପୁସ୍ତକରେ ନରଭାଣେ ଚୀନ୍ ସହ ଭାରତର ଡୋକ୍‌ଲାମ୍ ଏବଂ ଗଲୱାନ୍ ସୀମା ବିବାଦ ସମ୍ପର୍କରେ କିଛି ତଥ୍ୟ ଉଲ୍ଲେଖ କରିଥିବା ବେଳେ ଏହାକୁ କେନ୍ଦ୍ର କରି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏସମ୍ପର୍କରେ ଗୃହରେ ନିଜ ଭାଷଣ ରଖିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ ସୁଯୋଗ ମିଳିନାହିଁ। ଏହାକୁ ନେଇ କଂଗ୍ରେସ ସମେତ ପ୍ରାୟ ସମସ୍ତ ବିରୋଧୀ ଦଳ ଏକଜୁଟ୍ ହୋଇ ରାହୁଲ୍‌ଙ୍କୁ ଗୃହରେ କହିବାକୁ ସୁଯୋଗ ଦିଆଯିବା ଦାବିରେ ଗୃହରେ ହଟ୍ଟଗୋଳ, ନାରାବାଜି, ହଙ୍ଗାମା ଆଦି କରିବା ପୂର୍ବକ ଗୃହରେ ଅଚଳାବସ୍ଥା ଜାରି ରଖିଛନ୍ତି। ଅନ୍ୟପକ୍ଷେ ଏହି ପୁସ୍ତକ ପ୍ରକାଶିତ ହୋଇନଥିବା ବେଳେ ରାହୁଲ୍ କେଉଁଠୁ ଏହି ପୁସ୍ତକ ପାଇଲେ ସେନେଇ ତାଙ୍କ ବିରୋଧରେ ଦିଲ୍ଲୀ ପୁଲିସ୍‌ରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡିଛି।







ଏସବୁ ମଧ୍ୟରେ ପୁସ୍ତକ ପ୍ରକାଶନୀ ସଂସ୍ଥା 'ପେଙ୍ଗୁଇନ୍' ପକ୍ଷରୁ ଏକ ବଡ଼ ବିବୃତ୍ତି ଜାରି କରାଯାଇଛି। ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ନାମକ ଏହି ପ୍ରକାଶନୀ ସଂସ୍ଥା ଦୃଢ଼ତାର ସହ କହିଛି ଯେ, ପୂର୍ବତନ ସେନାମୁଖ୍ୟଙ୍କ ପୁସ୍ତକ 'ଫୋର୍ ଷ୍ଟାର୍‌ସ ଅଫ୍ ଡେଷ୍ଟିନି'ର ପ୍ରକାଶନ ଅଧିକାର ଏହା ପାଖରେ ରହିଛି। ତେବେ ଏହି ପୁସ୍ତକ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ କିମ୍ବା ଏହାର କୌଣସି ଅଂଶକୁ ମଧ୍ୟ ପ୍ରକାଶନୀ ସଂସ୍ଥା ପକ୍ଷରୁ ସାର୍ବଜନୀନ କରାଯାଇନାହିଁ। କମ୍ପାନୀ କହିଛି ଯେ ଏହା ସମସ୍ତ ପ୍ରକାଶନ ଅଧିକାର ବଜାୟ ରଖିଛି। ପୁସ୍ତକର ଏକ ମୁଦ୍ରିତ କିମ୍ବା ଡିଜିଟାଲ୍ କପି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ଗୋଟିଏପଟେ ପେଙ୍ଗୁଇନ୍ ପ୍ରକାଶନୀ ସଂସ୍ଥା ଏପରି କିଛି ସ୍ପଷ୍ଟୀକରଣ ଦେଇଥିବା ବେଳେ ଅନ୍ୟପକ୍ଷେ ନିଜେ ଏମ୍‌ଏମ୍ ନରଭାଣେ କିନ୍ତୁ ଭିନ୍ନ ଦାବି କରିଛନ୍ତି। ନରଭାଣେ ମଙ୍ଗଳବାର ପ୍ରଥମ ଥର ପାଇଁ ଏହି ବିବାଦ ଉପରେ ମୁହଁ ଖୋଲି କହିଛନ୍ତି ଯେ, ତାଙ୍କ ପୁସ୍ତକ 'ଫୋର୍ ଷ୍ଟାର୍‌ସ ଅଫ୍ ଡେଷ୍ଟିନି' ପ୍ରକାଶ ପାଇସାରିଛି। ଏପରିକି ଶ୍ରୀ ନରଭାଣେ ନିଜ ସୋସିଆଲ ମିଡିଆ ପୋଷ୍ଟରେ ପୁସ୍ତକର ସ୍ଥିତାବସ୍ଥା ସମ୍ପର୍କରେ ସୂଚୀତ କରିବାକୁ ଯାଇ କମ୍ପାନୀର ବିବୃତ୍ତିକୁ ପୁନଃ ପୋଷ୍ଟ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପୁସ୍ତକ ପ୍ରକାଶ ହୋଇସାରିଥିବା ବେଳେ ସମ୍ପ୍ରତି ବିତରଣ ପ୍ରକ୍ରିୟା ଅଧୀନ ରହିଥିବା ତାଙ୍କୁ ସୂଚୀତ କରାଯାଇଥିଲା।

ପେଙ୍ଗୁଇନ୍ ପକ୍ଷରୁ ଦାବି କରାଯାଉଥିବା କଥାକୁ ନରଭାଣେଙ୍କ ପୋଷ୍ଟ ଖଣ୍ଡନ କରୁଥିବା ବେଳେ ଏହାକୁ ନେଇ ରାହୁଲ କହିଛନ୍ତି, ଉଭୟ କମ୍ପାନୀ କିମ୍ବା ଶ୍ରୀ ନରଭାଣେଙ୍କ ମଧ୍ୟରୁ ଜଣେ କେହି ମିଛ କହୁଛନ୍ତି। ସୂଚନାଯୋଗ୍ୟ, ପୁସ୍ତକର ଅନଧିକୃତ କପି ଲିକ୍ ଏବଂ ଅନଲାଇନରେ ପ୍ରସାରିତ ହେଉଥିବା ଦାବି ସାମ୍ନାକୁ ଆସିବା ପରେ କମ୍ପାନୀର ସ୍ପଷ୍ଟୀକରଣ ଆସିଥିଲା। ଏବେ ନରଭାଣେ ମଧ୍ୟ ନିଜ ପକ୍ଷ ସ୍ପଷ୍ଟ କରିସାରିଛନ୍ତି।



**ମଣିପୁର ଉଖରୁଲ୍ ଜିଲ୍ଲାରେ ସାମ୍ପ୍ରଦାୟିକ ହିଂସାକାଣ୍ଡ, ୨୫ ଉର୍ଦ୍ଧ୍ୱ ଘର ଜାଳିଦେଲେ ଦୁର୍ବୃତ୍ତ**

## ଗାଜାରେ ଇସ୍ରାଏଲର ବିମାନ ଆକ୍ରମଣ: ୩ ମୃତ

**ଜେରୁଜେଲମ, ୧୦।୨/ଏଜେନ୍ସି:** ଗାଜା ଷ୍ଟ୍ରିପ୍‌ରେ ଗତ ୪ ମାସ ଧରି ଅସ୍ତ୍ରବିରତି ସତ୍ତ୍ୱେ ଇସ୍ରାଏଲ ପକ୍ଷରୁ ପୁଣି ବିମାନ ଆକ୍ରମଣ ହୋଇଛି। ତେବେ ଇସ୍ରାଏଲର ଏହି ସଦ୍ୟତମ ସାମରିକ କାର୍ଯ୍ୟାନୁଷ୍ଠାନରେ ୩ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ସେହିପରି ଅନେକ ବାସହରା ହୋଇପଡିଛନ୍ତି। ସ୍ଥାନୀୟ ଅଞ୍ଚଳରେ ପୁଣି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଇସ୍ରାଏଲୀ ସେନା ଦାବି କରିଛି ଯେ, ରାଫାରେ ସେମାନଙ୍କ ସୈନିକଙ୍କ ଉପରେ ହୋଇଥିବା ଗୁଳିଚାଳନା ପ୍ରତିବାଦରେ ଏହି ଆକ୍ରମଣ କରାଯାଇଛି। ଏହି ଘଟଣା ଏପରି ସମୟରେ ଘଟିଛି ଯେତେବେଳେ ଆମେରିକା ସମର୍ଥିତ ଶାନ୍ତି ଚୁକ୍ତିନାମା ଅନୁଯାୟୀ ବନ୍ଧକ ବିନିମୟ ପ୍ରକ୍ରିୟା ଚାଲିଥିଲା। ପ୍ରାୟ ୪ ମାସ ପୂର୍ବେ, ଆମେରିକା ରାଷ୍ଟ୍ରପତିଙ୍କ ୨୦-ସୂତ୍ରୀ ଢାଞ୍ଚା ଉପରେ ଆଧାରିତ ଏକ ଐତିହାସିକ ଅସ୍ତ୍ରବିରତି ଚୁକ୍ତିନାମା କାର୍ଯ୍ୟକାରୀ ହୋଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ, ହମାସ ଜୀବିତ ବନ୍ଧକମାନଙ୍କୁ ମୁକ୍ତ କରିଥିଲା ଓ ପ୍ରତିବଦଳରେ ଅନେକ ବନ୍ଦୀଙ୍କୁ ମୁକ୍ତ କରିଥିଲା। ଚୁକ୍ତିନାମା ପରେ ମଧ୍ୟ ସଂଘର୍ଷ ତଥା ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇନାହିଁ।

## ସାଂସଦ ପପୁ ଯାଦବଙ୍କୁ ଜାମିନ୍

### ତିନିଦିନ ପୂର୍ବରୁ ହୋଇଥିଲେ ଗିରଫ

**ପାଟନା, ୧୦।୨/ଏଜେନ୍ସି:** ମଙ୍ଗଳବାର ପାଟନା ସିଭିଲ୍ କୋର୍ଟ (ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ) ପୂର୍ଣ୍ଣିଆ ସାଂସଦ ପପୁ ଯାଦବଙ୍କୁ ଏକ ୩୧ ବର୍ଷ ପୁରୁଣା ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ୩ ଦିନ ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା ଏବଂ ଜେଲ୍‌ରେ ରଖାଯାଇଥିଲା। ତେବେ ଆଜି ତାଙ୍କ ବିପକ୍ଷରେ ରୁଜୁ ମାମଲା ଉପରେ ଶୁଣାଣି ଥିବା ବେଳେ ତାଙ୍କୁ ଜେଲ୍‌ରୁ କୋର୍ଟ ପର୍ଯ୍ୟନ୍ତ ଅଣାଯାଇଥିଲା। ପପୁଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ତାଙ୍କ ଓକିଲମାନେ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ଯେଉଁ ମାମଲାରେ ତାଙ୍କୁ ଅଭିଯୁକ୍ତ କରାଯାଇଛି ସେଥିରେ ତାଙ୍କର ସିଧାସଳଖ ସମ୍ପୃକ୍ତିର ପର୍ଯ୍ୟାପ୍ତ ପ୍ରମାଣ ନାହିଁ। ଅନ୍ୟପକ୍ଷେ ପପୁ ଯାଦବ ଉକ୍ତ ମାମଲାରେ ତଦନ୍ତକାରୀ ଟିମ୍‌କୁ ମଧ୍ୟ ପୂର୍ଣ୍ଣ ସହଯୋଗ କରୁଛନ୍ତି। ତେବେ ପପୁଙ୍କ ଓକିଲ ଟିମ୍ ପକ୍ଷରୁ ଏପ୍ରକାର ଯୁକ୍ତି ସାଙ୍ଗକୁ ଅଭିଯୋଗ ସମ୍ପର୍କୀତ ଯଥେଷ୍ଟ ପ୍ରମାଣ ନଥିବାରୁ କୋର୍ଟ ପପୁ ଯାଦବଙ୍କୁ ଜାମିନ୍ ମଞ୍ଜୁର କରିଛନ୍ତି।



ପାଟନା ପୁଲିସ ତାଙ୍କୁ ଶୁକ୍ରବାର ମଧ୍ୟରାତ୍ରରେ ଏକ ୩୧ ବର୍ଷ ପୁରୁଣା ମାମଲାରେ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା, ଯାହା ପରେ କୋର୍ଟ ତାଙ୍କୁ ଦୁଇ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ସାଂସଦ ପପୁ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ପିଏମ୍‌ସିଏଚ୍‌ର କଏଦୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ, ତାଙ୍କୁ ରବିବାର ବେଉର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ପାଟନା ସିଭିଲ୍ କୋର୍ଟରେ ସାଂସଦଙ୍କ ଜାମିନ ଆବେଦନର ଶୁଣାଣି ହୋଇଥିଲା। କୋର୍ଟ ତାଙ୍କୁ ଆଜି ଜାମିନ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୯୫ ମସିହାରେ ପାଟନାର ପୁନାଇଚକରେ ଏକ ଘର ଦଖଲ କରିଥିବା ଅଭିଯୋଗରେ ସାଂସଦ ପପୁ ଯାଦବଙ୍କ ବିରୋଧରେ ଶାସ୍ତ୍ରୀ ନଗର ଟିଓପି (ଟେମ୍ପରାରୀ ଆଉଟ୍ ପୋଷ୍ଟ)ରେ ଏକ ଏଫଆଇଆର ରୁଜୁ ହୋଇଥିଲା। ପରେ ମାମଲାଟି ଗର୍ଦ୍ଦାନିବାଗ ପୁଲିସ ଷ୍ଟେସନକୁ ସ୍ଥାନାନ୍ତରିତ ହୋଇଥିଲା। ଶାସ୍ତ୍ରୀ ନଗର ଟିଓପି ସେତେବେଳେ ଗର୍ଦ୍ଦାନିବାଗ ପୁଲିସ ଷ୍ଟେସନ ଅଧୀନରେ ଥିଲା।

**୧୨ରେ ବାଂଲାଦେଶ ସାଧାରଣ ନିର୍ବାଚନ**

# ନିର୍ବାଚନ ପୂର୍ବରୁ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

**ଢ଼ାକା, ୧୦।୨/ଏଜେନ୍ସି:** ଦିନକ ପରେ ଅର୍ଥାତ୍ ଆସନ୍ତା ୧୨ ତାରିଖରେ ବାଂଲାଦେଶରେ ଜାତୀୟ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସବୁ ରାଜନୈତିକ ଦଳଗୁଡ଼ିକ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ଆଜି ଦିନରେ ପ୍ରଚାର ପର୍ବ ମଧ୍ୟ ଶେଷ ହୋଇଥିବା ସୂଚନା ମିଳିଛି। ଗତ ଜାନୁଆରୀ ୨୨ ତାରିଖରୁ ନିର୍ବାଚନୀ ପ୍ରଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରକାଶ, ବାଂଲାଦେଶରେ ମୋଟ ୩୫୦ଟି ଆସନ ରହିଛି। ଏଥିମଧ୍ୟରୁ ୩୦୦ଟି ପ୍ରତ୍ୟକ୍ଷ ନିର୍ବାଚିତ ଆସନ ଏବଂ ୫୦ଟି ମହିଳାଙ୍କ ପାଇଁ ସଂରକ୍ଷିତ ଆସନ ଅନ୍ତର୍ଭୁକ୍ତ। ଏକ ଦଳ ସରକାର ଗଠନ କରିବାକୁ ହେଲେ ୩୦୦ଟି ଆସନରୁ ଅତି କମରେ ୧୫୧ଟି ଆସନ ଜିତିବାକୁ ପଡିବ। ନିର୍ବାଚନ ଫଳାଫଳ ପରେ ୫୦ଟି ମହିଳା ସଂରକ୍ଷିତ ଆସନ ବଣ୍ଟିତ କରାଯାଏ। ସୁତରାଂ ଏହି ଆସନଗୁଡ଼ିକ ସରକାର ଗଠନ ପାଇଁ ପ୍ରଭାବିତ କରେ ନାହିଁ। ତେବେ ବାଂଲାଦେଶ ନିର୍ବାଚନ କମିଶନ ଫେବୃଆରୀ ୧୩ ତାରିଖ ସକାଳେ ଗଣତି ସମାପ୍ତ ହେବା ପରେ ଆନୁଷ୍ଠାନିକ ଭାବରେ ଫଳାଫଳ ଘୋଷଣା କରିବେ। ସୂଚନାଯୋଗ୍ୟ ଶେଖ ହସିନାଙ୍କ ଆୱାମୀ ଲିଗ୍‌କୁ ବେଆଇନ ଘୋଷଣା କରାଯାଇ ନିର୍ବାଚନ ଲଢିବାରୁ ବଞ୍ଚିତ କରାଯାଇଛି। ତେଣୁ ଏଥର ବିଏନ୍‌ପି ଏବଂ ଜମାତ୍ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ।

- **ପ୍ରଚାର ପର୍ବ ଶେଷ, ରାଜନୈତିକ ଦଳ ଉତ୍ସାହିତ**
- **ବିଏନ୍‌ପି-ଜମାତ୍ ସମର୍ଥକଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ, ୪୦ ଆହତ**

ତେବେ ବାଂଲାଦେଶରେ ଏବେ ଯେତେବେଳେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ଅନୁମାନ କରାଯାଉଥିଲା ଯେ ବର୍ତ୍ତମାନ ସମୟରେ ଅନ୍ତତଃ ଏଠାରେ ସଂଖ୍ୟାଲଘୁ ବା ହିନ୍ଦୁ ସମୁଦାୟଙ୍କ ଉପରେ ଆକ୍ରମଣ ବନ୍ଦ ରହିବ। କିନ୍ତୁ ଏହା ଭୁଲ୍ ପ୍ରମାଣିତ ହୋଇଛି। ନିର୍ବାଚନର ଦୁଇ ଦିନ ପୂର୍ବରୁ ଏଠାରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ନିର୍ମମ ହତ୍ୟା କରାଯାଇଛି। ରିପୋର୍ଟ ଅନୁସାରେ ମୈମେନ୍‌ସିଂ ଜିଲ୍ଲା ଦକ୍ଷିଣକାଣ୍ଡା ଗ୍ରାମର ସ୍ଥାୟୀ ନିବାସୀ ସୁଶେନ ଚନ୍ଦ୍ର ସରକାର (୬୨) ପେଶାରେ ଜଣେ ଚାଉଳ ବ୍ୟବସାୟୀ ଥିଲେ। ସେ ଏଠାକାର ଏକ ବଜାର ଛକରେ "ଭାଇ ଭାଇ ଏଣ୍ଟରପ୍ରାଇଜ୍" ନାମକ ଏକ ଦୋକାନ ଚଳାଉଥିଲେ। ତେବେ ସୋମବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ସେ ଯେତେବେଳେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ କିଛି ଅଜ୍ଞାତ ଆକ୍ରମଣକାରୀମାନେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସୁଶେନ୍ ଘଟଣାସ୍ଥଳରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସୂଚନାଯୋଗ୍ୟ ଏହାପୂର୍ବରୁ ମଧ୍ୟ ମୈମେନ୍‌ସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା ଏବଂ ତାଙ୍କ ଶରୀରକୁ ପୋଡ଼ି ଦିଆଯାଇଥିଲା। ଏହାପରେ ବାଂଲାଦେଶର ଅନେକ ପ୍ରାନ୍ତରେ ହିନ୍ଦୁମାନଙ୍କୁ ଏପ୍ରକାର ନିର୍ମମ ହତ୍ୟା କରାଯାଉଥିବା ଘଟଣା ସାମ୍ନାକୁ ଆସିବାରେ ଲାଗିଥିଲା। ତେବେ ନିର୍ବାଚନ ପ୍ରଚାର ଆରମ୍ଭ ହେବା ଦିନରୁ ଏପ୍ରକାର ଘଟଣା ପ୍ରାୟତଃ ଘଟିବା ବନ୍ଦ ରହିଥିଲା।



ଅନ୍ୟ ଏକ ରିପୋର୍ଟ ଅନୁସାରେ ନିର୍ବାଚନୀ ପ୍ରଚାର ପ୍ରକ୍ରିୟା ମଧ୍ୟରେ ଦୁଇ ପ୍ରମୁଖ ଦଳ ବିଏନ୍‌ପି (ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି) ଏବଂ ଜମାତ୍-ଇ-ଇସଲାମୀ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଛି। ନିର୍ବାଚନକୁ ଆଉ ୪୮ ଘଣ୍ଟା ବାକି ଥିବାବେଳେ ଏପ୍ରକାର ଘଟଣା ବାଂଲାଦେଶରେ ଘଟିଛି। ରବିବାର ରାତିରେ ଜମାତ୍ କର୍ମୀମାନେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଟଙ୍କା ବାଣ୍ଟୁଥିବାବେଳେ ଏହାକୁ ବିଏନ୍‌ପି ସମର୍ଥକ ଦୃଢ ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ରାତି ତମାମ ଚାଲିଥିବା ଏହି ଗୋଷ୍ଠୀ ସଂଘର୍ଷରେ ୪୦ରୁ ଅଧିକ ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା ସ୍ଥିତିକୁ ସମ୍ପୂର୍ଣ୍ଣ ସମ୍ଭାଳି ପାରିନଥିବା ଜଣାପଡିଛି।

ନିତିଦିନ NITIDIN



# ପ୍ରାଚୀ ନଦୀର ପୁନରୁଦ୍ଧାର ଓ ପୂର୍ବ ଗୌରବ ଫେରାଇ ଆଣିବାକୁ ପ୍ରୟାସ

**ଚାରିଛକ,୧୦।୨/ଏନ୍‌ଏନ୍‌ଏସ୍:** ପ୍ରାଚୀ ନଦୀ ପୁନରୁଦ୍ଧାର ଓ ତାର ପ୍ରାଚୀନ ଗୌରବ ଫେରାଇ ପାଇଁ ପ୍ରୟାସ ଜାରିରହିଛି। ଗତ ଶନିବାର ଅପରାହ୍ନ ଠାରୁ ପ୍ରାଚୀ ନଦୀ ପରିକ୍ରମା ଏକ ସପ୍ତାହ ଧରି ଅନୁଷ୍ଠିତ ହେଉଛି। କଟକ ଜିଲ୍ଲା ନିଆଳି ବ୍ଲକ ଅନ୍ଧକପିଳେଶ୍ୱର ଶୈବପୀଠ ପ୍ରାଚୀ ନଦୀରୁ ପୂଜାର୍ଚ୍ଚନା ପରେ ପ୍ରାଚୀ ନଦୀ ପରିକ୍ରମା ଆରମ୍ଭ ହୋଇଛି। ଏଥିରେ ବହୁ ସାଧୁସନ୍ଥ ଓ ବୁଦ୍ଧିଜୀବୀ ଯୋଗଦେଇଛନ୍ତି। ପ୍ରାଚୀ ନଦୀ ପରିକ୍ରମା କେଲୁଣି ମୁହାଣ ଅସ୍ତରଙ୍ଗ ନିକଟରେ ପହଞ୍ଚିବ। ସ୍ୱାମୀ ପ୍ରଜ୍ଞାନାନନ୍ଦ ସରସ୍ୱତୀ ମହାରାଜା କହିଛନ୍ତି ଦୀର୍ଘ ୧୫ ବର୍ଷ ଧରି ପ୍ରାଚୀ ନଦୀର ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ଉଦ୍ଦେଶ୍ୟରେ ପ୍ରଜ୍ଞାନ ମିଶନ କ୍ରିୟାଯୋଗ ଆଶ୍ରମ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପ୍ରାଚୀ ନଦୀ ପରିକ୍ରମା ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ପଦଯାତ୍ରାରେ ବହୁ ସାଧୁ ସନ୍ଥ, ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ନେତୃବୃନ୍ଦ ଓ ବିଦେଶୀ ପର୍ଯ୍ୟଟକ ସାମିଲ ହୋଇଥିଲେ। ପ୍ରାଚୀ ନଦୀ ପରିକ୍ରମା ନିଆଳି ବ୍ଲକ ନୂଆଗାଁ, ମାଧବାନନ୍ଦ ଜିଉ ଦେଇ ଚାରିଛକ, ନୂଆହାଟ, କାକଟପୁର ଓ ଅସ୍ତରଙ୍ଗ ଦେବୀ ମୁହଁ ପର୍ଯ୍ୟନ୍ତ ଯିବ। ଯାହା ସମୁଦ୍ରରେ ଲୀନ ହୋଇଛି। ଗତ ୧୫ ବର୍ଷ ଧରି ପ୍ରଜ୍ଞାନ ମିଶନ କ୍ରିୟାଯୋଗ ଆଶ୍ରମ ପକ୍ଷରୁ ବହୁ ସାଧୁ ସନ୍ଥ, ବିଶିଷ୍ଟ ବ୍ୟକ୍ତି



ସ୍ଥାନୀୟ ନେତୃବୃନ୍ଦ ଓ ବିଦେଶୀ ପର୍ଯ୍ୟଟକ ସାମିଲ ହେବା ସହିତ ଐତିହ୍ୟ ସଂସ୍କୃତି ବହନ କରିଥିବା ମୃତ ପ୍ରାଚୀ ନଦୀକୁ ପୁନରୁଦ୍ଧାର ସହିତ ପ୍ରାଚୀ ଅବବାହିକାରେ ମଠ, ମନ୍ଦିର ଓ ଇତିହାସକୁ ପୁର୍ନଜୀବିତ କରିବା ଉଦ୍ଦେଶ୍ୟ ପ୍ରାଚୀ ପରିକ୍ରମା ପଦଯାତ୍ରା ଅନୁଷ୍ଠିତ ହେଉଛି। ପ୍ରାଚୀ ଶୁଖିଲେ ସମାଜ ଶୁଖିଯିବ, ତେଣୁ ଏବେଠୁ ସଜାଗ ହେବାକୁ ପଡିବ ନହେଲେ ରୋଗଗ୍ରସ୍ତ ହୋଇ ସମସ୍ତେ ମୃତ୍ୟୁ ମୁଖରେ ପଡିବେ। ପ୍ରାଚୀ ହେଉଛି ଲୋକଙ୍କ ହୃତପିଣ୍ଡ। ଏବେ ନ ଜଗିଲେ ଭବିଷ୍ୟତ ଅନ୍ଧକାର ମଧକୁ ଠେଲି ହୋଇଯିବ। ଲୋକ ଜାଗିଲେ ପ୍ରାଚୀ ବଞ୍ଚିବ ଆଉ ସମାଜ ବଞ୍ଚିବ। କୁମ୍ଭକର୍ଣ୍ଣ ନିଦ୍ରା ନଯିବା ପାଇଁ ଏହି ପ୍ରାଚୀ ପରିକ୍ରମା ପଦଯାତ୍ରାରେ ସାଧୁ ସନ୍ଥ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ମତ ପ୍ରକାଶ କରିଛନ୍ତି। ସେହିପରି ପ୍ରାଚୀ ଗବେଷକ ହଂସନାଥ ସାହୁ କହିଛନ୍ତି ପ୍ରଥମେ ୨୦୧୨ ମସିହାରେ ପ୍ରାଚୀ ଚାରିଟେବୁଲ ଟ୍ରଷ୍ଟ ନାଁରେ ନୂଆହାଟ ମଧୁବନ ଆଶ୍ରମ ଗଠନ କରାଯାଇଥିଲା। ପ୍ରଜ୍ଞାନାନନ୍ଦଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ୧୫ ଧରି ପ୍ରାଚୀ ପରିକ୍ରମା କରାଯାଉଛି। ପ୍ରାଚୀ ନଦୀର କିପରି ପୁନରୁଦ୍ଧାର ହେବ ପ୍ରାଚୀର ଇତିହାସ କାଭଳି ଫେରି ପାଇବ ଏଥିପାଇଁ ସମସ୍ତେ ଚିନ୍ତିତ। ପ୍ରାଚୀ ତଟରେ ଅଷ୍ଟଶମ୍ଭୁ ଏବଂ ଦ୍ୱାଦଶଶମ୍ଭୁ ପୂଜା ପାଉଛନ୍ତି। ପ୍ରଥମେ ୫୦ ଜଣଙ୍କୁ ନେଇ ପ୍ରାଚୀ ପରିକ୍ରମା କରାଯାଉଥିଲା ଏବେ ଶହ ଶହ ସଂଖ୍ୟାରେ ସାଧୁ ସନ୍ଥ ଏବଂ ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନେ ପ୍ରାଚୀ ପରିକ୍ରମାରେ ସାମିଲ ହେଉଛନ୍ତି। ନିଆଳି ଅଞ୍ଚଳର ନ୍ୟାୟବ୍ରତ ରାଉତ କହିଛନ୍ତି ମା’ ସରସ୍ୱତୀ ତଥା ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ପ୍ରଜ୍ଞାନାନନ୍ଦଙ୍କ ମାର୍ଗଦର୍ଶକ ପ୍ରତି ବର୍ଷ ପ୍ରାଚୀ ନଦୀ ପରିକ୍ରମା ଅନୁଷ୍ଠିତ ହେଉଛି। ସାଧୁ ଯେଉଁ ରାସ୍ତା ଦେଇ ଯାନ୍ତି ସେଠାରେ ବିକାଶ ହୁଏ। ପ୍ରାଚୀ ନଦୀ ଦିନେ ନା ଦିନେ ତା’ର ପରିଚୟ ଫେରିପାଇବ ଏବଂ ସାଧୁଙ୍କ ପରିଶ୍ରମ କେବେ ବୃଥା ଯାଏନି ବୋଲି କହିଛନ୍ତି।

## ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଘୁଷୁରୀ ବିକ୍ରିକରି ଜଗୁଆଳି ଚମ୍ପଟ

**ଟାଙ୍ଗୀ,୧୦।୨/ଏନ୍‌ଏନ୍‌ଏସ୍:** ଘୁଷୁରୀ ପାଳିବାକୁ ନେଇ ୧୫ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ଘୁଷୁରୀ ବିକ୍ରି କରି ଜଗୁଆଳି ଚମ୍ପଟ ମାରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୋଗ ଅନୁଯାଇ ଟାଙ୍ଗୀ ଥାନା କୋଟସାହି ପଞ୍ଚାୟତ ହାଡୁଆ ସାହିର ସନ୍ତୋଷ କୁମାର ଦାସ ଘୁଷୁରୀ ବେପାର କରନ୍ତି ହେଲେ ଘୁଷୁରୀ ପାଳିବା ପାଇଁ କେନ୍ଦ୍ରାପଡ଼ା ଥାନା ଭାଗବତପୁର ଗ୍ରାମର ମିଟୁନା ରାଉତ ନାମକ ଜଣେ ବ୍ୟକ୍ତି ସନ୍ତୋଷ କୁମାର ଦାସ ଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଚୁକ୍ତି ନାମ କରି ୪୫ଟି ଘୁଷୁରୀ ପାଳିବା ପାଇଁ ନେବା ସହ ଚୁକ୍ତିର ଏକ ବର୍ଷ ମଧରେ ୯୩ଟି ଘୁଷୁରୀ ପ୍ରଦାନ କରିବେ। ହେଲେ ଟୁକୁନା ଘୁଷୁରୀ ଦେବା ବଦଳରେ ସମସ୍ତ ଘୁଷୁରୀକୁ ମାଲିକକୁ ନଜଣାଇ ଟୁକୁନାର ତିନିଜଣ ସହ ଯୋଗୀ ମଧରୁ ଦୁଇଜଣ ଖୋର୍ଦ୍ଧା ଜିଲ୍ଲା ଗୋବିନ୍ଦପ୍ରସାଦ ଗ୍ରାମର ସଞ୍ଜୟ ରାଉଳ, ମଙ୍ଗୁଳି ରାଉଳ ହୋଇଥିବା ବେଳେ ଅନ୍ୟ ଜଣେ ଟୁକୁନା ଗ୍ରାମର କୈଳାସ ରାଉଳଙ୍କୁ ବିକ୍ରି କରିଦେଇ ଟାଙ୍ଗୀ ଅଞ୍ଚଳରୁ ଚମ୍ପଟ ମାରିଛି ବୋଲି ମାଲିକ ଟାଙ୍ଗୀ ଥାନା ଦ୍ୱାରସ୍ଥ ହୋଇଛନ୍ତି। ତେବେ ସମସ୍ତ ଘୁଷୁରୀ ମୂଲ୍ୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଘୁଷୁରୀ ମାଲିକ ପ୍ରକାଶ କରିଥିବା ବେଳେ ଏ ନେଇ ଶ୍ରୀ ଦାସ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବା ସହ ଚୁକ୍ତି ହୋଇଥିବା ସମସ୍ତ କାଗଜପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ମୋ ଘୁଷୁରୀ ଫେରାଇ ଆଣିବାକୁ ସନ୍ତୋଷ ନିବେଦନ କରିବା ସହ ଘୁଷୁରୀ ବେପାର କରି ଲୋନ୍ ଶୁଝୁଥିବା ବେଳେ ଏବେ ଘୁଷୁରୀ ନ ମିଳିଲେ ଆତ୍ମହତ୍ୟା ଛାଡ କିଛି ଚାରା ନାହିଁ ବୋଲି ମତପ୍ରକାଶ କରିଛନ୍ତି।

## ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ବେଆଇନ୍ ମଦ କାରଖାନାକୁ ବିରୋଧ

**ଟାଙ୍ଗୀ,୧୦।୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଗୋଟିଏ ପଟେ ସରକାର ମଦମୁକ୍ତ ରାଜ୍ୟ ଘୋଷଣା କରିବାକୁ ଢେଙ୍କୁରା ପିଟୁଥିବା ବେଳେ ଉକ୍ତ ପଞ୍ଚାୟତ ବରପଦା ନିକଟରେ ଜଙ୍ଗଲ ଜମିକୁ ମାଡିବସି ବେଆଇନ ଭାବେ ଅଭିରା ଡିଷ୍ଟିଲେରୀ ଏକ ମଦ କାରଖାନା ନିର୍ମାଣ କରିବାକୁ ନେଇ ନାଏବ ସରପଞ୍ଚ ଜେମା ସର୍ଦ୍ଦାର ଜନଶୁଣାଣୀରେ ଅଭିଯୋଗ କରିଛନ୍ତି। ଉକ୍ତ ମଦ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିରେ ପାଚେରୀ ପାର୍କିଂ କ୍ୟାଣ୍ଟିନ୍ ତିଆରି କରିଥିବା ବେଳେ ତହସିଲଦାର ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ମଧ ଜାଣିଚୁପ୍ ରହିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହାକୁ ନେଇ ନାଏବ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିବାସହ ତରନ୍ତ ଉକ୍ତ କମ୍ପାନୀ ହଟାଯାଉ ବୋଲି ମତପ୍ରକାଶ କରିଛନ୍ତି। ଯଦି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମନ୍ଦିରରୁ ସୁନା ଅଳଙ୍କାର ସହ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

**ଗୋପ,୧୦।୨/ଏନ୍‌ଏନ୍‌ଏସ୍:** ଗୋପ ଥାନା ଅଧୀନ ନାଗପୁର ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ଠାକୁରାଣୀ ମା ଅଡଙ୍ଗେଇଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରୀ,ହୋଇଥିବା ବେଳେ ଚୋରିର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି। ମନ୍ଦିରରେ ଥିବା ଦୁଇଟି ହୁଣ୍ଡୀକୁ ଦୁର୍ବୃତ୍ତ ମାନେ ଟେକିନେଇ ନେଇ କୁଶଭଦ୍ରା ନଦୀପାର୍ଶ୍ୱରେ ହୁଣ୍ଡିକୁ ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟିନେଇଥିବା ବେଳେ ମା’ଙ୍କ ସ୍ୱର୍ଣ ଓ ରୁପା ମୁକୁଟ ସମେତ ଅନ୍ୟାନ୍ୟ ଅଳଙ୍କାର ମଧ ଚୋରିକରି ନେଇଥିବାର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ୪ ଜଣ ଦୁର୍ବୃତ୍ତ ଏହି ଚୋରିରେ ସମ୍ପୃକ୍ତ ଥିବା ଭିଡ଼ିଓରେ ଦୃଶ୍ୟମାନ ହେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳୁ ପୂଜକ ମନ୍ଦିର ଖୋଲିବା ପୂର୍ବରୁ ମନ୍ଦିର ଖୋଲା ଥିବା ଦେଖିଥିଲେ। ପୂଜକ ଗ୍ରାମବାସୀଙ୍କୁ ଜଣାଇବା ସହିତ ପୋଲିସକୁ ଅବଗତ କରିଥିଲେ। ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ବିଭିନ୍ନ ତଥ୍ୟ ପ୍ରମାଣକୁ ଆଧାରକରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଜଣଙ୍କୁ ଅଟକ ରଖାଯାଇ ପଚରା ଉଚରା ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ କହିଛନ୍ତି।

## ପଲ୍ଲୀରେ ପ୍ରଶାସନ ଜନଶୁଣାଣି ଶିବିର

**ଖୋର୍ଦ୍ଧା,୧୦।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ମିଳିତ ଆନୁକୁଲ୍ୟରେ ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗଡମାଣତିରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣୀ ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ ପ୍ରଦୀପ କୁମାର ସାହୁ,ଆରକ୍ଷୀ ଅଧିକ୍ଷ ବିବେକାନନ୍ଦ ଶର୍ମାଙ୍କ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବେଗୁନିଆ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବ୍ଲକ୍ ଉନ୍ନୟନ ଅଧିକାରୀ, ବେଗୁନିଆ, ସନ୍ତୋଷ କୁମାର ଜେନା, ତହସିଲଦାର, ବେଗୁନିଆ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ। ଅଭିଯୋଗ ଶୁଣାଣିରେ ମୋଟ ୬୬ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୬ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୨୦ ଗୋଟି ଅଭିଯୋଗ ଆସିଥିଲା। ଶିବିରରେ ତତ୍କାଳ ୬ ଗୋଟି ଅଭିଯୋଗର ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି,ଏବଂ ବିଭିନ୍ନ ଅତ୍ୟାବଶ୍ୟକ ସେବା ଅଧିକାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗଦେଇଥିଲେ।

## ପଞ୍ଚବଟୀ ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ପ୍ରସ୍ତୁତି ବୈଠକ



**ବାଲିଅନ୍ତା,୧୦।୨/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ ପାହାଳ ଥାନ ଅନ୍ତର୍ଗତ ଜୟରଶାସନ ପଞ୍ଚବଟୀର ପ୍ରସିଦ୍ଧ ପଞ୍ଚଦୋଳ ପାଞ୍ଚଗୋଟି ଦୋଳ ଯଥା ଶ୍ରୀ ଶ୍ରୀ ବଟେଶ୍ୱରମହାଦେବ ଜୟରଶାସନ ପଞ୍ଚବଟୀ, ଶ୍ରୀ ଶ୍ରୀ ଗୋପୀନାଥ ଦେବ ଗୁଆଳିଗଡ଼, ଶ୍ରୀ ଶ୍ରୀ ଗୋପୀନାଥ ଦେବ ଜଗନ୍ନାଥପୁର, ଶ୍ରୀ ଶ୍ରୀ ମଦନମୋହନ ଦେବ ଗୋହଲ, ଶ୍ରୀ ଶ୍ରୀ ରାଧାକାନ୍ତ ଦେବ ଚାରିଘରିଆକୁ ନେଇ ପ୍ରସିଦ୍ଧ ପଞ୍ଚବଟୀ ପଞ୍ଚଦୋଳା ମେଳଣକୁ ସଫଳ କରିବା ପାଇଁ ଶ୍ରୀ ବଟେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ଶାନ୍ତି କମିଟି ପ୍ରସ୍ତୁତି ବୈଠକ ସ୍ଥାନୀୟ ପଞ୍ଚବଟୀ ପୀଠସ୍ଥ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୈଠକକରେ ଅଞ୍ଚଳର ବରିଷ୍ଠ ମୁରବୀ ଧର୍ମାନନ୍ଦ ପରିଜା ସଭାପତିତ୍ୱ କରିଥିଲେ। ଶ୍ରୀବଟେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟବୋର୍ଡର ସମ୍ପାଦକ ତଥା ପୂର୍ବତନ ସରପଞ୍ଚ କେଲୁଚରଣ ଖୁଣ୍ଟିଆ ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରସ୍ତୁତି ବୈଠକରେ ସମସ୍ତ ଠାକୁରମାନଙ୍କର ମାର୍ଫତଦାର ଓ କର୍ମକର୍ତ୍ତା ଯୋଗଦେଇଥିଲେ। ପାହାଳ ଥାନାଧିକାରୀ ଅଶ୍ୱିନୀ ଜେନା ଉପସ୍ଥିତ ରହି ପାରମ୍ପରିକ ବାଦ୍ୟରେ ପଞ୍ଚଦୋଳ ଉତ୍ସବକୁ କିପରି ସରସ ସୁନ୍ଦର କରାଯିବ ଏବଂ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରିବା ପାଇଁ ସମସ୍ତଙ୍କୁ ବୁଝାଇଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ କି ପ୍ରସିଦ୍ଧ ପଞ୍ଚବଟୀ ପଞ୍ଚଦୋଳ ମେଳଣ ଆସନ୍ତା ମାର୍ଚ୍ଚ ୭ ତାରିଖ ଓ ୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ୭ ତାରିଖରେ ରୋଶଣୀ ଓ ୮ ତାରିଖରେ ଜମାଣ। ବୈଠକରେ ଦେବେନ୍ଦ୍ର ଛୋଟରାୟ, ବରିଷ୍ଠ ପାଲାଗାୟକ ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ଟ୍ୱିନ୍ ସିଟି ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜା, ବଟେଶ୍ୱର ମହାଦେବଙ୍କୁ ମୁଖ୍ୟ ପୂଜକ ମୁରଲୀଧର ପଣ୍ଡା, କଥାପ୍ରସଙ୍ଗ ମୁଖ୍ୟ ସମ୍ପାଦକ ସାମ୍ବାଦିକ ଡ଼ଃ ଭବାନୀ ଶଙ୍କର ପାତ୍ର, ରାଜେନ୍ଦ୍ର ପରିଜା, ପ୍ରଭାତ କୁମାର ଦାସ, ଧୀରେନ୍ଦ୍ର ଛୋଟରାୟ, ହାଟକିଶୋର ପ୍ରଧାନ, ଚିତ୍ତରଞ୍ଜନ ମଙ୍ଗରାଜ, ସୌମେନ୍ଦ୍ର ଦାସ, ହୃଷିକେଶ ଛୋଟରାୟ, ଅନିଲ ସାହୁ, ଘନଶ୍ୟାମ ପାତ୍ର, କିଶୋର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶ୍ରୀବଟେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ତଥା ପୂର୍ବତନ ସରପଞ୍ଚ ମାଗୁଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱପ୍ନେଶ୍ୱର ମନ୍ଦିରରେ ଲାଗିଲା ସିସି କ୍ୟାମେରା

**ବୟାଳିଶମୌଜା,୧୦।୨/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜା ସ୍ଥିତ ବ୍ରହ୍ମପୁର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଉପସ୍ଥିତ ବେଣ୍ଟକାର ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। କିଛିଦିନ ହେବ ଏଠାରେ କିଛି ଅସାମାଜିକ ବ୍ୟକ୍ତି ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ମନ୍ଦିର ପରିସରରେ ସିସିଟିଭି ଲଗାଯିବା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା, ଥାନା ଅଧିକାରୀ ଓ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ନିଷ୍ପତ୍ତି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ଆବାହକ ସୁବାସ ଚନ୍ଦ୍ର ବେହେରା, ସୁକାନ୍ତ କୁମାର ପଣ୍ଡା, ରାଜେନ୍ଦ୍ର ଖିଲାର, ଇଂ ପ୍ରଦୀପ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ରବି ନାରାୟଣ ପ୍ରଧାନ, ଶ୍ରୀକୃଷ୍ଣ ବିହାର ଉନ୍ନୟନ କମିଟି ସାଧାରଣ ସମ୍ପାଦକ ଘନଶ୍ୟାମ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିନୋଦ ବେହେରା, ହେମନ୍ତ କୁମାର ନାୟକ, ଧରଣୀଧର ନାୟକ, ବସନ୍ତ କୁମାର କର, ଶଙ୍କର ବେହେରା, ଆନନ୍ଦ ବେହେରା, ପ୍ରଭାତ ବେହେରା, ପ୍ରମୋଦ ପରିଡା, ସାଗର ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକ ୟୁନିଅନ୍‌ର ସଧାରଣ ପରିଷଦ ବୈଠକ



**ବେଗୁନିଆ,୧୦।୨/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣତୀରସ୍ଥିତ ମା’ ରାମଚଣ୍ଡୀଙ୍କ ପବିତ୍ର ପୀଠରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟ କ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ ଯୋଗଦେଇ ଜିଲ୍ଲା ସଂଗଠନର କାର୍ଯ୍ୟ ପନ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଉପସଭାପତି ଶୟଦ ଅନସର୍ ଅଲ୍ଲୀ, ବେଗୁନିଆ ବ୍ଲକ ସମ୍ପାଦକ ଚନ୍ଦନ କୁମାର ସୁନ୍ଦରାୟ, ଜଟଣୀ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ,ଟାଙ୍ଗୀ ବ୍ଲକ ସମ୍ପାଦକ ହିମାଂଶୁ ଭୂଷଣ ଚମ୍ପତିରାୟ ନିଜ ନିଜ ବ୍ୟକ୍ତବ୍ୟରେ ସଂଗଠନକୁ ପୂର୍ବାପେକ୍ଷା କିଭଳି ଆହୁରି ମଜଭୁତ କରାଯାଇପାରିବେ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଖୋର୍ଦ୍ଧା ବ୍ଲକ ସମ୍ପାଦକ ରାଜେଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଶେଷରେ ବେଗୁନିଆ ବ୍ଲକ ସମ୍ପାଦକ ଶ୍ରୀ ସୁନ୍ଦରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅଶୋକ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ସତ୍ୟନାରାୟଣ ସାମନ୍ତରାୟ, ସନ୍ଦୀପ କୁମାର ବର୍ମନ୍, ରମେଶ ସାମନ୍ତରାୟ, ଅଜିତ ମିଶ୍ର, ସେକ୍ ଅନୁଓ୍ୱର୍ ଅଲ୍ଲୀ, ତ୍ରିଲୋଚନ ବାଘସିଂ, ହିମାଂଶୁ ଚମ୍ପତିରାୟ, ସିଦ୍ଧାର୍ଥ ମହାନ୍ତି, ପ୍ରକାଶ ପଟ୍ଟନାୟକ, ଶୁଭଲକ୍ଷ୍ମୀ ସାମନ୍ତରା, ମହମ୍ମଦ ଫଜଲୁର୍ ରହମନ୍ ଏବଂ ନୂତନ ସଦସ୍ୟ ରୂପେ ସଞ୍ଜୟ କୁମାର ଦାସ, ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗଦେଇଥିଲେ।

## ବିଡିଓଙ୍କୁ ନିର୍ବାଚିତ ଜନପ୍ରତିନିଧିଙ୍କ ଦାବିପତ୍ର ପ୍ରଦାନ



**କଣ୍ଟାପଡ଼ା,୧୦।୨/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ବିଡ଼ିଓଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ବ୍ଲକ ଅନ୍ତର୍ଗତ ଅନେକ ସ୍ଥାନରେ ଉନ୍ନତିମୂଳକ କାର୍ଯ୍ୟ ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିବା ଓ ଏହା ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବାରୁ ପ୍ରତିନିଧିମାନେ ଏପରି ଆଶଙ୍କା ବ୍ୟକ୍ତ କରି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ବିକଶିତ ଗାଁ ବିକଶିତ ଓଡ଼ିଶା, ଜିପିଡ଼ିପି, ଆଦର୍ଶ ଗ୍ରାମ, ଜିଆଇଏ, ବିପିଡ଼ିପି ଆଦି ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲା ପରେ ବି କୌଣସି ସୁଫଳ ମିଳିଲା ନାହିଁ। ଆଜି ବ୍ଲକ ଅଧକ୍ଷା ସୁଶ୍ରୀ ଜିନା ଭୋଇଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, ବ୍ରାହ୍ମଣବାଟି ସରପଞ୍ଚ ସଂଜୟ ରାଉତରାୟ, ସମିତି ସଭ୍ୟ ବୃନ୍ଦାବନ ବେହେରା, ପୋସ୍ତଳ ସରପଞ୍ଚ ସସ୍ମିତା ଶାସେନି, ସମିତି ସଭ୍ୟା ସସ୍ମିତା ଦାସ, ବ୍ରାହ୍ମଣସାଇଲୋ ସରପଞ୍ଚ ତୃପ୍ତିମୟୀ ରାଉତ, ସମିତି ସଭ୍ୟ ପ୍ରଶାନ୍ତ ପାଢ଼ୀ, ଉରାଢ଼ ସରପଞ୍ଚ କୁନି ଭୋଇ, ସମିତି ସଭ୍ୟା ସୌଦାମିନୀ ରାଉତ, ଡିମିରି ସମିତି ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ଅଡ଼ଶପୁର ସରପଞ୍ଚ ସୁବ୍ରତ ଦାସ, ସମିତି ସଭ୍ୟା ସସ୍ମିତା ଛାତର, ପାଟସୁନ୍ଦରପୁର ସରପଞ୍ଚ ମାନୁଶ୍ରୀ ମଲିକ, ନାହାଳପୁର ସମିତି ସଭ୍ୟ ପ୍ରିୟବ୍ରତ ବେଉରା, ନୂଆଗାଁ ସରପଞ୍ଚ ସୁପ୍ରିୟା ଭୋଇ, ସମିତି ସଭ୍ୟ ରଜନୀକାନ୍ତ ଭୋଇ, ଗୋବିନ୍ଦପୁର ସରପଞ୍ଚ ସୁମିତ୍ରା ପାଢ଼ୀ, ସମିତି ସଭ୍ୟା ସଂଧ୍ୟାରାଣୀ ଦାସ, ଜିଲାପରିଷଦ ସଭ୍ୟ ପୀୟୁଷ ମିଶ୍ର ଓ କ୍ରିଷ୍ଣାରାଣୀ ବେହେରା ପ୍ରମୁଖ ବିଡ଼ିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ନଚେତ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣା ଦିଆଯିବବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଗତ ପଞ୍ଚାୟତ ସମିତି ବୈଠକରେ ବନ୍ଦ ପଡ଼ିଥିବା କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା ଏବଂ ବ୍ଲକ ଅଧକ୍ଷା ଓ ଉପାଧ୍ୟକ୍ଷଙ୍କ ତତ୍ତ୍ୱାବଧାନ ତଥା ନିର୍ବାଚିତ ଜନ ପ୍ରତିନିଧିଙ୍କ ସହମତରେ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରସ୍ତାବ ଥିଲା; ମାତ୍ର ବ୍ଲକ ପ୍ରଶାସନ ନାନା ଆଳ ଦେଖାଇ ବନ୍ଦ ପଡ଼ିଥିବା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରୁନଥିବାରୁ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ଦ୍ୱିତୀୟ କୋଣାର୍କ କପ୍ ଉଦ୍‌ଘାଟିତ: ରାମେଶ୍ୱର ସେମିରେ

**କୋଣାର୍କ,୧୦।୨/ଏନ୍‌ଏନ୍‌ଏସ୍:** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆ ରେ ଆୟୋଜିତ ରାଜ୍ୟ ସ୍ତରୀୟ ଦ୍ୱିତୀୟ ତମ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ପୂର୍ବାହ୍ନ ରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧକ୍ଷ ଅବତାର ମିଶ୍ର, ଅଗ୍ନିଶମ ବିଭାଗ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, କାଉନସିଲର ନିହାର ବେଉରା, କାଉନସିଲର ସ୍ୱପ୍ନା ଗୋଛାୟତ, ସମୟ ରଞ୍ଜନ ସାହୁ, ଯୁବ ନେତା ପଦ୍ମଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ କଟକ ଜୁଭେନାଇଲ କୁ ୩୧ ରନରେ ହରାଇ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଉଦଘାଟନୀ ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୯ ବିକେଟରେ ହରାଇ ୧୫୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସିଧାର୍ଥ ଚନ୍ଦ୍ର ବେହେରା ସର୍ବାଧିକ ୫୮ ବଲ ରେ ୬୮ ରନ ସଂଗ୍ରହ କରିଥିଲେ କଟକ ଜୁଭେନାଇଲର ପୀୟୁଷ ମନ୍ତ୍ରୀ ୪ ଓଭର ବୋଲିଂ କରି ୧୫ ରନ ଦେଇ ଚାରି ବିକେଟ ନେଇଥିଲେ ଜବାବ ରେ ଜୁଭେନାଇଲ ନିର୍ଦ୍ଧାରିତ ୨୦ ଓଭର ରେ ୯ ବିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଆୟୁଷ ରଞ୍ଜନ ମନ୍ତ୍ରୀ ୩୧ ବଲ ରେ ୩୦ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ଦଳର ଜଗଦୀଶ ମହାପାତ୍ର ୪ ଓଭର ବୋଲିଂ କରି ୨୦ ରନ ଦେଇ ତିନି ବିକେଟ ନେଇଥିଲେ। ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂର ସିଧାର୍ଥ ଚନ୍ଦ୍ର ବେହେରା ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଓସିଏ ପ୍ୟାନେଲ ଆମ୍ପେୟର ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ଖେଳ କୁ ପରିଚାଳନା କରିଥିଲେ।

## ତମାଣ୍ଡୋ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ୟୁବି ରକ୍‌ଷ୍ଟାର୍ ବିଜୟୀ

**ମୁଣ୍ଡମୁହାଣ,୧୦।୨/ଏନ୍‌ଏନ୍‌ଏସ୍:** ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ୟୁବି ରକଷ୍ଟାର ଓ ବିଜେତା ୱାରିଅସ ପରସ୍ପରକୁ ଭେଟିଥିଲେ। ଆଜି ୩ୟ ଲିଗ ମ୍ୟାଚରେ ୟୁବି ରକଷ୍ଟାର ୪ ୱିକେଟରେ ବିଜେତା ୱାରିଅସକୁ ପରାସ୍ତ କରିଛି। ଆଜି ୟୁବି ରକଷ୍ଟାର ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଜେତା ୱାରିଅସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୧୧୦ ରନ କରିଥିଲେ। ବିଜେତା ୱାରିଅସ ଦଳର ଆବିଷ୍କାର ପଟ୍ଟନାୟକ ୨୪ ବଲ ଖେଳି ୫୭ ରନ କରିବାକୁ ସକ୍ଷମ ହୋଇଥିଲେ। ୟୁବି ରକଷ୍ଟାର ଦଳର ରାକେଶ ବିଶ୍ୱାଳ ୪ ଓଭର ବୋଲିଂ କରି ୫ ୱିକେଟ ଦଖଲ କରି ବିପକ୍ଷ ଦଳର ରନ ବଢାଇବାକୁ ସୁଯୋଗ ଦେଇ ନଥିଲେ। ଖେଳର ଦ୍ୱିତୀୟ ଇନିଂସରେ ୟୁବି ରକଷ୍ଟାର ଧୂଆଁଧାର ବ୍ୟାଟିଂ କରି ୧୨.୨ ଓଭରରେ ୬ ୱିକେଟ ହରାଇ ୧୧୩ ରନ କରି ସହଜ ବିଜୟ ହାସଲ କରିଥିଲେ। ୟୁବି ରକଷ୍ଟାର ଦଳର ସୁଜିତ୍ କୁମାର ଲେଙ୍କା ୨୬ ବଲରେ ୪୩ ରନ କରିଥିଲେ। ବିଜେତା ୱାରିଅସ ଦଳର ଗଣେଷ ଚାପା ୪ ଓଭର ବୋଲିଂ କରି ୩୭ ରନ ଦେଇ ୩ଟି ୱିକେଟ ଦଖଲ କରିଥିଲେ। ଆଜିର ମ୍ୟାଚରେ ତମାଣ୍ଡୋ କ୍ରିକେଟ କ୍ଲବର ଉପସଭାପତି ରାଜେଶ୍ ପ୍ରଧାନ ଅଥିତି ଭାବେ ଯୋଗ ଦେଇ ରାକେଶ ବିଶ୍ୱାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

## ସଂସ୍କାରଧର୍ମୀ ନାଟକ ‘ନିଜ ନିଜର ଆକାଶ’କୁ ପ୍ରଶଂସା

**ନୟାଗଡ଼,୧୦।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ନୟାଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସିରିୟସ୍ ଜୋନ୍ ଦ୍ୱାରା ଆୟୋଜିତ ତୃତୀୟ ନାଟକ ଉତ୍ସବରେ ମଞ୍ଚସ୍ଥ ହୋଇ ଯାଇଛି କୈଳାସ ଓଝାଙ୍କ ସଂସ୍କାରଧର୍ମୀ ନାଟକ ‘ନିଜ ନିଜର ଆକାଶ’। ନାଟକର କାହାଣୀରେ ନିଜର ଏକମାତ୍ର ପୁଅ ସୋମେଶର ଭବିଷ୍ୟତ ଗଢ଼ିବା ପାଇଁ ଧାର କରଜ କରି ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିବା ବାସୁଦେବ ଅବସର ଗ୍ରହଣ ପରେ ଆର୍ଥିକ ଅନାଟନର ସମ୍ମୁଖୀନ ହେଉଥିଲା ବେଳେ ବିଦେଶରେ ରହୁଥିବା ସୋମେଶ କିଭଳି ଭାବରେ ବାପା ମାଆଙ୍କୁ ଭୁଲି ଯାଇଥିଲା ତାହାକୁ ନାଟକରେ ପ୍ରଦର୍ଶିତ କରାଯାଇଥିଲା। ଏଭଳି ଏକ ବଳିଷ୍ଠ କାହାଣୀ ଏବଂ କଳାକାର ମାନଙ୍କ ନିଖୁଣ ଅଭିନୟ ଉପସ୍ଥିତ ଦର୍ଶକ ମାନଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଭାବାବେଗରେ ବାନ୍ଧି ରଖିଥିଲା। ନାଟ୍ୟକାର କୈଳାସ ଚନ୍ଦ୍ର ଓଝାଙ୍କ ରଚିତ, ପ୍ରଶାନ୍ତ କୁମାର ସାମନ୍ତରାୟଙ୍କ ନିର୍ଦ୍ଦେଶିତ ତଥା ପବିତ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏହି ନାଟକରେ ଅଭିନୟ କରିଥିବା ରାମକୃଷ୍ଣ ନାୟକ, ଯାମିନୀକାନ୍ତ ମିଶ୍ର, ସୁଦର୍ଶନ ରାଉତ, ଆକାଶ ରାଉତ, ଶିବାନୀ ଶତପଥୀ ଓ ସୋନାଲି ବେହେରାଙ୍କ ବଳିଷ୍ଠ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନାଟକ ଆରମ୍ଭ ପୂର୍ବରୁ କବି ଗୋପୀନାଥ ସେଠୀଙ୍କ ସଂଯୋଜନା ଓ ଅନୁଷ୍ଠାନର ସଭାପତି କିଷୋନ୍ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ନାଟ୍ୟଭୂଷଣ ଡ.ବିଜୟ କୁମାର ଚୌଧୁରୀ, ନାଟ୍ୟକାର ବିଶ୍ୱନାଥ ମହାପାତ୍ର ଯୋଗଦେଇ ଓଡ଼ିଆ ନାଟ୍ୟ ଜଗତରେ ନୟାଗଡ଼ ତା’ର ସ୍ୱତନ୍ତ୍ରତା ବଜାୟ ରଖିଛି ବୋଲି ମତ ରଖିଥିଲେ। ଶେଷରେ ସିରିୟସ୍ ଜୋନର ସଦସ୍ୟ ସୁରେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାସ୍ତା ଶିଳାନ୍ୟାସ, ଶିକ୍ଷାନୁଷ୍ଠାନ ବାର୍ଷିକ ଉତ୍ସବରେ ବିଧାୟକ



**ନିଶ୍ଚିନ୍ତକୋଇଲି,୧୦।୨/ଏନ୍‌ଏନ୍‌ଏସ୍:** ଆଜି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମାନ୍ୟବର ବିଧାୟକ ଶାରଦାପ୍ରସାଦ ପ୍ରଧାନ ଅସୁରେଶ୍ୱର ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅସୁରେଶ୍ୱର ଠାରୁ ପାଇକରାପୁର ଭାୟା ରଥ ଦାଣ୍ଡ ନୂତନ ରାସ୍ତା ଯାହାକି ୬କି.ମି ରାସ୍ତା ଅଟକଳ ମୂଲ୍ୟ ୪କୋଟି ୫୦ଲକ୍ଷ ଟଙ୍କାର ଶୁଭ ଶିଳାନ୍ୟାସ କରିଥିଲେ। ସେହିପରି ଭାବେ ବିଧାୟକ ଶ୍ରୀ ପ୍ରଧାନ ଅସୁରେଶ୍ୱର ପଞ୍ଚାୟତର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅସୁରେଶ୍ୱର ବାର୍ଷିକ ଉତ୍ସବ ଏବଂ ସୁଭଦ୍ରା ମହତାବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଭିତ୍ତିଭୂମିର ବିକାଶ ହେବା ସଙ୍ଗେ ସଙ୍ଗେ ଶୈକ୍ଷିକ ବିକାଶର ମଧ ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ବିଧାୟକଙ୍କ ସହିତ ବ୍ଲକ ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର,ଅଶୋକ ଓଝା, ଗ୍ରାମ୍ୟଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ପଲେଇ,କନିଷ୍ଠ ଯନ୍ତ୍ରୀ ଉର୍ମିପ୍ରିୟଦର୍ଶିନୀ ଦାସ, ପିଏମଶ୍ରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳା ଖଟୁଆ, ଶିକ୍ଷୟିତ୍ରୀ ମନୋରମା ପ୍ରଧାନ, ସୁପ୍ରିୟା ସାହୁ, ଅରୁନ୍ଧତୀ ଐଶ୍ୱର୍ଯ୍ୟାରାଣୀ ଦାସ, ସୁନିଲ କୁମାର ଲେଙ୍କା, ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧକ୍ଷା, ଅଧାପକ, କର୍ମଚାରୀଙ୍କ ସମେତ ଅସୁରେଶ୍ୱର ସରପଞ୍ଚ ଗୌତମୀ ଦାସ, ସମିତିସଭ୍ୟା ହିମାଦ୍ରୀ ମିଶ୍ର, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାନ୍ତି, ଅନ୍ତରାମ ସିଂ, ରଂଜନ ରାଉତ, ଅଶୋକ ସାହୁ, ପ୍ରକାଶ ସାମଲ, ଗିରିଶରଂଜନ ସାହୁ, ଶାରଦାପ୍ରସାଦ ମିଶ୍ର, ଜ୍ଞାନରଂଜନ ରାଉତ, କୈଳାସ ବେହେରା, ବିଜୟ ବଳ, ସରପଞ୍ଚ ପ୍ରତିନିଧି ଅନନ୍ତ ଦାସ, ସଂଜୀବ କୁମାର ସାହୁଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

**ନିତି ଭାରତୀ**

ସମ୍ପର୍କ ଚାରିଗୋଟି ନୀତି ଉପରେ ପର୍ଯ୍ୟବସିତ- ସମ୍ମାନ ପ୍ରଦର୍ଶନ, ବୁଝାମଣା, ଗ୍ରହଣ କରିନେବା ଏବଂ ପସନ୍ଦ କରିବାର ମାନସିକତା। - **ମହାତ୍ମା ଗାନ୍ଧୀ**



ନିତିଦିନ NITIDIN
ବୁଧବାର, ୧୧ ଫେବୃଆରୀ ୨୦୨୬

# ସମସ୍ତ ବାଣିଜ୍ୟିକ ଚୁକ୍ତିର ଜନନୀ



ଜୟନ୍ତ ପଟ୍ଟନାୟକ

ଦୀର୍ଘ ପ୍ରାୟ ଦୁଇ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ହୋଇଛି- ୨୦୦୭ରୁ ଅୟମାରମ୍ଭ ହୋଇ ଥିବା ଭାରତ-ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସମ୍ପାଦିତ ହୋଇଛି। ୨୭ ଜାନୁଆରୀ, ୨୦୨୬ରେ ୟୁରୋପ୍‌ର ୨୭ଟି ଦେଶ ସହ ହୋଇଥିବା ଏହି ଚୁକ୍ତି କାର୍ଯ୍ୟକାରୀ ହେବ ୨୦୨୭ରୁ। ଅବଶ୍ୟ ଏଥିରେ ଅନେକ କାର୍ଯ୍ୟ ବାକି ଅଛି। ୟୁରୋପୀୟ ସଂଘରେ ସଦସ୍ୟ ଥିବା ୨୭ଟି ଦେଶର ସଂସଦରେ ଏହି ଚୁକ୍ତି ଗୃହୀତ ହେବ ଓ ଆହୁରି କେତେ ପ୍ରକାର କାଗଜପତ୍ର କାମ ବାକି ଅଛି। ଏତେ ବର୍ଷ ପରେ ଏହି ଚୁକ୍ତି ତ୍ୱରାନ୍ୱିତ ହେବାର କାରଣ, ଏଇ କିଛି ମାସ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ବାଚାଳାମି ବା ଅସଙ୍ଗତ/ ଅବାସ୍ତବ/ ଅହେତୁକ କାର୍ଯ୍ୟଧାରା। ଚଳିତ ୦୩ ଜାନୁଆରୀ, ୨୦୨୬ରେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ରାତି ଅଧରେ ଶୋଇଥିବା ଅବସ୍ଥାରେ ଅତି ଅସମ୍ମାନଜନକ ଭାବରେ ଗିରଫ କରି ଆମେରିକାର କୁଖ୍ୟାତ ବ୍ରୁକ୍‌ଲିନ୍ ଜେଲରେ ରଖିବା ଓ ମାନହାଟାନ୍ ଅଦାଲତରେ ତାଙ୍କର ମନଗଢ଼ା ବିଚାର ଚାଲିବା; ୦୮ ଜାନୁଆରୀ, ୨୦୨୬ରେ ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମରେ ଦୀର୍ଘ ଦିନର ସୁଖ ଦୁଃଖର ସାଥୀ ୟୁରୋପୀୟ ସଂଘ ବିରୁଦ୍ଧରେ ଟ୍ରମ୍ପଙ୍କ ବିଷୋଦ୍‌ଗାର ଓ ଆମେରିକା ନେତୃତ୍ୱରେ ପରିଚାଳିତ ନାଟୋର ସଦସ୍ୟ ଥିବା ଡେନମାର୍କର ଏକ ସ୍ୱୟଂଶାସିତ ଦ୍ୱୀପ ରାଷ୍ଟ୍ର ଗ୍ରୀନ୍‌ଲ୍ୟାଣ୍ଡକୁ ଅଧିଗ୍ରହଣ କରିବାକୁ ଟ୍ରମ୍ପଙ୍କର ରଣହୁଙ୍କାର- ପ୍ରାୟ ସମଗ୍ର ୟୁରୋପୀୟ ସଂଘର ବିରୋଧ ସତ୍ତ୍ୱେ- ଏସବୁ ୟୁରୋପୀୟ ସଂଘର ଦୁଶ୍ଚିନ୍ତା ବଢ଼ାଇ ଦେଇଛି। ଆମେରିକା ନେତୃତ୍ୱରେ ଅସୁରକ୍ଷିତ ଅନୁଭବ କରିବା ପରେ ପାଶ୍ଚାତ୍ୟ ଦେଶ ସମୂହ ଏସିଆ ଆଡ଼କୁ, ବିଶେଷକରି ଭାରତ ଆଡ଼କୁ ମୁହଁ ଫେରାଇବାକୁ ବାଧ ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ନିଆଁରେ ପୁଣି ଘିଅ ଢାଳିଥିଲା ଜବରଦସ୍ତ ଗ୍ରୀନ୍‌ଲ୍ୟାଣ୍ଡ ଅଧିଗ୍ରହଣ ପରିପ୍ରେକ୍ଷୀରେ ପାଶ୍ଚାତ୍ୟ ଦେଶଗୁଡ଼ିକର ବିରୋଧ ହେତୁ ସେହି ଦେଶଗୁଡ଼ିକ ଉପରେ ୧୦% ଟାରିଫ୍ ଲଗାଇବାର ଟ୍ରମ୍ପଙ୍କ ଧମକ, ଯାହା ଜୁନ୍ ୨୦୨୬ରୁ ୨୫%କୁ ବୃଦ୍ଧି ପାଇପାରେ।

ଏହି ଐତିହାସିକ ଚୁକ୍ତି ଫଳରେ ବିଶ୍ୱର ୩୦ ଶତାଂଶ ଜନସଂଖ୍ୟା (ୟୁରୋପ୍ ଓ ଭାରତ) ଓ ସମଗ୍ର ବିଶ୍ୱ ବାଣିଜ୍ୟର ଏକ-ଚତୁର୍ଥାଂଶ ପଣ୍ୟ କାରବାର ମୁକ୍ତ ବାଣିଜ୍ୟ ବା ଶୁଳ୍କ ବିହୀନ ହେବ। ଏହା ବିଶ୍ୱ ଜିଡିପିର ଏକ-ଚତୁର୍ଥାଂଶ। ଏହାର ପ୍ରଭାବ ସୁଦୂରପ୍ରସାରୀ ନିଶ୍ଚିତ। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ଭାରତ ଉପରେ ଟ୍ରମ୍ପଙ୍କର ଅପରିଣାମଦର୍ଶୀ ୫୦% ଟାରିଫ୍ ପରିପ୍ରେକ୍ଷୀରେ ଭାରତର ଏହା ଏକ ବଡ଼ ସଫଳତା କହିବାରେ ଦ୍ୱିଧା ନାହିଁ। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦେଶ ଉପରେ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଅସ୍ତବ୍ୟସ୍ତ ୟୁରୋପ୍ ଓ ଭାରତ ବେନି ଜଣଙ୍କୁ ପଡ଼ିଛି ଏକା ଦଶାର ଏହା ପରିଣାମ। ବିଶ୍ୱ ବାଣିଜ୍ୟର ଏକ-ତୃତୀୟାଂଶ ଭାରତ-ୟୁରୋପୀୟ ସଂଘର ବାଣିଜ୍ୟ କାରବାର, ଯାହାର ଅନୁପାତ ହେଉଛି ୩୩:୧୧ ଟ୍ରିଲିୟନ ଡଲାର। ଏହି ଚୁକ୍ତି ଫଳରେ ବାଣିଜ୍ୟ କାରବାରର ପ୍ରାୟ ଅଧିକାଂଶ ଦ୍ରବ୍ୟ ଶୂନ ଶୁଳ୍କକୁ ଆସିଯିବ। ଅବଶ୍ୟ ଏଥିପାଇଁ ସମୟ ଲାଗିବ। ସମସ୍ତେ ଶସ୍ତା ଦ୍ରବ୍ୟର ସୁଯୋଗ ପାଇବେ। ପୃଥିବୀର ଏହି ବିଶାଳ ଅଞ୍ଚଳ ସ୍ଥିର, ସୁରକ୍ଷିତ ଓ ସମୃଦ୍ଧ ପରିବେଶ ପାଇବ। ତେଣୁ ଏହି ଚୁକ୍ତିକୁ 'ସମସ୍ତ ବାଣିଜ୍ୟିକ ଚୁକ୍ତିର ଜନନୀ' କହିବା ଏକାନ୍ତ ଯୁକ୍ତିଯୁକ୍ତ। ତଥାପି ଏଥିରେ ୟୁରୋପୀୟ ସଂଘର ପଲା ଭାରି ଲାଗୁଛି, କାରଣ ୟୁରୋପ ସହ ବାଣିଜ୍ୟରେ ଭାରତର ଆମଦାନୀ ଅଧିକ ବା ବାଣିଜ୍ୟ ନିଅଣ୍ଟ ଅଧିକ, ତେଣୁ ଭାରତର ଏକ ସମତୁଲ ବାଣିଜ୍ୟ କାରବାର ଜରୁରୀ, ଯାହା ହୋଇପାରିବ ଭବିଷ୍ୟତରେ। ପୁଣି ୟୁରୋପୀୟ ସଂଘ ଦ୍ୱାରା ଜାନୁଆରୀ ୦୧ରୁ ପ୍ରଚଳିତ କାର୍ବନ ଟିକସ ହେତୁ ଭାରତର ଅନେକ ଶିଳ୍ପଜାତ ଦ୍ରବ୍ୟ ପ୍ରଭାବିତ ହେବ। ଆହୁରି ଭାରତରେ ତରବରିଆ ଭାବେ ଜମିର କିସମ ପରିବର୍ତ୍ତନ କରି ପ୍ରତିଷ୍ଠା ହୋଇଥିବା ଶିଳ୍ପଜାତ ପଦାର୍ଥ ଉପରେ ୟୁରୋପୀୟ କଟକଣା ଅବ୍ୟାହତ ରହିଛି। ଅଧିକନ୍ତୁ, ଭାରତୀୟ ରପ୍ତାନୀଯୋଗ୍ୟ ପଣ୍ୟଦ୍ରବ୍ୟ ପରିବେଶ, ମାନବାଧିକାର ଓ ଦୁର୍ନୀତିମୁକ୍ତ ପ୍ରମାଣପତ୍ର ହାସଲ କରିବା ଜରୁରୀ ୟୁରୋପୀୟ ବାଣିଜ୍ୟ ନିୟମ ପରିପ୍ରେକ୍ଷୀରେ, ଯାହା ଆମ ଦେଶରେ ଏତେଟା ସହଜ ନୁହେଁ। ତେଣୁ କେବଳ ଆମେରିକୀୟ ଚାପକୁ ଏଡ଼ାଇବାକୁ ଯାଇ ସମ୍ପାଦିତ ଚୁକ୍ତି ଭାରତ ପାଇଁ କେତେଦୂର ଲାଭପ୍ରଦ ହେବ, ତାହା ଭବିଷ୍ୟତ କହିବ। ତଥାପି ବର୍ତ୍ତମାନ ପାଇଁ ଏହା ଏକ ବିରାଟ ସଫଳତା, ଅନ୍ତତଃ ଆମେରିକାର ଦାଦାଗିରି ପ୍ରେକ୍ଷାପଟରେ। ଗୋଟିଏ ଆପ୍ତବାକ୍ୟ 'ଅବ୍ ଆୟା ଉଁଟ୍ ପାହାଡ଼ କେ ନୀଚେ' ଉକ୍ତିଟି ସାର୍ଥକ ହୋଇଛି। ଆଜି ପର୍ଯ୍ୟନ୍ତ କେବେ ଭାରତର ପକ୍ଷକୁ ସମର୍ଥନ କରି ନଥିବା (ଏମିତିକି ଅପରେସନ୍ ସିନ୍ଦୂର ସମୟରେ ମଧ୍ୟ) ପାଶ୍ଚାତ୍ୟ ଗୋଷ୍ଠୀ ଆମେରିକାର ବଡ଼ଭାଇପଣିଆରେ ଅତିଷ୍ଠ ହୋଇ ଭାରତ ସହିତ ଆମେରିକା ବିରୁଦ୍ଧରେ ଏକାଠି ହୋଇଛନ୍ତି।

ସର୍ବୋତ୍ତମ ନହେଉ, ସର୍ବନିମ୍ନ ତ ନୁହେଁ- ଏଇ ମଝିଆମଝି ବା ହାରାହାରି ଚୁକ୍ତି ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଆମ ଦେଶ ସକାଶେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ, ଅନ୍ତତଃ ଆମେରିକାର ମୁଣ୍ଡବୁଲା ନେତାମାନଙ୍କର ପାଗଳାମିକୁ ବାଟକୁ ଆଣିବା ଦିଗରେ। ଏବେ ଏହାର ଭଲ ଦିଗଗୁଡ଼ିକୁ ବିଚାର କରିବା। ଭାରତ ପାଇଁ ୟୁରୋପୀୟ ଦାମୀ ଗାଡ଼ି, ମଦ, ଚକୋଲେଟ୍, ପାସ୍ତା, ଅନେକ ଯନ୍ତ୍ରାଂଶ ଶସ୍ତା ହେବ। ଉଦାହରଣ ସ୍ୱରୂପ, ବର୍ତ୍ତମାନ ୟୁରୋପୀୟ କାର୍‌ଗୁଡ଼ିକ ଉପରେ ୧୧୦% ଶୁଳ୍କ ନିଆ ଯାଉଥିବା ବେଳେ ତାହା ୧୦%କୁ ଖସି ଆସିବ। ୟୁରୋପରେ ଭାରତୀୟ ଶିକ୍ଷା, ବାଣିଜ୍ୟ, ପର୍ଯ୍ୟଟନ ପ୍ରଭୃତିର ଉନ୍ନତି ସମ୍ଭବ ହେବ। ୟୁରୋପୀୟ ଦେଶଗୁଡ଼ିକରେ ବସବାସ କରୁଥିବା ପ୍ରାୟ ୮ଲକ୍ଷ ଭାରତୀୟ ଓ ୟୁରୋପରେ ଶିକ୍ଷା, ବାଣିଜ୍ୟ ଓ ଚାକିରି ପାଇଁ ଆଶାୟୀ ଭାରତୀୟମାନେ ଉପକୃତ ହେବେ। କେବଳ ବାଣିଜ୍ୟ ନୁହେଁ, ପ୍ରତିରକ୍ଷା, ସୁରକ୍ଷା, ସାଇବର ସୁରକ୍ଷା ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ନେଣଦେଣ ସୁବିଧାଜନକ ହେବ। ଏହି ଚୁକ୍ତି ଏକ ସୁଦୃଢ଼ ଦ୍ୱିପାକ୍ଷିକ ବାଣିଜ୍ୟ, ଶୃଙ୍ଖଳିତ ଯୋଗାଣ ଶୃଙ୍ଖଳ, ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବାରେ ସହାୟତା କରିବ। ବର୍ତ୍ତମାନ ଭାରତ ସ୍ପେନ୍‌ରୁ ସି ୨୯୫ ପରିବହନ ବିମାନ କିଣୁଛି। ଏହାର ଉତ୍ପାଦନ ଭାରତରେ ହୋଇପାରିବ। ସେମିତି ଜର୍ମାନୀରୁ କିଣୁଥିବା ବୁଡ଼ାଜାହାଜ ଏଠାରେ ତିଆରି ହୋଇପାରିବ ଏବଂ ଫ୍ରାନ୍ସରୁ କିଣିଥିବା ଫାଇଟର ଜେଟ୍ ରାଫେଲ (ବାୟୁସେନା ପାଇଁ ୩୬ ଓ ନୌବାହିନୀ ପାଇଁ ୨୬) ଓ କିଣିବାକୁ ଥିବା ଆଉ ୧୧୪ଟି ରାଫେଲ ମଧ୍ୟରୁ ୯୦ଟି ଏଇଠି ଉତ୍ପାଦନ କରାଯିବାର ସମ୍ଭାବନା ଉଜ୍ଜ୍ୱଳ। ଫଳରେ ଭାରତୀୟ ବୈଷୟିକ ଜ୍ଞାନର ଉତ୍ତରଣ ହେବା ସଙ୍ଗେ ସଙ୍ଗେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆହୁରି ମଧ୍ୟ ଆଜିକାର କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଓ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବିନିମୟ ସହଜ ହୋଇପାରିବ।

ଭାରତୀୟ ଉତ୍ପାଦ ପୋଷାକ, କପଡ଼ା, ଜୋତା ଓ ଚମଡ଼ାଜାତ ପଦାର୍ଥ, ଅଳଙ୍କାର, ରତ୍ନ ପଥର, ଚା', କଫି, ମସଲା, ଔଷଧ, ବିଭିନ୍ନ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ଆଦି ପାଶ୍ଚାତ୍ୟ ଦେଶରେ ଶସ୍ତାରେ ଉପଲବ୍ଧ ହେବ। ସବୁଠୁ ବଡ଼କଥା ହେଉଛି, ଅଧୁନା ବିଶ୍ୱର ଅନେକ ଦେଶ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ଭାରତୀୟ ଅର୍ଥନୀତି କିନ୍ତୁ ପୃଥିବୀର ସର୍ବାଧିକ ଅଭିବୃଦ୍ଧିଶୀଳ ଅର୍ଥନୀତି (୭.୮)। ଅନେକ ବର୍ଷ ଭାରତକୁ ହେୟଜ୍ଞାନ କରି ନିରବ ରହିବା ପରେ ୟୁରୋପୀୟ ସଂଘ ଏହି ଚୁକ୍ତି ନିମନ୍ତେ ଆଗଭର ହେବାର ଏହା ଏକ ପ୍ରମୁଖ କାରଣ। ୨୦୦୭ରୁ ଏହି ଚୁକ୍ତି ସକାଶେ ପ୍ରୟାସ ଆରମ୍ଭ ହୋଇଥିଲେ ହେଁ ପାଶ୍ଚାତ୍ୟ ଦେଶଗୁଡ଼ିକ ବାରମ୍ବାର ନାନା ପ୍ରକାର ଅସୁବିଧା ସୃଷ୍ଟି କରୁଥିଲେ। ସେଥିପାଇଁ ଭାରତ ମଧ୍ୟ ସମ୍ପୂର୍ଣ୍ଣ ନିରବି ଯାଇଥିଲା, ପୁଣି ୨୦୨୩ରୁ ଆରମ୍ଭ ହୋଇଥିବା ପ୍ରଚେଷ୍ଟା ୨୦୨୬ ପ୍ରାରମ୍ଭରେ ରୂପ ନେଲା। ତଥାପି ବହୁତ କାର୍ଯ୍ୟ ବାକି ଅଛି,




ଯେମିତି ୨୭ଟିଯାକ ୟୁରୋପୀୟ ଦେଶର ସଂସଦରେ ଏହି ଚୁକ୍ତି ଗୃହୀତ ହେବା ପରେ ସେମାନଙ୍କ ଭାଷାରେ ଏହାର ଅନୁବାଦ ହେବା ମଧ୍ୟ ଜରୁରୀ ଆବଶ୍ୟକ। ଏସବୁ କାର୍ଯ୍ୟ ସରିବା ପରେ ଯାଇଁ ଏହି ଚୁକ୍ତି କାର୍ଯ୍ୟକ୍ଷମ ହୋଇ ପାରିବ। ଏହି ଚୁକ୍ତିକୁ ଐତିହାସିକ ଓ 'ସମସ୍ତ ବାଣିଜ୍ୟିକ ଚୁକ୍ତିର ଜନନୀ' ବା ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ୍‌ସ କୁହାଯିବାର କାରଣ ମଧ୍ୟ ସେହିପରି, ଯାହା ନିମ୍ନରେ ପ୍ରଦାନ କରାଗଲା।

ସମସ୍ତ ୨୭ଟିଯାକ ୟୁରୋପୀୟ ଦେଶର ପ୍ରତିନିଧି ଏଥିପାଇଁ ପହଞ୍ଚି ଥିଲେ ନୂଆଦିଲ୍ଲୀରେ। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ର ଅଶୋକା ହଲ୍‌ରେ ୟୁରୋପୀୟ କମିଶନ୍‌ର ଅଧ୍ୟକ୍ଷା ଉର୍ସୁଲା ଭେନ ଡେର ଲିୟନ ଓ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ଉପସ୍ଥିତିରେ ଏହି ଚୁକ୍ତିର ବିଚାର ବିମର୍ଶ ଚାଲିଥିଲା। ଏହି ମହାମାନ୍ୟ ଅତିଥିଦ୍ୱୟ ଭାରତ ଆସି ଓ ଭାରତୀୟ ସୂତୀ ପୋଷାକ ପରିଧାନ କରି ଭାରତୀୟ ଆତିଥ୍ୟର ଭୂରିଭୂରି ପ୍ରଶଂସା କରିଛନ୍ତି। ଅଧିକ ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ୟୁରୋପୀୟ ଦେଶମାନେ ଭାରତ, ରୁଷିଆରୁ ତୈଳ ଆମଦାନୀ କରୁଥିବାରୁ ରୁଷ୍-ୟୁକ୍ରେନ୍ ଯୁଦ୍ଧ ପାଇଁ ଭାରତକୁ ପରୋକ୍ଷରେ ଦାୟୀ ବୋଲି କହୁଥିଲେ (ଅନେକାଂଶରେ ଟ୍ରମ୍ପଙ୍କ ପରୋଚନାରେ), ସେଇମାନେ ଏବେ ୟୁକ୍ରେନ୍-ରୁଷ୍ ଯୁଦ୍ଧ ବିରତି କରିବାକୁ ଭାରତ ହିଁ ସର୍ବାଧିକ ଯୋଗ୍ୟ ଓ ଏଥିପାଇଁ ମୋଦୀଙ୍କୁ ଅନୁରୋଧ କରିଥିଲେ। ଭାବବିହ୍ୱଳିତ ହୋଇ ଉର୍ସୁଲା ଭେନ୍ କହିଥିଲେ, 'ଏହି ଚୁକ୍ତି ଫଳରେ ବାଣିଜ୍ୟ କ୍ଷେତ୍ର ସ୍ଥିର, ସୁରକ୍ଷିତ ଓ ସମୃଦ୍ଧ ହୋଇପାରିବ। ଏହି ଘଟଣା ଟ୍ରମ୍ପଙ୍କ ପାଇଁ ଶକ୍ତ ଆଘାତ ହୋଇଛି। ସମଗ୍ର ୟୁରୋପୀୟ ବଜାର ସହସା ଭାରତ ପାଇଁ ଖୋଲିଯିବା ଘଟଣାରେ ଆମେରିକା ଓ ଚୀନ୍ ସ୍ତବ୍ଧ ଓ ଚକିତ। ଆଉ ଗୋଟିଏ କଥା ହେଲା, ୟୁରୋପ୍ ସହିତ ଭାରତର ଏହି ମହାନ୍ ଚୁକ୍ତି ଫଳରେ ଆମର ଦୁଇ ପଡ଼ୋଶୀ ଦେଶ ପାକିସ୍ତାନ ଓ ବାଂଲାଦେଶର ଭେଳା ବୁଡ଼ିଲା ଜାଣ। ୟୁରୋପୀୟ ଦେଶଗୁଡ଼ିକୁ ଭାରତୀୟ କପଡ଼ା ଓ ପୋଷାକ ବିନା ଶୁଳ୍କରେ ରପ୍ତାନୀ ହେଲେ ବାଂଲାଦେଶ ଓ ପାକିସ୍ତାନର ସେଠାରେ ସ୍ଥାନ କାହିଁ ? ବିନା ଯୁଦ୍ଧରେ ତାଙ୍କ ଅବସ୍ଥା ଘାଇଲା; କୋଟି କୋଟି ଲୋକ ଜୀବିକା ହରାଇବେ।

ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ଭାରତ, ବ୍ରିଟେନ୍ (ବ୍ରେକଜିଟ୍ ମାଧ୍ୟମରେ ୟୁରୋପୀୟ ସଂଘରୁ ପୂର୍ବରୁ ଅଲଗା ହୋଇଯାଇଛି) ଓ ଅନ୍ୟ କେତେକ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ପାଦନ କରିଥିଲା। ଏବେ କାନାଡା ମଧ୍ୟ ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିବାକୁ ଆଗ୍ରହୀ। ଏସବୁ ଦେଖି ରକ୍ତ ଚାଉଳ ଚୋବାଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ଅଧୁନା ପରିସ୍ଥିତି ଏମିତି ହେଲାଣି ଯେ ଏଇ ଚୁକ୍ତି ପରେ ଆମେରିକାରେ ଟ୍ରମ୍ପଙ୍କ ନୀତି ଓ ମନମାନୀ ବିରୁଦ୍ଧରେ ସ୍ୱର ବେଳକୁ ବେଳ ତୀବ୍ର ହେଉଛି। ବିରୋଧୀ ଛାଡ଼ନ୍ତୁ, ତାଙ୍କ ନିଜ ଦଳରୁ ମଧ୍ୟ ଟ୍ରମ୍ପଙ୍କ ବିରୋଧରେ ସ୍ୱର ଉଠିଲାଣି। ଜଣେ ସିନେଟର କହିଛନ୍ତି, ମୋଦୀ ହିଁ ବିଶ୍ୱର ଅବିସମ୍ବାଦିତ ନେତା। ଟ୍ରମ୍ପଙ୍କର ଅଦ୍ୟାବଧି ମିଛର ପେଡ଼ି ଖୋଲିଦେଇ ଜଣେ ସିନେଟର କହିଛନ୍ତି ଯେ ପ୍ରକୃତରେ ଭାରତ-ପାକିସ୍ତାନ ଯୁଦ୍ଧ ବିରତିରେ ଟ୍ରମ୍ପଙ୍କର କୌଣସି ହାତ ନାହିଁ। ଦୁଇ ଦେଶ ପରସ୍ପର ସହିତ ଯୁଦ୍ଧ ବିରତି କଥାବାର୍ତ୍ତା କରିଥିଲେ। ଯାହା ଜଣାପଡୁଛି, ଟାରିଫ୍‌ର ପ୍ରକୋପ ଟିକେ କମି ଗଲାଣି ବା କମିବାକୁ ବାଧ ହେଲାଣି। ତେଣୁ ଏବେ ଆପ୍ତବାକ୍ୟଟିକୁ ପରିବର୍ତ୍ତନ କରି କହିହେବ, 'ଟାରିଫ୍ କ୍ୟା ନ କରେ କାମ୍!'■

ମୋ: ୯୦୯୦୧୯୦୦୬୯

# ବିଷ ବଳୟରେ ବିଶ୍ୱ



ଅଲେଖ ଚନ୍ଦ୍ର ମିଶ୍ର

ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ବର୍ଦ୍ଧିଷ୍ଣୁ ଆନ୍ତର୍ଜାତିକ ସମସ୍ୟା ରୂପରେ ଜୀବଜଗତର ସ୍ଥିତି ପ୍ରତି ଘୋର ବିପଦ ସୃଷ୍ଟି କରିଲାଣି। ଏହାକୁ ନିୟନ୍ତ୍ରଣ କରା ନଗଲେ ସମଗ୍ର ଜୀବଜଗତ ଯେ ଅଚିରେ ଧ୍ୱଂସ ହୋଇଯିବ, ଏଭଳି ଆଶଙ୍କା ଉପୁଜିଲାଣି। ଏହାର ପୂର୍ବାଭାସ ସ୍ୱରୂପ ବିଶ୍ୱ ତାପନ, ଆଣ୍ଟାର୍କଟିକାରେ ବରଫ ତରଳିବା, ପ୍ରବାଳ ପ୍ରାଚୀରର ଅବକ୍ଷୟ, ଆଗ୍ନେୟଗିରିର ଅସ୍ୱାଭାବିକ ଉଦ୍‌ଗୀରଣ, ଫ୍ଲାସ୍‌ଫ୍ଲଡ୍, ସାମୁଦ୍ରିକ ଝଡ଼, ଜଳବାୟୁ ପରିବର୍ତ୍ତନ, ଋତୁଚକ୍ରରେ ଅନିୟମିତତା, ପର୍ଯ୍ୟାବରଣରେ ଅସନ୍ତୁଳନ, ଜୈବ ବିବିଧତାରେ ବିବର୍ତ୍ତନ, ଉର୍ବର ଭୂମି ଊଷର ପାଲଟିଯିବା, ମୃତ୍ତିକା କ୍ଷୟ ଇତ୍ୟାଦି ସହିତ ବିଭିନ୍ନ ପ୍ରକାରର ଅଜଣା ରୋଗ ସୃଷ୍ଟି ହୋଇ ଚାଲିଛି। ସମସ୍ୟା ଏତେ ଗମ୍ଭୀର ଆକାର ଧାରଣ କଲାଣି ଯେ ମିଳିତ ଜାତିସଂଘ ଏଥିପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରି ଏହାର ଅନୁସନ୍ଧାନ ଓ ମୁକାବିଲା ପାଇଁ ସାରା ବିଶ୍ୱର ବିଶିଷ୍ଟ ବୈଜ୍ଞାନିକ ଓ ପରିବେଶବିତ୍‌ମାନଙ୍କୁ ନେଇ 'ଇଣ୍ଟର ଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ ଚେଞ୍ଜ୍' (ଆଇପିସିସି) ନାମକ ଏକ ସଂସ୍ଥା ଗଠନ କରିଛନ୍ତି। ଏ ବିଷୟରେ ଅନୁସନ୍ଧାନ କରି ଉକ୍ତ ସଂସ୍ଥା ୦୯.୦୮.୨୧ ତାରିଖରେ ୧୩୦୦ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ପ୍ରଦାନ କରିଛନ୍ତି, ଯେଉଁଥିରେ ସେମାନେ ସତର୍କ ସୂଚନା ଦେଇଛନ୍ତି ଯେ ବିଶ୍ୱ ତାପମାତ୍ରାର ମାନ ୧.୫ ଡିଗ୍ରୀ ସେଲସିୟସ୍ କିମ୍ବା ତଦୁର୍ଦ୍ଧ୍ୱ ହେଲେ ଚଳିତ ଶତାବ୍ଦୀର ଶେଷ ବେଳକୁ ଜୀବଜଗତ ସମ୍ପୂର୍ଣ୍ଣ ଲୋପ ପାଇଯିବ। ସେମାନଙ୍କ ମତରେ, ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି, ବାୟୁ ପ୍ରଦୂଷଣ ଏବଂ ଏହାକୁ ରୋକା ନ ଗଲେ ତାପମାତ୍ରା ବଢ଼ି ଚାଲିଥିବ।

ବାୟୁ ପ୍ରଦୂଷଣ ରୋକିବା ପାଇଁ ଉଦ୍ୟମ କରିବା ପୂର୍ବରୁ ବାୟୁମଣ୍ଡଳର ପ୍ରାକୃତିକ ସନ୍ତୁଳନ ବିଷୟରେ ଜାଣିବା ନିହାତି ଜରୁରୀ। ବାୟୁମଣ୍ଡଳରେ ଥିବା ଚାରିଗୋଟି ସ୍ତର (ଟ୍ରପୋସ୍ଫିୟର, ଷ୍ଟ୍ରାଟୋସ୍ଫିୟର, ମେସୋସ୍ଫିୟର ଓ ଥର୍ମୋସ୍ଫିୟର) ମଧ୍ୟରୁ ଷ୍ଟ୍ରାଟୋସ୍ଫିୟର ଅନ୍ତର୍ଗତ ଓଜୋନୋସ୍ଫିୟର ଭୂମିଠାରୁ ୮ରୁ ୫୦ କି.ମି. ଭିତରେ ରହିଛି। ଏହି ସ୍ତର ପୃଥିବୀର ଅମ୍ଳଜାନ ସ୍ତରକୁ ସ୍ଥିର ରଖି ଆମର ଜୀବନ ରକ୍ଷା କରେ। ଏହାଛଡ଼ା ସୂର୍ଯ୍ୟମଣ୍ଡଳରୁ ନିର୍ଗତ ହେଉଥିବା ବିଷାକ୍ତ ଅତିବାଇଗଣି (ଅଲ୍‌ଟ୍ରା ଭାଓଲେଟ୍) ରଶ୍ମି, ଯାହା ଜୀବଜଗତ ପାଇଁ ଘୋର ମାରାତ୍ମକ ଓ ଘାତକ, ତାକୁ ଶୋଷି ନେଇ ଆମକୁ ଜୀବନ ଦାନ ଦିଏ। କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ, ବାୟୁମଣ୍ଡଳର ଏପରି ଜୀବନ ରକ୍ଷାକାରୀ ଉପାଦାନକୁ ବୁଝିବା ପରିବର୍ତ୍ତେ ଆମେ ତା' ଉପରେ ରୀତିମତ ଆକ୍ରମଣ କରି ଚାଲିଛୁ। ଆମଦ୍ୱାରା ସୃଷ୍ଟ ଧୂଳିକଣା, ଯାନବାହନ, ବାଣଫୁଟା, କଳକାରଖାନା, ଇଟାଭାଟି, ଶସ୍ୟମୂଳି ବା ଖୁଣ୍ଟି ପୋଡ଼ିବା, କୋଇଲା, ପ୍ରାକୃତିକ ବାଷ୍ପ, କାଠ ଇତ୍ୟାଦିରୁ ବାହାରୁ ଥିବା ଧୂଆଁ ଏବଂ ସର୍ବୋପରି ସବୁଜ ଗୃହ ନିର୍ଗମନ (ଗ୍ରୀନ୍ ହାଉସ୍ ଏମିସନ୍) ବାୟୁମଣ୍ଡଳକୁ ପ୍ରତି ମୁହୂର୍ତ୍ତରେ ପ୍ରଦୂଷିତ କରୁଛି। ଆମେ ବେପରୁଆ ଭାବରେ ବ୍ୟବହାର କରୁଥିବା ଟିଭି, କମ୍ପ୍ୟୁଟର, ଫ୍ରିଜ, ଫୋମ୍, ଶୀତଳଭଣ୍ଡାର, ଏରୋସୋଲ ସ୍ପ୍ରେ ଇତ୍ୟାଦି ବୈଦ୍ୟୁତିକ ସାମଗ୍ରୀରେ ନିହିତ ଥିବା କ୍ଲୋରୋଫ୍ଲୁରୋ କାର୍ବନ୍ (ସିଏଫ୍‌ସି) ଏତେ ବିଷାକ୍ତ ଯେ ଏହା ଓଜୋନ୍ ସ୍ତରର ଅଣୁକୁ ଭାଙ୍ଗି ଚୁରମାର୍ କରିଦିଏ ଏବଂ ତା'ର ସାନ୍ଦ୍ରତାକୁ ନଷ୍ଟ କରିଦିଏ। ଫଳରେ ସୂର୍ଯ୍ୟ ମଣ୍ଡଳରୁ ବିଚ୍ଛୁରିତ ହେଉଥିବା ବିଷାକ୍ତ ବାଷ୍ପ ସିଧାସଳଖ ଭୂପୃଷ୍ଠରେ ପ୍ରବେଶ କରି ଜୀବଜଗତକୁ ଧ୍ୱଂସମୁଖକୁ ଟାଣିନିଏ। ଅତଏବ, ଓଜୋନ୍‌ସ୍ଫିୟର ନଥିଲେ ଜୀବଜଗତ ନଥାନ୍ତା।

ବାୟୁ ପ୍ରଦୂଷଣ ସାରା ପୃଥିବୀର ସମସ୍ୟା ହୋଇଥିବା ବେଳେ ଭାରତ ପାଇଁ ଏହା ବିଶେଷ ଉଦ୍‌ବେଗଜନକ। କାରଣ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ୨୦୧୮ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପୃଥିବୀର ସର୍ବାଧିକ ବାୟୁ ପ୍ରଦୂଷିତ ୧୫ଟି ସହର ମଧ୍ୟରେ ଭାରତରେ ରହିଛି ୧୪ଟି ଏବଂ ତା' ମଧ୍ୟରେ ଦିଲ୍ଲୀ ପ୍ରଥମ। ସହର ତ ସହର, ଏବେ ଗାଁ ଗଣ୍ଡାର ଜଳବାୟୁ ବି ପ୍ରଦୂଷିତ ହୋଇଗଲାଣି। ଘରେ ଘରେ ବୈଦ୍ୟୁତିକ ସରଞ୍ଜାମ, ବିଲରେ ଚାଷ ପାଇଁ ହଳ ବଳଦ ସ୍ଥାନରେ ଟ୍ରାକ୍ଟର, ପାଣି ମଡ଼େଇବା ପାଇଁ ଟେଣ୍ଡା ବଦଳରେ ଦମକଳ, ଢିଙ୍କି ଜାଗାରେ ହଲର, ଫସଲ ବୋହିବା ପାଇଁ ଶଗଡ଼ ବା ଭାର ପରିବର୍ତ୍ତେ ଟ୍ରାକ୍ଟର ବା ମିନିଟ୍ରକ୍। ଗାଁରେ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଯାନ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଗ୍ରାମାଞ୍ଚଳରେ ସହରୀକରଣର ପ୍ରଭାବ ସହିତ ଆମେ ଏପରି ଅଭ୍ୟସ୍ତ ହୋଇଗଲୁଣି ଯେ ତାକୁ ଛାଡ଼ି ଦଣ୍ଡେ ରହି ପାରିବୁ ନାହିଁ। ବାୟୁ ପ୍ରଦୂଷଣର ମୁକାବିଲା ତେବେ କରିବ କିଏ, ହେବ କେମିତି ? ତଥାପି ଆଇପିସିସି ପରାମର୍ଶ ଦେଇଛି, ଯେହେତୁ ବାୟୁ ପ୍ରଦୂଷଣ



ମନୁଷ୍ୟକୃତ, ସେହି ମନୁଷ୍ୟ ହିଁ ତା'ର ସମାଧାନ କରିବା ଉଚିତ। ଯେଉଁଠି ସମସ୍ୟା ଅପେକ୍ଷା ସମାଧାନ ଅଧିକ ଦୁରୂହ, ସେଠାରେ ପ୍ରାକୃତିକ ଅସନ୍ତୁଳନଜନିତ ଦୁର୍ବିପାକକୁ ମୁଣ୍ଡ ପାତି ସହି ନେବାକୁ ହିଁ ପଡ଼ିବ। କଠୋର ସଂଯମତା ପାଳନ କରି ବଞ୍ଚିବା ନା ଏସବୁ ପ୍ରତି ଆଖି ବୁଜିଦେଇ ମରିବା, ଚିନ୍ତା କରନ୍ତୁ।■

ସାରଦାଶ୍ରୀ, ୯୦୪
ଶାସ୍ତ୍ରୀନଗର, ୟୁନିଟ୍-୪
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮

# ଭାରତ-ମାଲେସିଆ ସମ୍ପର୍କ

ଏଇ ନିକଟରେ, ଅର୍ଥାତ୍ ଗତ ସପ୍ତାହର ଶେଷ ଭାଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ୨୪ ଘଣ୍ଟିଆ ଗସ୍ତରେ କୁଆଲାଲୁମ୍ପୁର ଯାଇ ସେଠାରେ ଭାରତ- ମାଲେସିଆ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ବେଶ୍ କେତେକ ପଦକ୍ଷେପ ନେଇଛନ୍ତି। ଏହି ସମ୍ପର୍କ ଆରମ୍ଭ ହୋଇଛି ୨୦୨୪ରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍ ଭାରତ ଗସ୍ତରେ ଆସିବା ପରେ, ଯେତେବେଳେ କି ଏହି ଦୁଇ ଦେଶ ସେମାନଙ୍କର ସମ୍ପର୍କକୁ ଉଚ୍ଚ ସ୍ତରକୁ ନେବାକୁ ଯାଇ ଏକ ବ୍ୟାପକ କୌଶଳପୂର୍ଣ୍ଣ ସମ୍ପର୍କରେ ପରିଣତ କରିବା ଆରମ୍ଭ କରିଥିଲେ ଏବଂ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ସାମ୍ପ୍ରତିକ ଗସ୍ତ ମାଲେସିଆର ପୂର୍ବ ପ୍ରଧାନମନ୍ତ୍ରୀ ମାହାଥିର ମହମଦଙ୍କ ଶାସନ କାଳରେ ଦୁଇ ଦେଶ ମଧ୍ୟରେ ରହିଥିବା ବିଦ୍ୱେଷର ପୃଷ୍ଠାକୁ ଓଲଟାଇ ଏକ ନୂତନ ଅଧ୍ୟାୟ ଲେଖିବାକୁ ଆରମ୍ଭ କରିଛି। ମାହାଥିରଙ୍କ ସ୍ୱଳ୍ପ କାଳର ଶାସନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏକ ବିବିଧତାଭରା ଇତିହାସକୁ ବହନ କରେ, ଯେଉଁଥିରେ ମାଲେସିଆ ପ୍ରାୟତଃ ପରମ୍ପରା, ଅର୍ଥନୀତିକ ଏବଂ ଭୌଗୋଳିକ ସ୍ୱାର୍ଥଠାରୁ ଧର୍ମକୁ ଅଧିକ ଗୁରୁତ୍ୱ ଦେଇ କାଶ୍ମୀର ପ୍ରସଙ୍ଗକୁ ଉଠାଇବାଠାରୁ ଆରମ୍ଭ କରି ପାକିସ୍ତାନକୁ ବିଭିନ୍ନ ଆନ୍ତର୍ଜାତିକ ମଞ୍ଚରେ ସମର୍ଥନ କରିବା ଭଳି କାର୍ଯ୍ୟ କରିଥିଲା। ମାହାଥିର ଯୁଗର ପରିସମାପ୍ତି ଘଟିବା ପରଠାରୁ ପରିସ୍ଥିତି ବଦଳିବାକୁ ଆରମ୍ଭ କରିଥିଲା। ଅନୱାର, ଯାହାଙ୍କର ଭାରତ ଏବଂ ଏହାର ଲୋକମାନଙ୍କ ସହିତ ଗଭୀର ସମ୍ପର୍କ ରହିଛି, ସେ ନୂଆଦିଲ୍ଲୀକୁ ଏକ ଗୁରୁତ୍ୱପୂର୍ଣ୍ଣ କୌଶଳପୂର୍ଣ୍ଣ ତଥା ବ୍ୟବସାୟିକ ଭାଗୀଦାର ଭାବରେ ଆପଣେଇ ନେବାକୁ ଚାହୁଁଥିବା ମନେହୁଏ। ସେଥିପାଇଁ ୨୦୨୪ରେ ଯେତେବେଳେ ସେ ଭାରତ ଆସିଥିଲେ, ସେତେବେଳେ ସମ୍ପର୍କ ସୁଦୃଢ଼ କରିବା ପାଇଁ କେତେଗୁଡ଼ିଏ ଚୁକ୍ତିପତ୍ର ବା ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ତେବେ ୨୦୨୫ରେ ପୁଣିଥରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ କିଛିଟା ତିକ୍ତତା ଦେଖା ଦେଇଥିଲା, ଯାହାର କାରଣ ଥିଲା ପହଲଗାମ୍ ଆତଙ୍କୀ ଆକ୍ରମଣ। ଏହି ଆକ୍ରମଣକୁ ଯଦିଓ ମାଲେସିଆ ତୀବ୍ର ନିନ୍ଦା କରିଥିଲା, କିନ୍ତୁ ଶ୍ରୀଯୁକ୍ତ ଅନୱାର ଏହି ଘଟଣାର ଏକ 'ପୂର୍ଣ୍ଣାଙ୍ଗ ଏବଂ ପୁଙ୍ଖାନୁପୁଙ୍ଖ' ତଦନ୍ତ କରିବା ପାଇଁ ଆହ୍ୱାନ ଦେବା ସହିତ 'ଯୁଦ୍ଧ ବିରତି ଏବଂ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା କରିବାକୁ' କହିଥିଲେ, ଯାହା ଭାରତକୁ ଉତ୍ତେଜିତ କରିବା ପାଇଁ ଯଥେଷ୍ଟ ଥିଲା। ଏମିତିକି ଆବଶ୍ୟକ ପଡ଼ିଲେ ସେ ଦୁଇ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ବୁଝାମଣା ପାଇଁ ମଧ୍ୟସ୍ଥତା କରିବାର ପ୍ରସ୍ତାବ ମଧ୍ୟ ଦେଇଥିଲେ। ଏହା ପରେ ସେହି ବର୍ଷ ଅକ୍ଟୋବର ମାସରେ ସେ ପାକ୍ ପ୍ରଧାନମନ୍ତ୍ରୀ ଶାହାବାଜ୍ ଶରିଫଙ୍କ ସରକାରୀ ଗସ୍ତକୁ ମଧ୍ୟ ଆତିଥ୍ୟ ପ୍ରଦାନ କରିଥିଲେ। ତେଣୁ ସମ୍ପ୍ରତି ଭାରତୀୟ ପ୍ରଧାନମନ୍ତ୍ରୀ ଏସବୁ କଥାକୁ ପଛକୁ ଠେଲିଦେଇ ମାଲେସିଆ ସହିତ ପୁନର୍ବାର ମଧୁର ସମ୍ପର୍କ ସ୍ଥାପନ କରିବାକୁ ଆଗେଇ ଆସିବା ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ।

ଶ୍ରୀଯୁକ୍ତ ମୋଦୀ ଏବଂ ଶ୍ରୀଯୁକ୍ତ ଅନୱାରଙ୍କ ଦ୍ୱାରା ଜାରି କରାଯାଇଥିବା ମିଳିତ ବିବୃତିରେ '... ସୀମା-ପାର ଆତଙ୍କବାଦ ସହିତ' ସମସ୍ୱରରେ ଆତଙ୍କବାଦର ଦୃଢ଼ ନିନ୍ଦା କରାଯାଇଛି। ସଙ୍ଗେ ସଙ୍ଗେ ଦୁଇ ଦେଶ ଆତଙ୍କବାଦ-ବିରୋଧୀ ସହଯୋଗ, ଗୁଇନ୍ଦାଗିରି ଏବଂ ସୂଚନା ଆବଣ୍ଟନ ତଥା ଏହି ପ୍ରସଙ୍ଗ ଉପରେ ଜାତିସଂଘ ଏବଂ ଫାଇନାନ୍‌ସିଆଲ ଆକ୍ସନ୍ ଟାସ୍କଫୋର୍ସ୍‌ରେ ଏ ବାବଦରେ ଉଭୟଙ୍କ ସ୍ଥିତିକୁ ସଂଯୋଜିତ କରିବା ଉପରେ ଆଲୋଚନା କରିଛନ୍ତି। ଦୁଇ ନେତାଙ୍କ ଆଲୋଚନା କାଳରେ ନିଆ ଯାଇଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ରହିଛି ସେମିକଣ୍ଡକ୍ଟର ଉପରେ ଏକ ଏମ୍‌ଓୟୁ, ଆଇଆଇଟି ମାଡ୍ରାସ ଗ୍ଲୋବାଲ୍ ଏବଂ ମାଲେସିଆର ଆଡ୍‌ଭାନ୍ସଡ୍ ସେମିକଣ୍ଡକ୍ଟର ଏକାଡେମୀ ମଧ୍ୟରେ ସହଯୋଗ ପ୍ରତିଷ୍ଠା କରିବା। ସେହିପରି ଦୁଇ ପକ୍ଷଙ୍କ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି ଏବଂ ଡିଜିଟାଲ ପ୍ରଯୁକ୍ତିଗୁଡ଼ିକ ଉପରେ ଆଲୋକପାତ କରାଯାଇଛି, ଯାହା ବିବାଦୀୟ ପ୍ରସଙ୍ଗ ସମୂହ ଯଥା ୟୁଏପିଏ ଅଭିଯୋଗରେ ଭାରତ ଚାହୁଁଥିବା ଧର୍ମ ପ୍ରଚାରକ ଜାକିର ନାଏକର ଦୀର୍ଘଦିନ ଧରି ରହିବା ଭଳି ପ୍ରସଙ୍ଗଗୁଡ଼ିକ ଉପରେ ସର୍ବସାଧାରଣରେ ଆଲୋଚନା କରାଯାଇ ନାହିଁ। ଆହୁରି ମଧ୍ୟ ଦୁଇ ପକ୍ଷ ବହୁପକ୍ଷୀୟ ପ୍ରସଙ୍ଗଗୁଡ଼ିକ ଉପରେ ସେମାନଙ୍କର ମତପାର୍ଥକ୍ୟଗୁଡ଼ିକୁ ଏଡ଼ାଇ ଯାଇଛନ୍ତି।

ଶ୍ରୀଯୁକ୍ତ ମୋଦୀଙ୍କ ଗସ୍ତକୁ ନେଇ ଶ୍ରୀଯୁକ୍ତ ଅନୱାର ଦେଇଥିବା ମନ୍ତବ୍ୟରୁ ସୁସ୍ପଷ୍ଟ ଯେ ମାଲେସିଆ ଭାରତର ଅର୍ଥନୀତିକ ଅଭିବୃଦ୍ଧିରୁ ଲାଭ ଉଠାଇବାକୁ ଆଗ୍ରହୀ। ଯେଉଁସବୁ କ୍ଷେତ୍ରରେ ଭାରତ ଢେର୍ ପ୍ରଗତି ହାସଲ କରିଛି, ଯଥା ଡିଜିଟାଲାଇଜେସନ୍, ଭିତ୍ତିଭୂମି, ବ୍ୟବସାୟ ବାଣିଜ୍ୟ ଏବଂ ସେମିକଣ୍ଡକ୍ଟର- ସେସବୁ ମାଲେସିଆ ପାଇଁ ଆକର୍ଷଣ ପାଲଟିଛି। ଏହି ଗସ୍ତ କାଳରେ ଦୁଇ ଦେଶ ମଧ୍ୟରେ ଡିଜିଟାଲ ଦେୟ ବ୍ୟବସ୍ଥାକୁ ସଂଯୁକ୍ତ କରିବା ନିମନ୍ତେ ନିଆ ଯାଇଥିବା ପଦକ୍ଷେପଗୁଡ଼ିକ ତଥା ସ୍ଥାନୀୟ ମୁଦ୍ରାରେ ବ୍ୟବସାୟ ବାଣିଜ୍ୟ କାରବାର କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାର ପଦକ୍ଷେପ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ଯୋଗାଇବା ସହିତ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଚାଲୁ ରହିଥିବା ଦ୍ୱିପାକ୍ଷିକ ହାରାହାରି ୨୦ ବିଲିଅନ୍ ଡଲାରର ବ୍ୟବସାୟ ବାଣିଜ୍ୟ କାରବାରକୁ ଏହି ସୀମାଠାରୁ ଢେର୍ ଆଗକୁ ନେଇ ପାରିବ। ମାଲେସିଆ ମଧ୍ୟ ଭାରତର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ ରହିଥିବା ବିଶେଷଜ୍ଞତାରୁ ଫାଇଦା ଉଠାଇବାକୁ ଆଗ୍ରହୀ, ଯେତେବେଳେ କି ନୂଆଦିଲ୍ଲୀ ଏସିଆନ୍ ଦେଶମାନଙ୍କ ସହିତ ସୁରକ୍ଷାଜନିତ ସମ୍ପର୍କକୁ ଗଭୀର କରିବା ପାଇଁ କୁଆଲାଲୁମ୍ପୁରକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରୁଛି। ଉଭୟ ଭାରତ ଏବଂ ମାଲେସିଆ ଏସ୍‌ୟୁ-୩୦ କମ୍ବାଟ୍ ଜେଟ୍ ଏବଂ ସ୍କର୍ପିନ୍ ନୌଭେଳା ବ୍ୟବହାର କରୁଛନ୍ତି, ଯାହା ଉପକରଣଗୁଡ଼ିକର ସେବା ଏବଂ ଉନ୍ନତିକରଣ ପାଇଁ ମିଳିତ ଉଦ୍ୟମର ପରିସରଟିଏ ଉନ୍ମୋଚିତ କରୁଛି। ମାଲେସିଆରେ ବାସ କରୁଥିବା ହାରାହାରି ତିନି ମିଲିଅନ୍ ଭାରତୀୟଙ୍କର ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିବା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି।■

# ପରିବାରର ଚାରି ସୂତ୍ର

ପୁରୁଣା ଲୋକମାନେ କଥା, ଢଗ ଛଳରେ ଅନେକ ଉପଦେଶ ଦେଇ ଯାଇଛନ୍ତି। ସେସବୁ ଭଲ ପାରିବାରିକ ଜୀବନ ପାଇଁ ଗୋଟିଏ ଗୋଟିଏ ସୂତ୍ର ଭଳି। ତାକୁ ଚଳଣିରୁ ବାଦ୍ ଦେଲେ ପରିବାରରୁ ଅସଲ ଶାନ୍ତି ଟିକକ ହଜିଯାଏ। ଦୀର୍ଘ ବର୍ଷ ଧରି ସଂସାର, ପରିବାରକୁ ବୁଝିଥିବା ଟିକିନ ବାବା ସେଦିନ କହିଲେ- 'କେଁ କବାଟ, ମ୍ୟାଉଁ ବିଲେଇ। ପିଢ଼ାରେ ମାଡ଼ଇ ନାଲିଆ ପୋଇ। ସବୁବେଳେ ଆସେ ବୋହୂର ଭାଇ। ସେଇ ଘର କେବେ ଉଧାଏ ନାହିଁ।'

କବାଟ ଘରର ଏକ ଅଙ୍ଗ। ଅନେକଙ୍କ ଘରେ କବାଟ ବନ୍ଦ କଲାବେଳେ ବା ଖୋଲିଲା ବେଳେ କେଁ କଟର ଶବ୍ଦ କରିଥାଏ। ପୁରୁଣା କାଳର ଲୋକମାନେ କହି ଥାଆନ୍ତି, ଖୋଲିଲା ବେଳେ ବା ବନ୍ଦ କଲାବେଳେ କେଁ କେଁ ଶବ୍ଦ ଘର ପାଇଁ ଅଶୁଭ। ସେ ଘରକୁ ଲକ୍ଷ୍ମୀ ପ୍ରବେଶ କରନ୍ତି ନାହିଁ। ଫଳରେ ଅଶାନ୍ତି ଲାଗି ରହିଥାଏ। ଘରର କବାଟ ଯେତେ ଦାମିକା ହେଉ ବା କମ୍ ଦାମ୍‌ର ହେଉ, କବାଟକୁ ସୁରକ୍ଷିତ ରଖିବା ଦରକାର। କାରଣ କବାଟ ସୁରକ୍ଷିତ ଓ ମଜଭୁତ ରହିଲେ ଘରର ଜିନିଷ ଚୋରମାନଙ୍କ କବଳରୁ ସୁରକ୍ଷିତ ରହିପାରିବ।

ଘରର ଜିନିଷପତ୍ର ସିନା ଚୋରମାନଙ୍କ ଦାଉରୁ ରକ୍ଷା ପାଇଯାଏ ହେଲେ ଘର ଭିତରେ ଥିବା ଅନ୍ୟ ଏକ ଶତ୍ରୁ ହେଉଛି- ମୂଷା। ମୂଷାମାନଙ୍କୁ ଜବତ କରିବାକୁ ଅନେକ ପରିବାରରେ ଲୋକ ବିରାଡ଼ି ପାଳି ଥାଆନ୍ତି। ବିରାଡ଼ିମାନେ ମଧ୍ୟ ବିଶ୍ୱସ୍ତ ପ୍ରାଣୀ। କେବେକେବେ ମୂଷା ବ୍ୟତୀତ ସାପ ଓ ଅନ୍ୟାନ୍ୟ ଅନିଷ୍ଟକାରୀ ଜୀବଙ୍କୁ ବିରାଡ଼ି ମାରି ଦେଇଥାଏ ବା ଘଉଡ଼ାଇ ଦେଇଥାଏ। ତା' ଦ୍ୱାରା ଉପକାର ତ ନିଶ୍ଚୟ ମିଳିଥାଏ। କିନ୍ତୁ ଅଧିକାଂଶ ସମୟରେ ବିରାଡ଼ି ବିନା କାରଣରେ ବୋବାଇ ଥାଏ। ଏହା ଆଗାମୀ ଦିନରେ ପରିବାର ପ୍ରତି ଅମଙ୍ଗଳର ସୂଚନା ଦେଇଥାଏ।

ଅତୀତରେ ବହୁତ ଚାଳଘର ଥିଲା। ସେ ସମୟରେ କଖାରୁ, ପାଣିକଖାରୁ, ଶିମ୍ବ ଏବଂ ପୋଇ ଭଳି ଲଟାଜାତୀୟ ଗଛ ପିଢ଼ାକୁ ମଡ଼ାଇ ଦିଆ ଯାଉଥିଲା। ପିଢ଼ାରେ ନାଲିଆ ପୋଇ ମାଡ଼ିଲେ ଘର ଉଧାଏ ନାହିଁ ବୋଲି ସେ କାଳର ଲୋକେ କହିଥିଲେ। କାରଣ କଖାରୁ, ଲାଉ, ଶିମ୍ବ, ପାଣିକଖାରୁ ଆଦି ଲଟା ଅପେକ୍ଷା ନାଲିଆ ପୋଇ ମାଡ଼ିବା ଦ୍ୱାରା ଚାଳ ଛପର ଶୀଘ୍ର ନଷ୍ଟ ହୋଇଯାଏ। ଫଳରେ ବର୍ଷା ଦିନେ ଚାଳ ଫୁଟି ଘରେ ପାଣି ପଶେ। ଜିନିଷପତ୍ର ନଷ୍ଟ ହୋଇଥାଏ।

ପରିବାରକୁ ତ ଅନେକ ସମୟରେ ବନ୍ଧୁବାନ୍ଧବ ଆସି ଥାଆନ୍ତି। ସେମାନଙ୍କ ଭିତରେ ବୋହୂର ଭାଇ ମଧ୍ୟ ଅନ୍ୟତମ। କିନ୍ତୁ ସେ ସମୟର ଲୋକେ କହିଛନ୍ତି ବୋହୂର ଭାଇ ଯଦି ବାରମ୍ବାର ଆସିଥାଏ, ତେବେ ଘର ମଧ୍ୟ ଉଧାଏ ନାହିଁ। କାରଣ ଅନ୍ୟମାନଙ୍କ ଦାୟିତ୍ୱ ଛାଡ଼ି ବୋହୂ ନିଜ ଭାଇ ପାଇଁ ବେଶି ସମୟ ଦେଇଥାଏ। ଯଦି ଭାଇର କୁମନ୍ତ୍ରଣାରେ ପରିଚାଳିତ ହୁଏ, ତେବେ ବୋହୂ ତା' ବାପା, ମାଆଙ୍କୁ ଗୁରୁତ୍ୱ ଦେଇ ଶାଶୂ, ଶ୍ୱଶୁରଙ୍କୁ ଅବହେଳା କରିଥାଏ।

ଉପରୋକ୍ତ କଥାଗୁଡ଼ିକ ହୁଏତ କୌଣସି ପ୍ରମାଣସିଦ୍ଧ ହୋଇ ନପାରେ। ମାତ୍ର ଗୋଟିଏ ଶୃଙ୍ଖଳିତ ପାରିବାରିକ ଜୀବନ ପାଇଁ ସହାୟକ ହୋଇଥାଏ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

**ଅଙ୍ଗନବାଡ଼ି କେନ୍ଦ୍ରରେ ଦଳିତ ସହାୟିକା ନିଯୁକ୍ତିକୁ ଗ୍ରାମବାସୀଙ୍କ ବିରୋଧ**

# ଆସୁନାହାନ୍ତି ଛାତ୍ରଛାତ୍ରୀ, ନେଉନାହାନ୍ତି ଶୁଖିଲା ଖାଦ୍ୟ



**ରାଜନଗର,୧୦।୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜଣେ ଦଳିତ ଜାତିର ଯୁବତୀ ନିଯୁକ୍ତି ପାଇଥିବାକୁ ବିରୋଧ କରି ଗ୍ରାମବାସୀମାନେ ତାଙ୍କ ପିଲାମାନଙ୍କୁ ଛାଡୁନାହାନ୍ତି ଅଙ୍ଗନବାଡି କେନ୍ଦ୍ରକୁ। ଏପରିକି ଶୁଖିଲା ଖାଦ୍ୟ ମଧ୍ୟ ନେଉନାହାନ୍ତି। ଗତ ୨୦୨୫ ନଭେମ୍ବର ୨୦ ତାରିଖରେ ସହାୟିକା ନିଯୁକ୍ତି ଦିଆଯାଇଥିଲେ। ନଭେମ୍ବର ମାସରେ ଏହି ଗାଁର ଶର୍ମିଷ୍ଠା ସେଠୀ ସହାୟିକା ନିଯୁକ୍ତି ପାଇଥିଲେ। ପୂର୍ବରୁ ଅଙ୍ଗନବାଡି କେନ୍ଦ୍ରକୁ କର୍ମୀ ଲିଜା ରାଣୀ ପାଣ୍ଡବ ଚଳାଉଥିବା ବେଳେ ଗ୍ରାମବାସୀମାନେ ନିଜର ପିଲାମାନଙ୍କୁ ଛାଡୁଥିଲେ ଏବଂ ଟିଏଚ୍‌ଆର୍ (ଶୁଖିଲା ଖାଦ୍ୟ) ନେଉଥିଲେ। ଯେବେଠାରୁ ଶର୍ମିଷ୍ଠା ସେଠୀ ନିଯୁକ୍ତି ପାଇଲେ ସେବେଠାରୁ ଅଭିଭାବକମାନେ ପିଲାମାନଙ୍କୁ ଛାଡୁ ନାହାନ୍ତି କିମ୍ବା ଶୁଖିଲା ଖାଦ୍ୟ ନେଉ ନ ଥିବା ଲିଜା ରାଣୀ କହିଛନ୍ତି। କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ବିଦ୍ୟାଳୟ ପରିସରରେ ଏହି କେନ୍ଦ୍ରଟି ଚାଲିଛି। ସକାଳ ୬:୩୦ରୁ ଆରମ୍ଭ ହୋଇ ୯:୩୦ରେ ବନ୍ଦ ହେଉଥିବା କର୍ମୀ କହିଛନ୍ତି। କାହିଁକି ଗ୍ରାମବାସୀମାନେ ଛାଡୁନାହାନ୍ତି ଏନେଇ କର୍ମୀଙ୍କୁ ପଚାରିବାରୁ ଆମେ ହିତାଧିକାରୀଙ୍କ ଘରକୁ ଯାଇ ଡାକିଲେ ମଧ୍ୟ ସେମାନେ ପିଲାଙ୍କୁ ଛାଡୁନାହାନ୍ତି କିମ୍ବା ଶୁଖିଲା ଖାଦ୍ୟ ନେଉନଥିବା କହିଛନ୍ତି। ଅପରପକ୍ଷରେ ସହାୟିକା ଭାବରେ ନିଯୁକ୍ତି ପାଇଥିବା ଶର୍ମିଷ୍ଠା ନିଜ ପ୍ରତିକ୍ରିୟାରେ ଦଳିତ ପରିବାରରେ ଜନ୍ମ ହୋଇଥିବା କ'ଣ ପାପ ? ମୁଁ ସେମାନଙ୍କର ସେବା କରିବାକୁ ଚାହୁଁଛି। ମୁଁ ଯୁକ୍ତତିନି ପାସ କରିଛି। ମୁଁ ଚାହୁଁଚି ପିଲାମାନଙ୍କୁ ପଢ଼ାଇବା ସହିତ ସେମାନଙ୍କ ସେବା କରିବାକୁ ଚାହୁଁଛି।ଦଳିତ ପିଲା ଭାବେ ଚାକିରୀ ପାଇବା କଣ ଭୁଲ ବୋଲି ତାଙ୍କ କୋହଭରା କଣ୍ଠରେ କହିଛନ୍ତି। ଏନେଇ ଘଡ଼ିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଏହି ଘଟଣାକୁ ନାପସନ୍ଦ କରିବା ସହ ଗ୍ରାମବାସୀଙ୍କୁ ଡାକି ବୁଝାଇଛନ୍ତି ଆଗାମୀ ଦିନରେ ଗ୍ରାମବାସୀଙ୍କ ମତ ପରିବର୍ତ୍ତନ ହେବ ଏବଂ ଅଙ୍ଗନବାଡି କେନ୍ଦ୍ର ଚାଲିବ ବୋଲି ଆଶା ପୋଷଣ କରିଛନ୍ତି। ଅପରପକ୍ଷରେ ଗ୍ରାମବାସୀମାନେ ଏନେଇ କୌଣସି ପ୍ରତିକ୍ରିୟା ଦେବାକୁ ରାଜି ନୁହନ୍ତି। ଜଣେ ମାତ୍ର ଗ୍ରାମବାସୀ ପ୍ରତିକ୍ରିୟା ଦେଇଥିଲେ ମଧ୍ୟ କଥାକୁ ବୁଲାଇ ବଙ୍କାଇ ଅଙ୍ଗନବାଡି ପାଖରେ କୁମ୍ଭୀର ରହୁଛି ସେଠାରେ ସାପ, ବାରହା ରହୁଥିବା ନେଇ କହିଛନ୍ତି। ସେଥିପାଇଁ ଆମେ ପିଲାଙ୍କୁ ଛାଡ଼ିବାକୁ ଉଚିତ ମଣୁ ନାହୁଁ ବୋଲି କହିଥିଲେ। ଅପରପକ୍ଷରେ ଅଙ୍ଗନବାଡି କର୍ମୀ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ସିଡିପିଓ ଦିପାଳୀ ମିଶ୍ର ସୁପରଭାଇଜରଙ୍କୁ ନେଇ ଲୋକମାନଙ୍କୁ ବୁଝାଇଥିଲେ ମଧ୍ୟ କିଛି ଫଳ ମିଳିଲାନି। ଏନେଇ ଗଣମାଧ୍ୟମରେ ଖବରପ୍ରକାଶ ପାଇବା ପରେ ପ୍ରଶାସନ ସଜାଗ ହୋଇ ଉଠିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେପରି କିଛି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ୧୦ତାରିଖ ମଙ୍ଗଳବାର ତହସିଲଦାର ଯିଶୁ କ୍ରୀଷ୍ଟ ଦାସ ସିଡିପିଓ ଶ୍ରୀମତୀ ମିଶ୍ରଙ୍କ ସହ ନୂଆଗାଁ ଯାଇ କର୍ମୀ ଓ ସହାୟୀକା ଏବଂ କିଛି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କୁ ପଚାରିବାରୁ ସିଡିପିଓଙ୍କ ଠାରୁ ରିପୋର୍ଟ ପାଇବା ପରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଜଣାଇଥିଲି। ତାଙ୍କ ନିର୍ଦ୍ଦେଶରେ ସଂପୃକ୍ତ ଗ୍ରାମକୁ ଯାଇ କର୍ମୀ ସହାୟିକା ଏବଂ ଲୋକମାନଙ୍କ ସହିତ ଆଲୋଚନା କରିଥିଲୁ। ମାତ୍ର ଏହି ଆଲୋଚନା ବିଫଳ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ଜିଲ୍ଲା ପ୍ରଶାସନ ଘଟଣା ସମ୍ପର୍କରେ ଅବଗତ ଥିବାବେଳେ ଏହାକୁ କାହିଁକି ଗୁରୁତ୍ୱ ଦେଇନଥିଲା। ଦୀର୍ଘ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ଦିନ ପରେ ଜିଲ୍ଲା ପ୍ରଶାସନ ହଠାତ୍ ତତ୍ପର ହୋଇ ଉଠିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପଙ୍ଖାରେ ଝୁଲି ପଡ଼ିଲେ ଦମ୍ପତି

**ଧର୍ମଶାଳା,୧୦।୨/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ମଧୁପୁରଗଡ଼ ପଞ୍ଚାୟତ କୁକୁଡ଼ା ଖାଳେଇ ଗ୍ରାମରେ ଏକ ଦମ୍ପତି ନିଜ ଘର ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଦମ୍ପତି କୁକୁଡା ଖାଳେଇ ଗ୍ରାମର ବାବୁଲା ମଲିକଙ୍କ ପୁଅ ଜର୍ଜ ମଲିକ (୨୪) ଏବଂ ବୋହୂ ଝରଣା ମଲିକ (୨୨) ବୋଲି ଜଣାଯାଇଛି। ପ୍ରକାଶ, ଗତକାଲି ଗାଁରେ ଅଷ୍ଟ ପ୍ରହରୀ ଚାଲିଥିବା ବେଳେ ଉଭୟ ପତି,ପତ୍ନୀ ସେଠାକୁ ଆସି ଠାକୁରଙ୍କୁ ଦର୍ଶନ କରି ଫେରିଥିଲେ। ହେଲେ ରାତି ପ୍ରାୟ ୯.୩୦ବେଳେ କୌଣସୀ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଉଭୟ ଗୋଟିଏ ସିଲିଂ ଫ୍ୟାନ୍‌ରେ ରସିଲଗାଇ ଝୁଲିପଡିଥିଲେ। ପରେ ପୁଅ ଜଜ୍ ଅଷ୍ଟପ୍ରହରୀରକୁ ନ ଫେରିବାରୁ ବାପା ବାବୁଲା ମଲିକ ତାକୁ ଡାକିବାକୁ ଘରକୁ ଯାଇଥିଲେ। ପୁଅକୁ ଡାକିବାକୁ ଘରକୁ ଆସିଥିବା ବାପା ଘର କବାଟ ଖୋଲିବାକୁ ଚେଷ୍ଟା କରି ବିଫଳ ହେବାରୁ ମନରେ ସନ୍ଦେହ ହେବାରୁ କବାଟ ଭାଙ୍ଗିବା ପରେ ଉଭୟ ପତି ଓ ପତ୍ନୀ ଏକ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ୧୦୮କୁ ଫୋନ କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଜେନାପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଛେଦ କରାଇ ଘଟଣାର ତଦନ୍ତ କରୁଛି।

## ତଟବନ୍ଧ ସବ୍‌ଡିଭିଜନ୍‌ରେ ଯୋଗଦେଲେ ସହକାରୀ ନିର୍ବାହୀ ଯନ୍ତ୍ରୀ



**ରାଜନଗର,୧୦।୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ତଟବନ୍ଧ ସବ୍‌ଡିଭିଜନ କାର୍ଯ୍ୟାଳୟରେ ନୂତନ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. ସଞ୍ଜୟ କୁମାର ଶତପଥି ଯୋଗ ଦେଇଛନ୍ତି। ସେ ପୂର୍ବରୁ ତଟବନ୍ଧ କେନ୍ଦ୍ରାପଡ଼ା ଡିଭିଜନରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇବା ପରେ ସୋମବାର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଇ. ଶତପଥୀ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଗୁପ୍ତି ସେକ୍ସନର ସହକାରୀ ଯନ୍ତ୍ରୀ ଇ. ରବୀନ୍ଦ୍ର ନାଥ ସାମଲ, ରାଜନଗର ସେକ୍ସନର କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ, ତାଳଚୁଆ ସେକ୍ସନର କନିଷ୍ଠ ଯନ୍ତ୍ରୀ ଇ. ଆଶୀଷ କୁମାର ଜେନା, କ୍ୟାସିୟର ସୌମ୍ୟରଞ୍ଜନ ପଣ୍ଡାଙ୍କ ସହ ସମସ୍ତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରକାଶ, ପୂର୍ବରୁ ଏହି ସବ୍‌ଡିଭିଜନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡ଼ିଥିବାରୁ ଚଣ୍ଡିଖୋଲ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ମୁଖ୍ୟଯନ୍ତ୍ରୀ ଇ. ଆଶୀଷ କୁମାର ସ୍ୱାଇଁ ଏହି ଦାୟିତ୍ୱରେ ରହିଥିଲେ।

## ବିଜେଡି ନୂତନ ଜିଲ୍ଲା କର୍ମକର୍ତ୍ତାଙ୍କୁ ସ୍ୱାଗତ

**ପାରାଦୀପ,୧୦।୨/ଏନ୍‌ଏନ୍‌ଏସ୍:** ଗତ ଫେବୃଆରୀ ୬ରେ ଜଗତସିଂହପୁର ଜିଲ୍ଲା ବିଜେଡି କମିଟିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଛି। ଏଥିରେ ପାରାଦୀପ ପୌରାଞ୍ଚଳର ବିଜେଡି ନେତା ଚିତ୍ତ ରଞ୍ଜନ ରାଉତରାୟ (ମିଟୁ ଭାଇ) ଏବଂ ଚିନ୍ମୟ ରଞ୍ଜନ ପରିଡା ଜିଲ୍ଲା ସାଧାରଣ ସମ୍ପାଦକ, ମାନସ ରଞ୍ଜନ ବିଶ୍ୱାଳ ଓ ସୁଶୀଲ କୁମାର ମହାପାତ୍ର ପ୍ରମୁଖ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ତେବେ ଏହି ଦାୟିତ୍ୱ ଘୋଷଣା ପରେ ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ବରିଷ୍ଠ ବିଜେଡି ନେତା ସୁମନ୍ତ କୁମାର ବିଶ୍ୱାଳ, ଯୁବ ବିଜେଡି ନେତା ରଶ୍ମି ରଞ୍ଜନ ପରିଡା, କେ.ରାମବାବୁ, ଚିତ୍ତ ରଞ୍ଜନ ମଲ୍ଲିକ, ରଞ୍ଜନ ଦାସ, ପାରିଷଦ ମନୋଜ କୁମାର ନାୟକ ଓ ପ୍ରଭାତୀ ନାୟକ ପ୍ରମୁଖ ନବ ଘୋଷିତ ଜିଲ୍ଲା କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବିଜେଡି ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି ଏବଂ ପୂର୍ବତନ ବିଧାୟକ ତଥା ବିଜେଡି ନେତା ସମ୍ବିତ ରାଉତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ନିର୍ବାଚନରେ ଦଳର ପରାଜୟ ପରେ ପାରାଦୀପ ବିଜେଡି ସଂଗଠନର ନବକଳେବର କରାଯାଇ ସମସ୍ତଙ୍କୁ ଏକତ୍ରିତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଜେଡି ପାରାଦୀପ ନଗର ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତ।

## ବରିଷ୍ଠ ସାମ୍ବାଦିକ ସନ୍ତୋଷ କରଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା,୧୦।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳମେଲର ଜିଲ୍ଲା ପ୍ରତିନିଧି ସନ୍ତୋଷ କୁମାର କରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବରିଷ୍ଠ ସାମ୍ବାଦିକ ଚିତ୍ତ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ଚିତ୍ତ ରଞ୍ଜନ ସାହୁ, ମାତୃଦତ୍ତ ମହାନ୍ତି, ଜଗନ୍ନାଥ ଧଳ, ସୋମନାଥ ସାହୁ, ଅମରବର ବିଶ୍ୱାଳ, ପ୍ରଭାତ କୁମାର ଲେଙ୍କା, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ ନାୟକ, ବିରେନ ଦାସ, ବଳରାମ ବେହେରା, ରଞ୍ଜନ କୁମାର ସାହୁ, ସରୋଜ କୁମାର ରାଉତ, ଯତିନ କୁମାର ଦାସ ପ୍ରମୁଖ ଶତାଧିକ ସାମ୍ବାଦିକ ଯୋଗଦେଇ ସାମ୍ବାଦିକ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଗଁଦିଆରେ ନୂତନ ଏନ୍‌ଏସିର ସ୍ଥାୟୀ କାର୍ଯ୍ୟାଳୟ ଦାବି



**ଢେଙ୍କାନାଳ,୧୦।୨/ଏନ୍‌ଏନ୍‌ଏସ୍:** ଗଁଦିଆ ଠାରେ ନୂତନ ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଆଜି ଏକ ଦାବିପତ୍ର ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ନୂତନ ଭାବରେ ଗଠନ ହୋଇଥିବା ଉକ୍ତ ଗଁଦିଆ ଏନ୍‌ଏସିରେ ଗଁଦିଆ ଓ ପୋରହଖୋଜ ଏହି ଦୁଇଗ୍ରାମ ପଞ୍ଚାୟତ ସହିତ ବିଧାରପୁର ପଞ୍ଚାୟତର ସାପୁଆଝର ଗ୍ରାମ ଓ ମଠତେନ୍ତୁଳିଆ ପଞ୍ଚାୟତର ଇଲେଇଜଙ୍ଗ ରାଜସ୍ୱ ଗ୍ରାମ ସହିତ ମୁଗପଦା ପଡାଗ୍ରାମକ ନେଇ ଏହି ରୂପ ରେଖର ନକ୍ସା ପ୍ରସ୍ତୁତ ହୋଇଛି। ଉକ୍ତ କାର୍ଯ୍ୟାଳୟକୁ ନେଇ ବର୍ତ୍ତମାନ ବିବାଦ ମୁଣ୍ଡ ଟେକୁଛି। ଗଁଦିଆରେ ଉକ୍ତ କାର୍ଯ୍ୟାଳୟ ସ୍ଥାପନ ପାଇଁ ଦାବି ଜୋର ଧରିଛି। ଏହାର ପ୍ରମୁଖ କାରଣ ହେଉଛି ଦୀର୍ଘଦିନ ଧରୀ ଆଙ୍କୁର୍ଦା, ବାଙ୍ଗଲ, ଶ୍ରୀରାମଚପୁର, ଇଲେଇଜଙ୍ଗ, ଛତାଖୁମ୍ବ ଓ ମୁଗପଦା ଗ୍ରାମ ଗୁଡିକ ବିକାଶ ଠାରୁ ବହୁତ ଦୂରରେ ଅଛି। ଉକ୍ତ ନୂତନ କାର୍ଯ୍ୟାଳୟଟି ଗଁଦିଆରେ କରାଯାଏ ତାହାଲେ ଆଗାମୀ ଦିନ ମାନଙ୍କରେ ଏହି ସବୁ ଗ୍ରାମ ଗୁଡିକର ବିକାଶ ହେବା ସହିତ ଆର୍ଥିକ ଦୃଷ୍ଟି କୋଣରୁ ସ୍ୱଛତା ଆସିପାରିବ। କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସମସ୍ତ କାର୍ଯ୍ୟାଳୟ ଗୁଡିକ ରହିବାକୁ ସାଧାରଣରେ ତାହାକୁ ନାପସନ୍ଦ କରାଯାଉଛି। ଏହିସବୁ ଦୃଷ୍ଟି କୋଣରୁ ଗଁଦିଆ ଠାରେ ନୂତନ ଏନଏସି କାର୍ଯ୍ୟାଳୟ ପାଇଁ, ଗଁଦିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ମଞ୍ଚର ସଭାପତି ପ୍ରଦୀପ କୁମାର ସାହୁଙ୍କର ନେତୃତ୍ୱରେ ଆଜି ଦିନ ୧୦ଘଟିକା ସମୟରେ ଏକ ବିରାଟ ଶୋଭାଯାତ୍ରା ମା, ତାରିଣୀ ମନ୍ଦିର ଛକ ଠାରୁ ବାହାରି ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ପୁରୁଷ ମହିଳା ଯୁବକ ଗୋଷ୍ଠୀ ସବୁ ସାମିଲ ହୋଇ ଗଁଦିଆରେ ନୂତନ ଏନ୍‌ଏସି କାର୍ଯ୍ୟାଳୟ ଆମର ଦାବି ସ୍ଲୋଗାନ ମାନ ଦେଉଥିବାର ଦେଖିବାକୁ ମିଳିଥିଲା। ଉକ୍ତ ଶୋଭାଯାତ୍ରାରେ ମହିଳା ସଂକିର୍ତନ ମଣ୍ଡଳୀ ସାମିଲ ଥିଲେ। ବ୍ଲକ କାର୍ଯ୍ୟାଳୟ ଠାରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କୁ ମଞ୍ଚର ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗଁଦିଆ ଠାରେ ନୂତନ ଘଇଉ କାର୍ଯ୍ୟାଳୟ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ତତ ସହିତ ଅନୁରୂପ ଭାବରେ ଏକ ଦାବି ପତ୍ର ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା ଉକ୍ତ ଶୋଭାଯାତ୍ରାରେ ଗଁଦିଆ ଗ୍ରାମ ସଭାପତି ମଙ୍ଗରାଜ ବାରିକି, ପୂର୍ବତନ ଗଁଦିଆ ଗ୍ରାମ ସଭାପତି ସଚ୍ଚିଦାନନ୍ଦ ବେହେରା, ରାମଚନ୍ଦ୍ର ସାହୁ, ହଟନାଥ ରାଉତ, ପ୍ରତାପ ଦାସ,ଦମ୍ବୁରୁ ଧର ସେଠୀ କମଳ ଲୋଚନ ସେଠୀ, ରବିନାରାୟଣ ସେଠୀ, ମଳୟ କୁମାର ଜେନା, ପ୍ରଭାକର ବେହେରା, ନୀଳାମ୍ବର ବେହେରା,ପ୍ରଶାନ୍ତ କୁମାର ଭୁତିଆକୃଷ୍ଣ ଚନ୍ଦ୍ର ଭୁତିଆ ଈଶ୍ୱର ଦେହୁରୀ ଆତ୍ମଜ ମହାରଣା, ବନମାଳୀ ବାରିକଙ୍କ ସମେତ ଶତାଧିକ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ବିଶ୍ୱମୋହନ ପତିଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା



**ରସୁଲପୁର,୧୦।୨/ଏନ୍‌ଏନ୍‌ଏସ୍:** ବରିଷ୍ଠ ସମାଜସେବୀ ଓ ସଂସ୍କାରକ ବିଶ୍ୱମୋହନ ପତିଙ୍କ ପରଲୋକରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଗତକାଲି ଅପରାହ୍ନରେ ବରଂଶ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷକ ଓ ଗୀତାଚାର୍ଯ୍ୟ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ ମା' ସିନ୍ଦୁରାଇ ଗୀତା ଅଧ୍ୟୟନ କେନ୍ଦ୍ରର ଛାତ୍ରଛାତୀମାନେ ଗୀତା ପାଠ କରିଥିଲେ। ସ୍ୱର୍ଗତ ପତିଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ବରିଷ୍ଠ ପଣ୍ଡିତ ଅଭୟ କୁମାର ତ୍ରିପାଠୀ ବେଦ ପାଠ କରିଥିଲେ। ଏହି ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାରେ କୋରେଇର ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ନିଜର ବକ୍ତବ୍ୟରେ ସମାଜସେବୀ ଓ ସଂସ୍କାରକ ବିଶ୍ୱମୋହନ ପତିଙ୍କ ଆଦର୍ଶରେ ଆଜିର ଯୁବ ସମାଜ ଅନୁପ୍ରାଣିତ ହେବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। କୋରେଇ ବିଧାୟକଙ୍କ ରସୁଲପୁର ବ୍ଲକ୍ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ବରିଷ୍ଠ ଶିକ୍ଷାବିତ୍ ପଣ୍ଡିତ ଯୋଗେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ନାଟ୍ୟ ଗୁରୁ ନାରାୟଣ ଚନ୍ଦ୍ର ସାହୁ, ନାଟ୍ୟ ଗୁରୁ ଶ୍ରୀ ହରି ସାମନ୍ତ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ବରିଷ୍ଠ ସମାଜସେବୀ ଶ୍ରୀଧର ବେହେରା, ଯୁବ ସମାଜସେବୀ ଲକ୍ଷ୍ମୀକାନ୍ତ ଶତପଥି, ଦିଲ୍ଲିପ କୁମାର ଦାସ, ପ୍ରଶନ୍ନ କୁମାର ରଥ, ଇଂ. ବିଶ୍ୱଜିତ୍ ମହାନ୍ତି, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ, ପ୍ରାଧ୍ୟାପିକା ପଦ୍ମିନୀ ତ୍ରିପାଠୀ, ପ୍ରବାସୀ ଓଡିଆ-ଆମେରିକା ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ଧିରେନ୍ଦ୍ର କୁମାର କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଧାରୀ ସାମଲ, ବାପୁଜି ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ବୈଦେହି କୁମାର ସାହୁ, ରବିନ୍ଦ୍ର କୁମାର ମିଶ୍ର, ବିଜୟ କୁମାର ପଣ୍ଡା, ପ୍ରଶାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ।

**ସିହୋପଡ଼ା କୃଷି ସମବାୟ ସମିତିରେ ଅଚଳାବସ୍ଥା**

## ମଣ୍ଡିରୁ ଉଠୁନି ଧାନ, ଆସୁନାହାନ୍ତି ମିଲର୍



**କେନ୍ଦ୍ରାପଡ଼ା,୧୦।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ସିହୋପଡା ସମବାୟ ସମିତିରୁ ଧାନ ଉଠୁନଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଥିବା କେନ୍ଦ୍ରାପଡା ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ଜାନୁଆରୀ ମାସର ୧୦ ଓ ୧୨ ତାରିଖ ପାଇଁ ଟାର୍ଗେଟ୍ ଆସିଥିଲା। ଉକ୍ତ ଟାର୍ଗେଟ୍‌ର ଚାଷୀମାନେ ତାଙ୍କ ଧାନ ନେଇ ମଣ୍ଡିରେ ପହଁଚିବା ପରେ ଏ ପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିନାହିଁ। ଏ ବିଷୟରେ ସମବାୟ ସମିତି ସମ୍ପାଦକଙ୍କୁ ପଚାରିଲେ ସମବାୟ ସମିତି ସମ୍ପାଦକ କହିବା ଅନୁଯାୟୀ ଜରି ବସ୍ତାରେ ମିଲର୍ ମାଲିକ ଧାନ ନେବାକୁ ରାଜି ହେଉନାହାଁନ୍ତି। ତେଣୁ ଝୋଟ ବସ୍ତାରେ ଧାନ ପୁରାଇ ଆଣିବାକୁ ସେ କହୁଛନ୍ତି। ଶହଶହ ବସ୍ତା ଧାନ ଓଜାଡି ପୁଣି ଝୋଟ ବସ୍ତାରେ ଧାନ ପୁରାଇବା କାଠିକର ପାଠ। ତୁରନ୍ତ ଧାନ ମଣ୍ଡିରୁ ଉଠାଇବା ସହିତ ଚାଷୀମାନଙ୍କୁ ସମସ୍ତ ଅସୁବିଧାରୁ ରକ୍ଷାକରିବା ପାଇଁ ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହୁରାଙ୍କ ସମେତ ଧର୍ମଜୟ ସାମଲ, ସୂର୍ଯ୍ୟକାନ୍ତ ବାରିକ, ଅଭିଷେକ ବାରିକ, ଜ୍ୟୋସ୍ନାରାଣୀ ବିଶ୍ୱାଳ, ରାଜକିଶୋର ନାୟକ, ବ୍ରଜକିଶୋର ନାୟକ, ଉମ୍ଭଚରଣ ବାରିକ, ରବିନ୍ଦ୍ର ନାୟକ, ମନୋରଜନ ମହାନ୍ତି, ସୁରେନ୍ଦ୍ର ମଲ୍ଲିକ, ତପନ ମହାପାତ୍ର, ସୁଦର୍ଶନ ବେହୁରା ପ୍ରମୁଖ ଦାବି କରିଛନ୍ତି।

## ଢୋଲ ପଞ୍ଚାୟତରେ ବିଶାଳ ହିନ୍ଦୁ ସମ୍ମିଳନୀ




**କେନ୍ଦ୍ରାପଡ଼ା,୧୦।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଢୋଲ ପଞ୍ଚାୟତର ଅନନ୍ତ ବଳିଆ ଆଶ୍ରମ ପରିସରରେ ମଣ୍ଡଳସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରାଚୀନ ସନାତନ ସଂସ୍କୃତି ସମଗ୍ର ବିଶ୍ୱକୁ ମୂଲ୍ୟବୋଧଯୁକ୍ତ ଜୀବନ ଧାରଣ ନିମନ୍ତେ ବେଦ, ଉପନିଷଦ, ଦର୍ଶନ, ରାମାୟଣ, ମହାଭାରତ, ଶ୍ରୀମଦ ଭଗବତ ଗୀତା, ଯୋଗ ଓ ଆୟୁର୍ବେଦ ପ୍ରଦାନ କରିବା ସହିତ ଆଧାତ୍ମିକ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ ସଦ୍ଭାବନା କାର୍ଯ୍ୟର କଟକ ବିଭାଗ ସହସଂଯୋଜକ ଅକ୍ଷୟ କୁମାର ପାଣି କହିଥିଲେ। ତେବେ, ରାଷ୍ଟ୍ର ନିର୍ମାଣ ପାଇଁ ହିନ୍ଦୁ ସମାଜ ସଂଗଠିତ,ସଶକ୍ତ ଓ ଚରିତ୍ରବାନ ହେବା ହିଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ବର୍ଷ ଅବସରରେ ଆହ୍ୱାନ ବୋଲି ସେ ସୂଚାଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଟକୃଷ୍ଣ ସାମଲ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସନ୍ଥ କୃଷ୍ଣ ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ହିନ୍ଦୁ ସଂସ୍କୃତିରେ ଗୋମାତାଙ୍କ ଅବଦାନ ଓ ଗ୍ରାମ ବିକାଶ ଜିଲ୍ଲା ସଂଯୋଜକ ଜଗବନ୍ଧୁ ପ୍ରଧାନ ତଥା ଢୋଲ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ମଲ୍ଲିକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପଞ୍ଚ ପରିବର୍ତ୍ତନ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସାମୁହିକ ହନୁମାନ ଚାଳିଶା ଓ ଶ୍ରୀମଦ ଭଗବତ ଗୀତା ସ୍ୱାଧାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସନ୍ଧ୍ୟାରାଣୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ହିନ୍ଦୁସମାଜ ପକ୍ଷରୁ ଆୟୋଜିତ ଉକ୍ତ ସମ୍ମିଳନୀକୁ ଅନନ୍ତ ରାଉତ, ମହେଶ୍ୱର ସାହୁ, ରତ୍ନାକର ଦାସ, ଅନିରୁଦ୍ଧ ପାତ୍ର, ଦେବ ପ୍ରସନ୍ନ ରାଉତ, ପିତାମ୍ବର ମହାନ୍ତି, ମନୋଜ ସାହୁ, ନରେନ୍ଦ୍ର ମହାନ୍ତି, ଦାମୋଦର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ବୃଦ୍ଧା



**ପରଜଙ୍ଗ,୧୦।୨/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ପାଟରପଦା ପଞ୍ଚାୟତ ନୂଆସାହିର ବୃଦ୍ଧା ମହିଳା ସଖି ସାହୁ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ। ବୃଦ୍ଧା ମହିଳାଙ୍କ ୮୦ ବର୍ଷରୁ ଊର୍ଦ୍ଧ୍ୱ ହେଇଥିଲେ ମଧ୍ୟ ଗ୍ରାମ ସରପଞ୍ଚ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ ପରେ ବର୍ଦ୍ଧିତ ଭତ୍ତା ମିଳି ପାରୁ ନାହିଁ। ଆଧାର ଭୋଟ ପରିଚୟ ପତ୍ରରେ ଜନ୍ମ ପଞ୍ଜିକରଣ ୨୧।୬।୧୯୪୫ ଅନୁଯାୟୀ ବୃଦ୍ଧାଙ୍କ ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ ହେବ। ବୃଦ୍ଧା ମହିଳା କହିବା ମୁତାବକ ତାଙ୍କର ବୟସ ୮୫ ବର୍ଷ ହୋଇଥିଲେ ମଧ୍ୟ ବୟସ ବଢ଼ାଇ ଆଧାର ଓ ଭୋଟ ପରିଚୟ ପତ୍ରରେ ପଞ୍ଜିକରଣ କରାଯାଇଥିଲେ ସୁଧା ବର୍ଦ୍ଧିତ ଭତ୍ତା ପାଇଁ ଯୋଗ୍ୟ ଥାଇ ମିଳିପାରିନାହିଁ। ବାରମ୍ବାର ପ୍ରଶାସନଙ୍କୁ ଗୁହାରି ଜଣାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ବୃଦ୍ଧା ମହିଳାଙ୍କୁ ବର୍ଦ୍ଧିତ ଭତ୍ତା ମିଳିବା ପାଇଁ ଗ୍ରାମର ବୁଦ୍ଧିଜୀବୀ ମହଲରେ ଦାବି ଜଣାଇଛନ୍ତି।

**ସରକାରୀ ଦପ୍ତରରେ କାର୍ଯ୍ୟ ପାଇଁ ଲୋକେ ହତାଶ**

# ଅଭିଯୋଗ କଲେ ବାବୁମାନେ ଶୁଣୁନାହାନ୍ତି ଗୁହାରୀ

**ତାଳଚେର,୧୦।୨/ଏନ୍‌ଏନ୍‌ଏସ୍:** ତାଳଚେରରେ ଥିବା ବିଭିନ୍ନ ସରକାରୀ ଦପ୍ତର ଗୁଡ଼ିକରେ କିପରି କାର୍ଯ୍ୟ ହେଉଛି ଓ ଲୋକେ କେତେ ଉପକୃତ ହେଉଛନ୍ତି ତାହାର ସମୀକ୍ଷା କରିବ କିଏ ? ଏସମ୍ପର୍କରେ ଯଦି ଗଣମାଧ୍ୟମ ପ୍ରତିନିଧିଙ୍କର କିଛି ଦାୟୀତ୍ୱ ଲୋକଙ୍କ ପାଇଁ ରହିଛି ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବାବୁମାନଙ୍କୁ କିଛି ପଚାରିଲେ ସେମାନେ ନାଲି ଆଖି ଦେଖାଇବା ସହ ସେଭଳି କିଛି ସନ୍ତୋଷ ଜନକ ଉତ୍ତର ପ୍ରଦାନ କରୁଥିବା ଦୃଷ୍ଟିକୁ ଆସୁନାହିଁ। ଏହାର ମୁଖ୍ୟକାରଣ ଜିଲ୍ଲା ପ୍ରଶାସସନ ଠାରୁ ଆରମ୍ଭକରି ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଗୋଟିଏ ନୌକାରେ ନାବିକ ହୋଇଥିବା ବେଳେ ଲୋକଙ୍କ ଅଭିଯୋଗ ଶୁଣିବା ତ ଦୂରର କଥା ଗଣମାଧ୍ୟମ ପ୍ରତିନିଧିଙ୍କ କଥା ପଚାରେ କିଏ ? ଏହାକୁ ନେଇ ଏବେ ଚର୍ଚ୍ଚା ଜୋରଧରିଛି। ଏହାର ଉଦାହରଣ ନିଆଯାଇପାରେ ତାଳଚେର ତହସିଲ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଲୋକେ ଖର୍ଚ୍ଚାନ୍ତ ହୋଇ ଆସିଥାନ୍ତି। ମାତ୍ର ସେମାନଙ୍କର କାର୍ଯ୍ୟ କେତେ ଦିନ ଓ କେତେ ଟଙ୍କା ହାତଗୁଞ୍ଜା ଦେଲେ ହୋଇଥାଏ ତାହା ଭୁକ୍ତଭୋଗୀ ହିଁ କହି ପାରିବ। ବିଭିନ୍ନ ଜମିଜମା ସଂକ୍ରାନ୍ତ, ଗଣ୍ଡାଗୋଳ, ଚୋରୀ ବିଭିନ୍ନ ମାମଲା ନେଇ ସର୍ବସାଧାରଣ ଲୋକଟିଏ ଥାନା ବାବୁଙ୍କୁ ଭରଷା କରି ଦୌଡ଼ି ଆସିଥାଏ। ମାତ୍ର ସେମାନେ ଥାନାରୁ କେତେ ନ୍ୟାୟ ଓ ବ୍ୟବହାର ପାଇଥାନ୍ତି ତାହା ଚର୍ଚ୍ଚାର ମୁଖ୍ୟବିନ୍ଦୁ ପାଲଟିଥାଏ। ସରକାର ସ୍ୱଚ୍ଛଶାସନ ଯୋଗାଇଦେବା ନେଇ କହି ଆସୁଥିବା ବେଳେ ଏହାର ବାସ୍ତବ ଚିତ୍ର ସମୀକ୍ଷା କରିବ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ତାଳଚେର ତାଳବେଡ଼ା ଗ୍ରାମ ଠାରୁ ଆରମ୍ଭ କରି ବହ୍ଲର ପର୍ଯ୍ୟନ୍ତ ୧୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣକୁ ନେଇ ଏନ୍‌ଏଚ୍‌ଆଇ କାର୍ଯ୍ୟାଳୟ ପକ୍ଷରୁ ଏବେ ଘର ଛାଡ଼ିବା ପାଇଁ ଡ଼ାକବାଜିଯନ୍ତ୍ର ଓ ନୋଟିସ୍ ମାଧ୍ୟମରେ ତାଗିଦ୍ କରାଯାଉଛି। ୧୪୯ନମ୍ବର ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରିବା ନେଇ ପୂର୍ବରୁ ଯେଉଁ ସର୍ଭେ କରାଯାଇଛି ତାହା କେତେ ସଠିକ ତଦନ୍ତ ସାପେକ୍ଷ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ତାଳଚେର ଏନ୍‌ଏଚ୍‌ଆଇ ବିଭାଗର ଜମି ଅଧିଗ୍ରହଣ ସଂକ୍ରାନ୍ତରେ। କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାଟି ତାର କେତେ ନ୍ୟାୟ ପାଉଛି ଓ କିଭଳି ନ୍ୟାୟ ଦିଆଯାଉଛି ତାହା ଅଫିସରେ ରହିଥିବା ମାଳମାଳ ଅଭିଯୋଗ ପତ୍ର ଓ କୋର୍ଟରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ମମାଲାରୁ ହିଁ ସ୍ପଷ୍ଟ ପ୍ରମାଣିତ। କୌଣସି ବ୍ୟକ୍ତି ଅଭିଯୋଗ ପତ୍ର ଦାଖଲ କଲେ ମଧ୍ୟ ତାଙ୍କୁ ଏଅଫିସରୁ ସେ ଅଫିସ୍ ଚକ୍କର କାଟିବାକୁ ପଡୁଛି ଏବଂ ଏହାକୁ କର୍ଣ୍ଣପାତ କରୁ ନାହନ୍ତି ବୋଲି ରାଜପଥରେ ଜମି ହରାଉଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଲୋକ ଏହା ମଧ୍ୟ କହୁଛନ୍ତି କି, ଯଦି ସରକାରଙ୍କ ସରକାରୀ ବାବୁମାନେ ଲୋକଙ୍କ ଗୁହାରୀ କର୍ଣ୍ଣପାତ ନକରିବେ ତେବେ ସେମାନେ କହିବେ କାହାକୁ ବୋଲି ପ୍ରଶ୍ନ ମଧ୍ୟ କରୁଛନ୍ତି। ଏହି ଜମି ଅଧିଗ୍ରହଣ ପାଇଁ ତହସିଲ କାର୍ଯ୍ୟାଳୟ ମୁଖ୍ୟ ହୋଇଥିବା ବେଳେ ତହସିଲ ବାବୁ ଭାୟାମାନେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କେତେ ନ୍ୟାୟ ପ୍ରଦାନ କରୁଛନ୍ତି ତାହା ଜଣେ କ୍ଷତିଗ୍ରସ୍ତ ପ୍ରଜାହିଁ ସ୍ପଷ୍ଟ କହିପାରିବ। ଏପରିସ୍ଥଳେ କ୍ଷତିଗ୍ରସ୍ତ ପ୍ରଜାମାନେ କିପରି ନ୍ୟାୟ ପାଇବେ ଏଥିରୁ ସରକାରୀ ବାବୁଙ୍କର କାର୍ଯ୍ୟ ଦକ୍ଷତା ଓ ସରକାରଙ୍କର ନୀୟମାବଳୀ ସନ୍ଦେହ ଘେରକୁ ଟାଣି ନେଉଛି। ତେଣୁ ରାଜ୍ୟ ସରକାର, ସଡ଼କ ପରିବହନ ମନ୍ତ୍ରୀ ଓ ଅନୁଗୁଳ ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ନୂତନ ପାଠ୍ୟକ୍ରମ ରୂପରେଖ ସମ୍ପର୍କରେ ପ୍ରଶିକ୍ଷଣ

**କୁଆଖିଆ,୧୦।୨/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଘୋଡା ସ୍ଥିତ ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ୯ରୁ ଓଡିଶା ପାଠ୍ୟକ୍ରମ ରୂପରେଖ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣକୁ ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ବ୍ଲକ ଏବିଇ ଓ ଅରୁଣ କୁମାର ସେଠୀ ଯୋଗଦେଇ ନୂତନ ପାଠ୍ୟକ୍ରମ କିପରି ଶ୍ରେଣୀ ଗୃହରେ ପଢ଼ାଯିବ ସେ ସମ୍ପର୍କରେ କହିଥିଲେ। ସିଆର୍‌ସିସି ଚିନ୍ମୟ ପାତ୍ରଙ୍କ ତତ୍ୱାବଧାନରେ ପରିଚାଳିତ ଶିବିରରେ ୧୦୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଆର୍‌ପି ସମ୍ବଳ ଶିକ୍ଷକ ପ୍ରଶାନ୍ତ ଗୁଇଁ, ମିତ୍ରଭାନୁ ନାୟକ, ଦିବାକର ସାହୁ ଯୋଗଦେଇ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ନୂତନ ପାଠ୍ୟ କିପରି ପଢ଼ାଯିବ ଏବଂ ସେ ସବୁକୁ କିପରି ଛାତ୍ରଛାତ୍ରୀ ସହଜରେ ଗ୍ରହଣ କରିବେ ସେ ଉପରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ ୧୩ ତାରିଖ ଯାଏଁ ଚାଲିବ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା

# 'ସିବିଆଇ ତଦନ୍ତ ନହେଲେ ପିଏମ୍‌ଜିରେ ଧାରଣା ଦେବୁ'

**ଢେଙ୍କାନାଳ, ୧୦/୨/ଏନ୍‌ଏନ୍‌ଏସ୍:** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ଜଣେ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷଦର୍ଶୀ ମାଧବ ଚୈତନ୍ୟଙ୍କ ରବିବାର କୋର୍ଟ ବୟାନ ଅନୁଯାୟୀ ଆଜିର ପ୍ରକାଶିତ ଖବରକାଗଜକୁ ଇ. ଦେବାଶିଷ ହୋତା ମାନ୍ୟବର ହାଇକୋର୍ଟରେ ଏକ ଅତିରିକ୍ତ ଡକ୍ୟୁମେଣ୍ଟ ହିସାବରେ ଦାଖଲ କରିଛନ୍ତି। ମାଧବ ଚୈତନ୍ୟଙ୍କ ଏହି ବୟାନ ଅନୁଯାୟୀ ପୂର୍ବରୁ ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତ ଏବଂ ତଦନୁଯାୟୀ ବିଚାର ଦିଗହରା ଅଟେ। ଶ୍ରୀ ମାଧବଙ୍କ ବୟାନ ଅନୁସାରେ, ୧୭ ବର୍ଷ ପରେ ମଧ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଏବେ ଯାଏଁ ପରେଡ କରାଯାଇ ନାହିଁ। ମୁଖ୍ୟ ଆସାମୀ ଖୋଲା ବୁଲୁଛି। ବାକିମାନେ ବେଲ୍ ପାଇସାରିଛନ୍ତି। ଲକ୍ଷ୍ମଣାନନ୍ଦ ହତ୍ୟାର ମୁଖ୍ୟ ଷଡଯନ୍ତ୍ରକାରୀମାନେ ପଦାରେ ବୁଲୁଛନ୍ତି। ତିନୋଟି ଯାକ ବିଚାର ବିଭାଗୀୟ କମିଶନ ରିପୋର୍ଟ ଗତ ୨୦୧୫ ମସିହାରୁ ପଡିରହିଛି। ବିଜେଡି ପରିଚାଳିତ ତତ୍କାଳୀନ ରାଜ୍ୟ ସରକାରଙ୍କର ବିଭିନ୍ନ ସଂସ୍ଥା କରିଥିବା ତଦନ୍ତ ଭୁଲ୍ ବାଟରେ ଥିଲା ବୋଲି ମୁଁ ହାଇକୋର୍ଟରେ କରିଥିବା ଯୁକ୍ତିର ସତ୍ୟତାକୁ ମାଧବ ଚୈତନ୍ୟଙ୍କ ଉପରୋକ୍ତ ବୟାନ ପ୍ରମାଣିତ କରୁଛି । ତେଣୁ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ଏନକ୍ୱାରୀ ତୁରନ୍ତ କରାଇବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁ ଅନୁରୋଧ କରୁଛି ବୋଲି ଇ. ହୋତା ଇତ୍ୟବସରରେ ପ୍ରକାଶ କରିଛନ୍ତି। ଗତ ୩ ବର୍ଷ ପୂର୍ବରୁ ଇ. ହୋତାଙ୍କ ଦ୍ୱାରା ସମସ୍ତ ଜିଲ୍ଲା ଗସ୍ତ କରିଥିବା ୪୦୭୭ କିଲୋମିଟରର ଅଖଣ୍ଡ ଜ୍ୟୋତି ଯାତ୍ରା ଯୋଗୁଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ବାଧ୍ୟ ହୋଇ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକାଣ୍ଡର ପୁଣିଥରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଦେଶ ଦେଇଥିଲେ ମଧ୍ୟ ଏଥିରେ ସନ୍ତୁଷ୍ଟ ନ ହୋଇ ଇ. ହୋତା ଏହି କେସ୍‌ଟି ଦାୟର କରିଛନ୍ତି। ପ୍ରକାଶ, ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ଏନକ୍ୱାରୀ ପାଇଁ ଇ. ହୋତା ହାଇକୋର୍ଟରେ ଗତ ୧୮ ଡିସେମ୍ବର ୨୦୨୩ ଦିନ ଏକ କେସ ଫାଇଲ୍ କରିବା ପରେ ଗତ ୨ ଜାନୁଆରୀ ୨୦୨୪ ଦିନ ମାନ୍ୟବର ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାଶ ଏହି କେସର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଥିଲେ। ସିବିଆଇ ତଦନ୍ତକୁ ବିଜେଡି ପରିଚାଳିତ ତତ୍କାଳୀନ ରାଜ୍ୟ ସରକାର ବିରୋଧ କରିଥିଲା। ୧୫ ଏପ୍ରିଲ୍ ୨୦୨୪ ଦିନ ମାନ୍ୟବର ହାଇକୋର୍ଟଙ୍କ ଆଉ ଜଣେ ବିଚାରପତି ଭି ନରସିଂହ ଏବଂ ୧୬ ଜୁଲାଇ ୨୦୨୪ ଦିନ ମାନ୍ୟବର ହାଇକୋର୍ଟଙ୍କ ଅନ୍ୟ ଜଣେ ବିଚାରପତି ଗୌରିଶଙ୍କର ସତପଥୀ ଏହି ମାମଲାର ଶୁଣାଣି କରିବା ପରେ ଗତ ଦେଢ ବର୍ଷ ହେବ ଏହାର ଆଉ ଲିଷ୍ଟ ହେଉ ନାହିଁ । ତେଣୁ ଇ. ହୋତା ୩୦ଟି ଯାକ ଜିଲ୍ଲାର ହଜାର ହଜାର ସନାତନୀଙ୍କ ସହିତ ଗତ ୨୪ ଅଗଷ୍ଟ ୨୦୨୪ ଦିନ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ପ୍ରବଳ ବର୍ଷା ଏବଂ ଘଡଘଡିକୁ ଖାତିର ନ କରି ଦୀର୍ଘ ୧୨ ଘଣ୍ଟା ଧରି ଆନ୍ଦୋଳନ କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇଂ. ହୋତାଙ୍କୁ ଡକାଇ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ଏନକ୍ୱାରୀ ପାଇଁ ଦୃଢ ପ୍ରତିଶ୍ରୁତି ଦେଇଥିଲେ। ଦାବିପୂରଣ ନ ହେବାରୁ ଇଂ. ହୋତା ୩୦ଟି ଯାକ ଜିଲ୍ଲାର ହଜାର ହଜାର ସନାତନୀଙ୍କ ସହିତ ପୁଣିଥରେ ଗତ ୧ ଫେବୃଆରୀ ୨୦୨୫ ତଥା ୨୩ ଅଗଷ୍ଟ ୨୦୨୫ ଦିନ ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ କେନ୍ଦୁଝର ଜିଲ୍ଲା ମନୋହରପୁରରେ ୧୯୯୯ ମସିହା ଗ୍ରାହମ୍‌ଷ୍ଟେନ୍ସଙ୍କ ହତ୍ୟାର ଷଡଯନ୍ତ୍ରକାରୀ ବୋଲି ହିନ୍ଦୁ ନେତା ଦାରାସିଂ ୨୬ ବର୍ଷ ହେବ କେନ୍ଦୁଝର ଜେଲ୍‌ରେ ସଜା କାଟୁଥିବାବେଳେ ୨୦୦୮ ମସିହା ଲକ୍ଷ୍ମଣାନନ୍ଦ ହତ୍ୟାର ଷଡଯନ୍ତ୍ରକାରୀ କନ୍ଧମାଳ ଜିଲ୍ଲା ଖ୍ରୀଷ୍ଟିଆନ ନେତା ସ୍ୱରୁପାନନ୍ଦ ପାତ୍ରର ପୁଅ ସସ୍ମିତ୍ ବିଜେଡି ରାଜ୍ୟସଭା ଏମ୍‌ପି ଭାବରେ ଖୋଲା ବୁଲିବା ସାଢେ ଚାରି କୋଟି ଓଡିଆଙ୍କ ମନରେ ସନ୍ଦେହକୁ ବହୁଗୁଣିତ କରୁଛି । ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ଏନକ୍ୱାରୀ କରା ନ ଗଲେ ୩୦ଟି ଯାକ ଜିଲ୍ଲାର ସନାତନୀଙ୍କ ସହିତ ଲୋୟର ପିଏମ୍‌ଜିରେ ପୁଣିଥରେ ଆସନ୍ତା ରଷ୍ଟ୍ରୀୟ ନବ ବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ୧୯ ମାର୍ଚ୍ଚ ୨୦୨୬ ଦିନ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ଇଂ ହୋତା ଆଜି ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ପ୍ରକାଶ କରିଛନ୍ତି।

# ଜାତୀୟ ପେନ୍‌ସନ୍ ପ୍ରଶିକ୍ଷଣ ଶିବିର

**ଯାଜପୁର, ୧୦/୨/ଏନ୍‌ଏନ୍‌ଏସ୍:** ଯାଜପୁର ରୋଡ ସ୍ଥିତ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରଠାରେ ଓଡିଶା ସରକାରଙ୍କ ଅର୍ଥ ବିଭାଗ ତଥା କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ଭୁବନେଶ୍ୱରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ରୋଡ ସ୍ୱତନ୍ତ୍ର କୋଷାଗାର ଦ୍ୱାରା ଏକ ଜାତୀୟ ପେନସନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଡିଡିଓ ଏବଂ ପେନସନ ଭୋକ୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯାଜପୁର ରୋଡ ସ୍ଥିତ ସ୍ୱତନ୍ତ୍ର କୋଷାଗାର ଅଧିକାରୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁ, ଅତିରିକ୍ତ କୋଷାଗାର ଅଧିକାରୀ, ଆକାଉଣ୍ଟ ଅଧିକାରୀ ରାଜଲକ୍ଷ୍ମୀ ବେହେରା, ଶୋଭନା ଲେଙ୍କା ଏବଂ ବିଭୁ ପ୍ରସାଦ ଜେନା ଉପସ୍ଥିତ ରହି ଜାତୀୟ ପେନସନ ଯୋଜନା ଉପରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯାହା ଫଳରେ ଜାତୀୟ ପେନସନ ଉପରେ ଥିବା ସନ୍ଦେହ ଦୂର ହୋଇପାରିଥିଲା। ସେହିପରି ଯାଜପୁର ଜିଲ୍ଲା କୋଷାଗାରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା



କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଗାର ନିର୍ଦ୍ଦେଶାଳୟର ରିସୋର୍ସ ପର୍ସନମାନେ ଯୋଗ ଦେଇଥିଲେ। ଏଥିରେ ୧୦୦ ରୁ ଉର୍ଦ୍ଧ୍ୱ ଡିଡିଓ ଉପସ୍ଥିତ ଥିଲେ। ଅତିରିକ୍ତ କୋଷାଗାର ଅଧିକାରୀ ସ୍ୱର୍ଣ୍ଣଲତା ସଏ, ସୁମିତ କୁମାର ଅଗ୍ରୱାଲ ଓ ବରିଷ୍ଠ ହିସାବ ରକ୍ଷକ ଉପେନ୍ଦ୍ର କୁମାର ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୯ରୁ ୧୩ ଫେବୃଆରୀ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର ତଥା ଉପକୋଷାଗାରମାନଙ୍କରେ ନୂତନ ଜାତୀୟ ପେନସନ ଉପରେ ସପ୍ତାହ ବ୍ୟାପୀ ସଚେତନତା ପ୍ରଶିକ୍ଷଣ ଅନୁଷ୍ଠିତ ହେଉଅଛି।

## ଛୋଟି ପଞ୍ଚାୟତ କାର୍ଯ୍ୟାଳୟରେ ତୁମୁଳକାଣ୍ଡ

# ସରପଞ୍ଚଙ୍କୁ କାମୁଡ଼ିଦେଲେ ପିଇଓ

**ଗନ୍ଦୋଳ, ୧୦/୨/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ସରପଞ୍ଚ ଓ ପିଇଓଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟି ମାମଲା ପହଞ୍ଚିଛି ନିକିରାଇ ଥାନାରେ। ଉଭୟଙ୍କ ପକ୍ଷରୁ ଏ ନେଇ ଥାନାରେ ଦିଆଯାଇଥିବା ଏତଲା ଅନୁଯାୟୀ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ବିମଳ କୁମାର ମଲିକ ପ୍ରକାଶ କରିଛନ୍ତି । ଥାନରେ ଛୋଟି ସରପଞ୍ଚ ରଜନୀ ମଲିକଙ୍କ ଅଭିଯୋଗ ଅନୁଯାୟୀ ସରକାରଙ୍କ ନିୟମ ଅନୁସାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ସିସିଟିଭି ଲଗାଯାଉଥିଲା। ସିସିଟିଭି ଟେକନିସିଆନ୍ ପଞ୍ଚାୟତର ପିଇଓ ସୁଲେଖା ମଲିକଙ୍କ କାର୍ଯ୍ୟାଳୟ ପରିସରକୁ ଯାଇ ସିସିଟିଭି ଲଗାଇଲା ବେଳକୁ ଏହି କାର୍ଯ୍ୟାଳୟ ପରିସରରେ ଥିବା ସୁଲେଖା ଓ ତାଙ୍କ ସ୍ୱାମୀ



ସିସିଟିଭି ଲଗାଇବାକୁ ବାରଣ କରିଥିଲେ। ଏ ସମ୍ପର୍କରେ ଟେକନିସିଆନ୍‌ଙ୍କ ପାଖରୁ ଖବରପାଇ ସେଠାରେ ପହଞ୍ଚି ସୁଲେଖାଙ୍କୁ ପଚାରିବାରୁ ପିଇଓ ସୁଲେଖା ଓ ତାଙ୍କ ସ୍ୱାମୀ ସରପଞ୍ଚ ରଜନୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସୁଲେଖା ରଜନୀଙ୍କ ବେକକୁ କାମୁଡ଼ିବାକୁ ଯିବାବେଳେ ରଜନୀ ହାତ ଦେଖାଇ ଦେବାକୁ ସୁଲେଖାଙ୍କ କାମୁଡ଼ାରେ ରଜନୀଙ୍କ ହାତ କ୍ଷତାକ୍ତ ହୋଇପଡ଼ିଥିବା ନେଇ ରଜନୀ ଅଭିଯୋଗ କରିଛନ୍ତି । ରଜନୀଙ୍କ ଅଭିଯୋଗକୁ ଭିତ୍ତିକରି ନିକିରାଇ ଥାନାରେ ୪୧/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଅପରପକ୍ଷରେ ପିଇଓ ସୁଲେଖା ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ସେ ଆଜି ଦିନ ୧୦ଟା ୩୦ ମିନିଟ୍ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ସରପଞ୍ଚ ରଜନୀ ତାଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରି ତାଙ୍କ ଠାରୁ ସଭା ଆକ୍ୟୁଟାନ୍ସ ଖାତା ଓ କାର୍ଯ୍ୟାଳୟର ଚାବି ମାଗିଥିଲେ। ସୁଲେଖା ନଦେବାରୁ ସରପଞ୍ଚ ରଜନୀ ତାଙ୍କ ଠାରୁ ଖାତା ଓ ଚାବି ବଳପୂର୍ବକ ଛଡ଼ାଇ ନେବାକୁ ଉଦ୍ୟମ କରିବା ସହ ମାଡ଼ ମାରି ଆକ୍ୟୁଟାନ୍ସ ଖାତା ଛଡ଼ାଇ ନେଇଥିଲେ। ଏହାକୁ ପ୍ରତିରୋଧ କରିବାରୁ ରଜନୀ ସୁଲେଖାଙ୍କ ବେକରୁ ଲକ୍ଷାଧିକ ଟଙ୍କାର ସୁନା ଚେନ୍ ଛିଣ୍ଡାଇ ନେବା ସହ ତାଙ୍କ ନିକଟରେ ଥିବା ୧୦ ହଜାର ଟଙ୍କା ଛଡ଼ାଇ ନେଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଥାନାରେ ସୁଲେଖା ଅଭିଯୋଗ କରିଛନ୍ତି । ସୁଲେଖାଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ୪୨ /୨୬ରେ ଆଉ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ ଶ୍ରୀ ମଲିକ ପ୍ରକାଶ କରିଛନ୍ତି ।

## ଚାଷୀ ଶୋଷଣ ବିରୋଧରେ

# ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସତ୍ୟାଗ୍ରହ

**ଜଗତ୍‌ସିଂହପୁର, ୧୦/୨/ଏନ୍‌ଏନ୍‌ଏସ୍:** ମିଲରମାନେ ସରକାରଙ୍କ ନୀତି ନିୟମକୁ ଗୋଇଠାମାରି ସରକାରୀ ଅଧିକାରୀଙ୍କ ସହିତ ଭିତିରି ସଲାସୁତରା ହୋଇ ଚାଷୀଙ୍କ ଠାରୁ ଧାନ କ୍ରୟ କରୁଛନ୍ତି। ଏପରିକି ମଣ୍ଡିମାନଙ୍କରେ ମିଲରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀ ଓ ପାକ ସମ୍ପାଦକମାନେ ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ନିୟମରେ ଭୟ ଦେଖାଇ ଚାଷୀଙ୍କ ଭଲ ଧାନରୁ ୫ ରୁ ୬କିଗ୍ରା କଟନି କରି ଠକି ନେଉଛନ୍ତି। ଚାଷୀମାନଙ୍କୁ ଝୋଟ ଅଖା ନଦେଇ ଚାଷୀଙ୍କ ଠାରୁ ବସ୍ତା ପିଛା ୧୦ରୁ ୧୫ଟଙ୍କା ଆଦାୟ କରୁଛନ୍ତି। ଏଥି ସହିତ ଚାଷୀଙ୍କ ଧାନକୁ ଓଜନ ମାପ ଯନ୍ତ୍ରରେ ମଧ୍ୟ ଠକେଇ କରୁଛନ୍ତି। ଯାହାଦ୍ୱାରା ଚାଷୀମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସରକାରଙ୍କ ଧାନ କିଣା ଯୋଜନା ଦିଗହରା ହୋଇଯାଇଛି। କିଛି ମିଲର, ପାକ୍ ସମ୍ପାଦକ, ବିଭାଗୀୟ ପ୍ରଶାସନମାନଙ୍କ ସ୍ୱାର୍ଥ ଯୋଗୁ ଚାଷୀ ବଳକା ଧାନ ବିକ୍ରୟରେ ଶୋଷଣର ଶିକାର ହେଉଥିବା ଦାବି କରି ନବ ନିର୍ମାଣ କୃଷକ ସଂଗଠକମାନେ ସତ୍ୟାଗ୍ରହ କରି ଜଗତସିଂହପୁର ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ନବ ନିର୍ମାଣ କୃଷକ ସଂଗଠନର ରଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସହ-ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ବିପ୍ଳବି ବାସୁଦେବ, ଦେବୀ ପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଅଶୋକ କୁମାର, ଦୁର୍ଗା ଚରଣ ସ୍ୱାଇଁ, ରଘୁନାଥ ନାୟକ, ଅଭୟ ସ୍ୱାଇଁ, ପ୍ରମୋଦ ଦାଶ, ପ୍ରଶନ୍ନ କୁଅଁର, ଅମୂଲ୍ୟ ମହାନ୍ତି, ଶରତ ଚନ୍ଦ୍ର ମହାପାତ୍ର, ନିଗମାନନ୍ଦ ଦାସ, ବିଜୟ ପତି, ରମଣୀ ବେହେରା, ଭୁବନାନନ୍ଦ ନାୟକ, ସଞ୍ଜୟ ସାହୁ, ଦେବଦତ ସାହୁ, ଆଲୋକ ସ୍ୱାଇଁ, ସୁରେନ୍ଦ୍ର ମହାରଣା, ବାବାଜୀ ନାୟକ, ଅଟଳ ବିହାରୀ ଜେନା, କୈଳାସ ପରିଡା, ଧ୍ୱଜଟି ମହାନ୍ତି, ସଚିଦାନନ୍ଦ



ଦାସ, ଅନ୍ୟାନ୍ୟ ମହାନ୍ତି, ଶାରଦା ଜେନା, ଭାସ୍କର ପାଳ, ପ୍ରତାପ ନାୟକ, ଅସୀମ ରାଉତ ପ୍ରମୁଖ ଶତାଧିକ ମାନେ ଏହି ସତ୍ୟାଗ୍ରହରେ ସାମିଲ ହୋଇ ପ୍ରଶାସନର ଚାଷୀ ଶୋଷଣ ନୀତି ବିରୋଧରେ ବିଶୋଦଗାର କରିଛନ୍ତି। ଏହି ଅବସରରେ ପୂର୍ବାହ୍ନରେ ଶତାଧିକ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ ଓ କର୍ମକର୍ତାମାନେ ସ୍ଥାନୀୟ କଲେଜ ଛକ ଠାରୁ ଏକ ଶୋଭା ଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ। ସେଠାରେ ସେଠାରେ ସମୁହଁ ଅନସରରେ ବସି ଚାଷୀ ଶୋଷଣ ବିରୋଧରେ ବିକ୍ଷୋଭ କରିଥିଲେ। ଜିଲ୍ଲାପାଳ ଜେ ସୋନାଲ ଧାରଣା ଓ ଅନସନ ସ୍ଥଳକୁ ଆସି ସେମାନଙ୍କ ଅଭିଯୋଗ ଶୁଣିଥିଲେ ମଧ୍ୟ ସଂନ୍ତୋଷ ଜନକ ଉତର ନଦେଇ ପାରିବାରୁ ନିଜ କାର୍ଯାଳୟକୁ ଫେରି ଯାଇଥିଲେ। ଅପରାହ୍ନରେ ଉପଜିଲ୍ଲାପାଳ ସତ୍ୟାଗ୍ରହ ସ୍ଥଳକୁ ଆସି ସମସ୍ୟାଗୁଡିକ ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିବା ପରେ ନବ ନିର୍ମାଣ କୃଷକ ସଂଗଠକ ମାନେ ସତ୍ୟାଗ୍ରହରୁ ଓହରିଥିଲେ।

# ଆଜି ଶ୍ରୀବଳଦେବଜିଉଙ୍କ ସର୍ବସାଧାରଣ ଦର୍ଶନ ୩ଘଣ୍ଟା ବନ୍ଦ

**କେନ୍ଦ୍ରାପଡ଼ା, ୧୦/୨/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି (ବୁଧବାରର) କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ମହାପ୍ରଭୁ ଶ୍ରୀବଳଦେବଜିଉଙ୍କ ଶ୍ରୀମୁଖ ସିଂହାର ସର୍ବସାଧାରଣ ଦର୍ଶନ ସକାଳ ୭ରୁ ୧୦ଟା ତିନି ଘଣ୍ଟା ବନ୍ଦ ରହିବ। ଫାଲଗୁନ୍ ମାସ କୃଷ୍ଣ ପକ୍ଷ ନବମୀ ତିଥି ବୁଧବାର ଥିବାରୁ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି କରାଯିବ। ଜୟ ମଙ୍ଗଳା ଆଳତି ସମ୍ପନ୍ନ ପରେ ଚିତ୍ରକର ସେବକ ରତ୍ନ ସିଂହାସନକୁ ଯାଇ ଏହି କାର୍ଯ୍ୟ ସମ୍ପାଦନ କରିବେ। ଏହା ଏକ ଗୁପ୍ତ ନୀତି ଥିବାରୁ ସର୍ବସାଧାରଣ ଦର୍ଶନ ସକାଳ ୭ରୁ ୧୦ଟା ତିନି ଘଣ୍ଟା ବନ୍ଦ ରହିବା ପରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇ ଅନ୍ୟ ନୀତି କାନ୍ତି କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଚୋରାମଦ ବେପାରୀ ଗିରଫ



**ରାଜନଗର, ୧୦/୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ଚୋରା ମଦ ଜବତ କରିବା ସହିତ ବେପାରୀକୁ ଗିରଫ କରିଛି। ରାଜନଗର ବ୍ଲକ୍ ରଙ୍ଗଣୀ ଗ୍ରାମର ପ୍ରଦୀପ ଜେନା(୪୦) ବିଦେଶୀ ଚୋରାମଦ ନେଇ ତାଳଚୁଆ ଡାଳଖାଇ ଛକ ନିକଟରେ ଯାଉଥିଲା। ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ ନେତୃତ୍ୱରେ ଏସ୍‌ଆଇ ଏସ୍ ଡୁଙ୍ଗଡଙ୍ଗ୍, ହାବିଲଦାର ଜେ. ମହାଳି ଚୋରା ମଦ ସହ ପ୍ରଦୀପଙ୍କୁ ଧରି ଥାନାକୁ ନେଇଥିଲେ। ୪୭ ବୋତଲ ମାକ୍‌ଡଲ ନଂ-୧ ବିଦେଶୀ ମଦ ଜବତ କରିଥିଲେ। ତାଙ୍କ ନାମରେ ମାମଲା ରୁଜୁ କରି ଥାନାରୁ ଛାଡି ଦେଇଥିଲେ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 09.02.2026 I, **RATNABATI SILLI**, W/o- Kishor Sili, resident At-Sarakantara, VTC-Sarakantara, P.O-Khandagiri, P.S.-Khandagiri, Dist-Khordha, PIN-751019, Odisha have changed my name from Ratani Sili to **RATNABATI SILLI**. Henceforth I shall be known as **RATNABATI SILLI** for all purpose.

(RATNABATI SILLI)

# ସାଇବର୍ ସୁରକ୍ଷା ସଚେତନତା



**ଯାଜପୁର, ୧୦/୨/ଏନ୍‌ଏନ୍‌ଏସ୍:** ସାଇବର ସୁରକ୍ଷା ଦିବସ ପାଳନ ଅବସରରେ ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଆୟୋଜିତ ହୋଇଛି। ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା, ଡା ବିନୋଦ କୁମାର ମଲ୍ଲିକ, ଡା ପ୍ରୀତିଶ୍ରୀ ରଞ୍ଜନ ଉପସ୍ଥିତ ଥିଲେ। ଆଲୋଚନା ଚକ୍ରରେ ଶ୍ରୀ ନାୟକ ବୃତ୍ତଚିତ୍ର ମାଧ୍ୟମରେ ଡିଜିଟାଲ ଆରେଷ୍ଟ, ଡିପ୍ ଫେକ, ୟୁପିଆଇ ପେମେଣ୍ଟ ଠକେଇ ସମ୍ପର୍କରେ ଅବଗତ କରାଇବା ସହିତ ଠକେଇରୁ ରକ୍ଷା ପାଇବା ପାଇଁ ଉପାୟ ଓ କୌଶଳ ବିଷୟରେ କହିଥିଲେ। ଏହାସହ ଏକ ସାଇବର୍ ସୁରକ୍ଷା କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ରର ନେଟଓ୍ୱାର୍କ ଇଞ୍ଜିନିୟର ପ୍ରବୀର କୁମାର ବେହେରା, ନେଟଓ୍ୱାର୍କ ଇଞ୍ଜିନିୟର ଦୀପ୍ତିପ୍ରଭା ପାତ୍ର, ଡିଆରଏମ୍ ଶୁଭେନ୍ଦୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଶିକ୍ଷକତା ଏକ ବୃତ୍ତି ନୁହେଁ, ଏକ ସାଧନା'

**ଅନୁଗୁଳ, ୧୦/୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଅନୁଗୁଳ ବ୍ଲକର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଦିବସୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳ ବ୍ଲକ ଗାଷ୍ଠୀ ଶିକ୍ଷାଧିକାରୀ ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ମୁଖ୍ୟ ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଧାନଶିକ୍ଷକ, ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ବିଦ୍ୟାଳୟ ଏକ ଜୀବନ୍ତ ଅନୁଷ୍ଠାନରେ ସ୍ଥାନରେ ପରିଣତ ହୋଇଯିବ ବୋଲି କହିଥିଲେ। ଅନ୍ୟତମ ସାଧନ କର୍ମୀ ଭାବେ ପ୍ରାଧ୍ୟାପକ ବନମାଳି ଦାସ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷ ଶିକ୍ଷାଧିକାରୀ ଲୋପାମୁଦ୍ରା ପଟ୍ଟନାୟକ କହିଲେ ଯେ ବୈଷୟିକ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ ତେଣୁ ଏ ଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ଏବଂ ଓଡିଶା ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମ ଢାଞ୍ଚା ୨୦୨୫ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଶିକ୍ଷକତା ଏକ ବୃତ୍ତି ନୁହେଁ, ଏହା ଏକ ସାଧନା ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ବ୍ଲକର ୧୭୦ଜଣ ପ୍ରଧାନଶିକ୍ଷକଙ୍କ ସହ ୧୭ଟି କ୍ଲଷ୍ଟରର ସିଆର୍‌ସିସି ଅଂଶ ଗ୍ରହଣ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ବର୍ଷ ୧୯ ହଜାର ୮୧୬ ମାଟ୍ରିକ୍ ପରୀକ୍ଷାର୍ଥୀ

# ୧୦୪ କେନ୍ଦ୍ର ଓ ୯ ନୋଡାଲ୍ ସେଣ୍ଟର୍

**କେନ୍ଦ୍ରାପଡ଼ା, ୧୦/୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାରେ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରିକ୍ଷା ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି । ଚଳିତ ବର୍ଷ ଜିଲ୍ଲାରେ ୧୦୪ ଟି ପରୀକ୍ଷା କେନ୍ଦ୍ରରେ ୧୯,୮୧୬ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବେ। ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ୫୦ ଜଣ ଥିବାବେଳେ ୨୪୪ ଜଣ ମଧ୍ୟମା ଛାତ୍ରଛାତ୍ରୀ ଏବଂ ଏସ.ଓ.ସି.ଏସ୍ ୨୯୪ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଏହିପରି ସର୍ବମୋଟ ୧୯୮୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୦୪ ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୮୯୯ ଜଣ ଶିକ୍ଷା ନିରୀକ୍ଷକଙ୍କୁ ନିଯୁକ୍ତି କରାଯିବା ସହିତ ୪୪୯ ଜଣ କର୍ମଚାରୀ ଓ ୨୨୫ ଜଣ ରିଲିଭରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ୧୦୪ ଟି କେନ୍ଦ୍ର ନିମନ୍ତେ ୧୦୪ ଜଣ ସୁପରିଟେଣ୍ଡ ଓ ୧୦୪ ଜଣ ଡେପୁଟି ସୁପରିଟେଣ୍ଡଙ୍କୁ ମଧ୍ୟ ବିଭିନ୍ନ କେନ୍ଦ୍ର ନିମନ୍ତେ ନିଯୁକ୍ତି ଦିଆଯାଇଛି। କପି ରୋକିବା ନିମନ୍ତେ ୫ ସ୍ତରୀୟ ସ୍କ୍ୱାର୍ଡର ବ୍ୟବସ୍ଥା କରାଯାଇଛି। କଟକ ବୋର୍ଡରୁ ୧ ଟି ସ୍କ୍ୱାର୍ଡ ଜିଲ୍ଲାକୁ ଆସିବାର ବ୍ୟବସ୍ଥା ହୋଇଛି। ଏଥି ସହିତ ବ୍ଲକ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାର୍ଡ ରହିବାର ବନ୍ଦୋବସ୍ତ ହୋଇଛି । ଜିଲ୍ଲାର ୯ଟି ବ୍ଲକ ଓ ପୌରାଞ୍ଚଳ ଗୁଡିକରେ ଥିବା ନୋଡାଲ ସେଣ୍ଟର୍ ଗୁଡିକରେ ପ୍ରଶ୍ନ ପତ୍ର ଗୁଡିକ ରଖାଯିବ। ଜିଲ୍ଲାର ମାର୍ଶାଘାଇ ବ୍ଲକର ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟ ,କେନ୍ଦ୍ରାପଡାର ବାଲିଆ ହାଇସ୍କୁଲ ସହିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲ ପଟ୍ଟାମୁଣ୍ଡାଇ ବ୍ଲକର କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲ ,ଆଳି ବ୍ଲକର ଆଳି ହାଇସ୍କୁଲ ରାଜନଗର ବ୍ଲକର ରାଜନଗର ହାଇସ୍କୁଲ, ମହାକାଳପଡାର କେୟାରବାଙ୍କ ହାଇସ୍କୁଲ ଏବଂ ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ଗୁଡିକୁ ନୋଡାଲ ସେଣ୍ଟର ଭାବେ ସ୍ଥିର କରାଯାଇଛି। ଜିଲ୍ଲାର କେନ୍ଦ୍ରାପଡା ବ୍ଲକ ଅଧିନ କେନ୍ଦ୍ରାପଡା ହାଇସ୍କୁଲ ନୋଡାଲ ଅଧିନରେ ୧୧ଟି ସେଣ୍ଟରରେ ୨୦୫୦ ଜଣ ସେହିପରି କେନ୍ଦ୍ରାପଡା ବ୍ଲକ ବାଲିଆ ନୋଡାଲ ଅଧିନରେ ୧୧ଟି ସେଣ୍ଟରରେ ୨୧୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମାର୍ଶାଘାଇ ସରକାରୀ ହାଇସ୍କୁଲ ନୋଡାଲ ଅଧିନରେ ୧୧ଟି ସେଣ୍ଟରରେ ୧୭୬୮ ଜଣ, ମହାକାଳପଡା କେୟାରବାଙ୍କ ନୋଡାଲ ଅଧିନରେ ୧୦ଟି କେନ୍ଦ୍ରରେ ୨୧୬୧, ଆଳି ନୋଡାଲ ୧୩ଟି କେନ୍ଦ୍ରରେ, ୧୯୨୨, ପଟ୍ଟାମୁଣ୍ଡାଇ ନୋଡାଲ ୧୪ଟି କେନ୍ଦ୍ରରେ ୨୮୧୪, ରାଜକନିକା ନୋଡାଲ ୧୧ଟି ସେଣ୍ଟରରେ ୧୯୯୫, ରାଜନଗର ନୋଡାଲ ୧୪ଟି ପରୀକ୍ଷା କେନ୍ଦ୍ର ସହିତ ୫ଟି ମଧ୍ୟମା କେନ୍ଦ୍ରରେ ୩୦୦୪ ଜଣ ପରୀକ୍ଷାର୍ଥୀ ଥିବା ଜଣାପଡିଛି। ସେହିପରି ଗରଦପୁର ବ୍ଲକ ପାଟକୁରା ହାଇସ୍କୁଲରେ ୧୧ଟି ପରୀକ୍ଷାକେନ୍ଦ୍ର ସହିତ ୨ଟି ମଧ୍ୟମା କେନ୍ଦ୍ରରେ ୧୯୭୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୯ଟି ବ୍ଲକରେ ଦୁଇଜଣ ଲେଖାଏ ସୁପରିଟେଣ୍ଡଙ୍କ ତତ୍ତ୍ୱାବଧାନରେ ୯ଟି ନୋଡାଲ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଡେସପାଚ୍ ଟିମ୍ ୨୪ଟି ସହିତ ୪୦ ଜଣ ଶିକ୍ଷକଙ୍କୁ ଏକ ସ୍ୱତନ୍ତ୍ର ଟିମ୍‌ରେ ରଖାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁବିଧା ନିମନ୍ତେ କେନ୍ଦ୍ର ଗୁଡିକର ଦୂରତା ୧୦କି.ମି ମଧ୍ୟରେ ରହିଛି। ପରୀକ୍ଷା କେନ୍ଦ୍ର ବେଳକୁ ମୋବାଇଲ୍ ନିଷିଦ୍ଧ କରାଯିବା ସହିତ ସିସିଟିଭି ନଜରରେ ପରୀକ୍ଷା ପରିଚାଳିତ ହେବ ବୋଲି ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏଥି ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଶାନ୍ତି ଶୃଙ୍ଖଳା ରଖିବା ନିମନ୍ତେ ପ୍ରତି କେନ୍ଦ୍ର ଗୁଡିକରେ ପୁଲିସ ମୁତୟନ ହେବାର ବନ୍ଦୋବସ୍ତ କରାଯାଇଛି ।

# ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ

**ଯାଜପୁର, ୧୦/୨/ଏନ୍‌ଏନ୍‌ଏସ୍:** ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡପାଟଣା ଓ ପଞ୍ଚାୟତ କାର୍ଯ୍ୟାଳୟରେ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୨୦୨୬ର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଫେବୃଆରୀ ୧୦ ରୁ ୧୯ ତାରିଖ ଯାଏଁ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ଜନସାଧାରଣ ଶତ ପ୍ରତିଶତ ଅଂଶଗ୍ରହଣ କରି ଔଷଧ ସେବନ କରିବାକୁ ଜିଲ୍ଲାପାଳ ଶ୍ରୀ କର ଅନୁରୋଧ କରିବା ସହ ଯାଜପୁର ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଔଷଧ ସେବନର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଜାତୀୟ କୃମି ନାଶକ ଦିବସ ଉପଲକ୍ଷେ ଔଷଧ ସେବନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଦିଲ୍ଲୀରୁ ଆସିଥିବା ଡା. ରନପାଲ ସିଂ ଓଡ଼ିଶାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଅନ୍ୟ ରାଜ୍ୟ ଅନୁସରଣ କରିବା ଉଚିତ ବୋଲି କହିଥିଲେ।

ସମଗ୍ର ଶିକ୍ଷା Samagra Shiksha

**DISTRICT PROJECT OFFICE**
Old Revenue Colony, Behind Govt. Hospital, RAYAGADA
email - dpcrayagadassa.opepa@nic.in

Letter No. 545 / V/SC/ST/74/2026 Dated 09/02/2026

NOTICE INVITING TENDER (NIT)

Sealed tenders are invited from the reputed & credible Supplier / firms / agencies for Supply of "Brass and Pipe Band Instruments at 15 PM Shri Schools" and Band Uniform for the children in Band Troups in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| For Supply of Brass and Pipe Band Instruments and Uniform for the Children in Band Troups at 15 PM Shri Schools | Rs.3000/- (Rupees three Thousand only) | Rs.80,000/- (Rupees eighty thousand only) | 25/02/2026 by 5.30 pm | 26/02/2026 by 1:00 pm |

The detailed BID document is available in the website https://opepa.odisha.gov.in & https://rayagada.odisha.gov.in. Interested and eligible agency / firms may download the BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web sites. Hence potential bidders are requested to be in continuous touch with the above web sites.

The Tender Inviting Authority (TIA) reserves the right to accept or reject any or all tenders, wholly or in part, without assigning any reason thereof and without incurring any liability to the affected bidder(s)

27001/27030/1/25-26/0001

Collector-cum-Chairman
Samagra Shiksha, Rayagada.

GOVERNMENT OF ODISHA
OFFICE OF THE EXECUTIVE ENGINEER (AGRIL.),
SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017
e-mail: eenzsc.sambalpur@gmail.com

Notice No. 577 Dt. 09.02.2026

NATIONAL COMPETITIVE BIDDING THROUGH e-Procurement
Identification No. 08 /DSC&WD / NZ / 2025-26 Dt. 09.02.2026

| | | | |
|---|---|---|---|
| 1 | Nature of Work | : | Beautification and Construction of Non-Residential Buildings |
| 2 | Nos. of work | : | 01 no. |
| 3 | Tendered amount in Rs. | : | Rs. 52,71,036 /- |
| 4 | Period of completion | : | 210 days |
| 5 | Date & Time of availability of bid document in the portal | : | From 10.00 Hrs. of 18.02.2026 to 17.30 Hrs. of 26.02.2026 |
| 6 | Last date/ time of receipt of original documents in the tender box at the office of the undersigned | : | Before 17.30 Hrs. of 05.03.2026 |
| 7 | Date & Time of opening of bids | : | 11.00 Hrs. of 07.03.2026 onwards |
| 8 | Name and Address of the officer inviting bid | : | Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017 |

Further details can be seen from the web site www.tendersodisha.gov.in

1001/1481/1/25-26/0011

Executive Engineer, (Agril.)
Soil Conservation, NZ, Sambalpur

## ଅବସରପ୍ରାପ୍ତ କନ୍‌ଷ୍ଟେବଲଙ୍କୁ ସମ୍ବର୍ଦ୍ଧନା

**କଣ୍ଟିଲୋ,୧୦।୨/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ହାଟମୁଣ୍ଡ ପାଟଣା ନିବାସୀ ଗୋବିନ୍ଦ ଚନ୍ଦ୍ର ମହାରଣା ଦୀର୍ଘ ବର୍ଷ ହେଲା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପୋଲିସ କନ୍‌ଷ୍ଟେବଲ ଭାବେ ନିଜର କର୍ତ୍ତବ୍ୟ ସମାପନ କରି ଅବସର ନେଇଛନ୍ତି। ଜଣେ ସଚ୍ଚୋଟ କନ୍‌ଷ୍ଟେବଲ, ପୋଲିସର ବନ୍ଧୁ ତଥା ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ଉଲ୍ଲେଖନୀୟ ଅବଦାନ ଯୋଗୁ ବେଶ୍ ଜଣାଶୁଣା ଶ୍ରୀ ମହାରଣାଙ୍କୁ ଜିଲ୍ଲା ପୋଲିସ ଟ୍ରେନିଂ ପଡିଆରେ ଆୟୋଜିତ କଳିକା-୨ କାର୍ଯ୍ୟକ୍ରମ ପାଳନ ଅବସରରେ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକା ଏସ ସୁଶ୍ରୀ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିବାର ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ

## ଅଫୁଟା ବାଣ ଫୁଟି ...

ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଆକାଶଙ୍କ ବାମହାତ ପାପୁଲି ଛିଣ୍ଡି ଯାଇଥିବା ବେଳେ ମୁହଁ, ଦେହ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଛି।

## ୩ ଦିନ ଧରି ଜଳୁଛି ...

ପୋଡାଜଳା କରିବା ଆରମ୍ଭ କରିଦେଇଛନ୍ତି। ମଙ୍ଗଳବାର ଉଖରୁଲ ଜିଲ୍ଲାର ଲିଟାନ ଶ୍ରୀଖୋଙ୍ଗ ଗାଁରେ ଦୁର୍ବୃତ୍ତମାନେ ୨୫ ଘର ଏବଂ ଚାରୋଟି ସରକାରୀ କ୍ୱାର୍ଟରରେ ନିଆଁ ଲଗାଇ ଦେଇଥିବା ରିପୋର୍ଟ ହୋଇଛି। କେତେକ ସ୍ଥାନରେ ଗୁଳିବିନିମୟ ମଧ୍ୟ ହୋଇଥିବା କୁହାଯାଉଥିଲେ ମଧ୍ୟ ଏପ୍ରକାର ଅଭିଯୋଗକୁ ଅଗ୍ରାହ୍ୟ କରାଯାଇଛି। ଫେବ୍ରୁଆରୀ ୭ ତାରିଖ ସନ୍ଧ୍ୟାରେ ଲିଟାନ ଶ୍ରୀଖୋଙ୍ଗ ଅଞ୍ଚଳରେ ମଦ୍ୟପାନ ଯୋଗୁ ଆରମ୍ଭ ଝଗଡ଼ାରୁ ଉତ୍ତେଜନା ଆରମ୍ଭ ହୋଇଥିଲା, ଯେଉଁଥିରେ ତାଙ୍ଗଖୁଲ ନାଗା ସମ୍ପ୍ରଦାୟର ଷ୍ଟାର୍ଲିଙ୍ଗ ନାମକ ଜଣେ ବ୍ୟକ୍ତିଙ୍କୁ କୁକି ଜୋ ସମ୍ପ୍ରଦାୟର କିଛି ଲୋକ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହାକୁ କେନ୍ଦ୍ର କରି ଗତ ୮ ତାରିଖରେ ଅର୍ଥାତ୍ ରବିବାର ଅପରାହ୍ଣରେ ନାଗା ସମ୍ପ୍ରଦାୟର ଲୋକମାନେ ମିଳିତ ଭାବେ ନିକଟସ୍ଥ କୁକି ବହୁଳ ଗ୍ରାମର ମୁଖିଆଙ୍କ ନିକଟକୁ ଯାଇ ଅଭିଯୁକ୍ତ ଅପରାଧୀଙ୍କୁ ସେମାନଙ୍କ ସମ୍ମୁଖରେ ହାଜର କରିବାକୁ ଦାବି କରିବା ପରେ ଉତ୍ତେଜନା ବଢ଼ିଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଆସିଥିବା ପୁଲିସ୍ ବାହିନୀ ଉପରେ ମଧ୍ୟ ନାଗା ସମ୍ପ୍ରଦାୟ ପକ୍ଷରୁ ଟେକାପଥର ମାଡ଼ କରାଯାଇଥିଲା। ପଥର ମାଡ଼ରେ ଜଣେ ପୁଲିସ ଅଧିକାରୀଙ୍କ ସମେତ ଅନେକ ଲୋକ ଆହତ ହୋଇଥିଲେ। ପରେ ରାତିରେ ପୋଡ଼ାଜଳା ଘଟଣା ଘଟିଥିଲା। ଏହି ହିଂସା ଉଖରୁଲ ଅଞ୍ଚଳ ଓ ଇମ୍ଫାଲ ଉପତ୍ୟକା ମଧ୍ୟରେ ସଡ଼କ ଯୋଗାଯୋଗ ବ୍ୟାହତ କରିଥିଲା। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଙ୍ଗଳବାର ଇମ୍ଫାଲ-ଉଖରୁଲ-ଇମ୍ଫାଲ ପାଇଁ ସ୍ୱତନ୍ତ୍ର ହେଲିକପ୍ଟର ସେବା ସ୍ଥିର କରିଛନ୍ତି। ସୋମବାର ଉପମୁଖ୍ୟମନ୍ତ୍ରୀ ଲୋସି ଡିଖୋ ଓ ଦୁଇଜଣ ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଉଭୟ ସମ୍ପ୍ରଦାୟର ନାଗରିକ ସମାଜ ସଂଗଠନ ଏକ ବୈଠକ କରି ଶାନ୍ତି ପାଇଁ ନିବେଦନ କରିଥିଲେ ମଧ୍ୟ ଏହା ଉଭୟ କୁକି ଏବଂ ନାଗା ସମ୍ପ୍ରଦାୟଙ୍କ କ୍ଷେତ୍ରରେ ପ୍ରଭାବଶୂନ୍ୟ ରହିଛି। ମଙ୍ଗଳବାର ସକାଳୁ ପୁଣିଥରେ ମଣିପୁରରେ ପ୍ରଥମେ ଉଖରୁଲ୍ ଜିଲ୍ଲାରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା ଯାହାକି ପରେ ସାମ୍ପ୍ରଦାୟିକ ହିଂସାକାଣ୍ଡର ରୂପ ନେଇଥିଲା। ସ୍ଥିତି ଏପରି ହୋଇପଡିଥିଲା ଯେ, ଜିଲ୍ଲାରେ କର୍ଫ୍ୟୁ ମଧ୍ୟ ଲାଗୁ କରାଯାଇଥିଲା। ଏହାସତ୍ତ୍ୱେ ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ୪ ସରକାରୀ କ୍ୱାର୍ଟର ଏବଂ ପ୍ରାୟ ୨୫ ଘରରେ ନିଆଁ ଲଗାଇଦେଇଥିଲେ। ସୁତରାଂ ମଙ୍ଗଳବାର ଅର୍ଥାତ୍ ୧୦ ତାରିଖ ସକାଳ ସମୟରେ ପୁଣିଥରେ ଦୁଇ ଗୋଷ୍ଠୀ କୁକି ଏବଂ ନାଗା ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥିତିକୁ ଦୃଷ୍ଟିରେ ରଖି ଆଜି ଦିନରୁ ଅର୍ଥାତ୍ ଫେବ୍ରୁଆରୀ ୧୦ରୁ ୧୪ ତାରିଖ ଯାଏ (୫ ଦିନ) ଏଠାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ନାଗା ସମ୍ପ୍ରଦାୟର ତାଙ୍ଗଖୁଲ୍ ଏବଂ କୁକି ଜନଜାତି ମଧ୍ୟରେ ହିଂସାତ୍ମକ ସଂଘର୍ଷ ପରେ ଏପ୍ରକାର ପରିସ୍ଥିତି ଉତ୍ପନ୍ନ ହୋଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ସମଗ୍ର ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ୧୮ରୁ ଯୁକ୍ତଦୁଇ ପରୀକ୍ଷା ...

ଚାଲିବ। ପରୀକ୍ଷା ସୁପରିଚାଳନା ନେଇ +୨ ପରିଷଦ ପକ୍ଷରୁ କଡା ବ୍ୟବସ୍ଥା କରାଯାଇଛି। ଷ୍ଟ୍ରଙ୍ଗ ରୁମରୁ ନୋଡାଲ କେନ୍ଦ୍ର ଗୁଡିକୁ ଡେସ୍‌ପାଚ୍ ଟିମ୍ ସହିତ ଶସ୍ତ୍ରଧାରୀ ଆରକ୍ଷୀ କର୍ମଚାରୀ ନିୟୋଜିତ ରହିବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରଗୁଡିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା, ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉଛି। ସମସ୍ତ ନୋଡାଲ କେନ୍ଦ୍ର ଏବଂ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଗ୍ରହଣରୁ ଆରମ୍ଭ କରି ଉତ୍ତର ପୁସ୍ତିକା ସଂଗ୍ରହ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନଜରରେ ରଖାଯିବ। ବିଶେଷକରି ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରାନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସଂପର୍କିତ ନିୟମ ବା ବିଧାନର ଉଲଙ୍ଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଏବଂ ଭାରତୀୟ ନ୍ୟାୟ ସଂହିତା ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ +୨ ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା କହିଛନ୍ତି ଯେ, 'ପରୀକ୍ଷା ପାଇଁ ଯେଉଁ ଗାଇଡ୍ ଲାଇନ୍ ରହିଛି ତାହା କିଭଳି ଭାବେ ସୁରୁଖୁରରେ କରାଯିବ ସେନେଇ ବ୍ୟବସ୍ଥା କରାଯାଉଛି। ପ୍ରଶ୍ନପତ୍ର ଲିକ୍ ହେବା ସମ୍ଭବ ନୁହେଁ କିନ୍ତୁ ତାହାକୁ ସୁରକ୍ଷିତ ରଖିବା ପାଇଁ ଏଆଇ କ୍ୟାମେରା ରହିଛି। ଯାହା ୨୪ ଘଣ୍ଟା ଧରି କାମ କରିବ। ଏହାର ଅପରେଟିଂ ଉଚ୍ଚ ମାଧ୍ୟମିକ କାର୍ଯ୍ୟାଳୟରେ ରହିବ। ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପିଲାମାନଙ୍କ ଖାତା ଅନଲାଇନରେ ଇଭାଲ୍ୟୁସେନ କରାଯାଉଛି, ତେଣୁ ସେମାନେ ବ୍ଲାକ ବଲ୍ ପଏଣ୍ଟ ପେନରେ ଲେଖିବେ। କିନ୍ତୁ ବାକି ବିଭାଗର ପରୀକ୍ଷା ଆଦିର ପିଲାମାନେ, ଯେକୌଣସି ପେନ୍‌ରେ ଲେଖିବା କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି। ସେହିପରି କିଛି କଲେଜର ଅଧ୍ୟକ୍ଷଙ୍କ କହିବା ଅନୁସାରେ, ପରୀକ୍ଷା ସମୟରେ ଗେଟ୍ ରେ ଚେକିଂ ଯୋରଦାର କରାଯିବ। ପରୀକ୍ଷାର୍ଥୀମାନେ କେବଳ ପାଣି ବୋଟଲ ନେଇକି ଆସିବେ। ଘଣ୍ଟା ଓ ମୋବାଇଲ ଫୋନ୍ ଆଣିବେ ନାହିଁ। ସାଙ୍ଗରେ ଆଡମିଟ୍ କାର୍ଡ, ପେନ୍ ସହିତ କେନ୍ଦ୍ରକୁ ଆସିବେ।

## ୪୧୧୧ କୋଟିର ...

ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ଏହି ୨୩ଟି ପ୍ରକଳ୍ପ ସାମଗ୍ରିକ ଭାବେ ମୋଟ ୪୧୧୧.୮୦ କୋଟି ନିବେଶ ଏବଂ ୯୯୨୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଏକ ସମ୍ଭାବନାଶୀଳ ନିବେଶ ଗନ୍ତବ୍ୟ ସ୍ଥାନ ଭାବରେ ପୁନରୁସ୍ଥାପିତ କରିଛି । ପାରମ୍ପରିକ ଉତ୍ପାଦନରୁ ବିମାନ ଓ ଅନ୍ତରୀକ୍ଷ ଶିଳ୍ପ, ପ୍ରତିରକ୍ଷା, ଉନ୍ନତ ଉତ୍ପାଦନ, ଲଜିଷ୍ଟିକ୍ସ, ଭିଡିଭୁମି ଓ ପ୍ରିମିୟମ୍ ପର୍ଯ୍ୟଟନ ପର୍ଯ୍ୟନ୍ତ ସୁଦୃଢ କ୍ଷେତ୍ରୀୟ ବିବିଧତା ସହିତ, ରାଜ୍ୟ ଏକ ସହିଷ୍ଣୁ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଆଧାର ନିର୍ମାଣ କରୁଛି। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ସମୟସୀମା ମଧ୍ୟରେ, ସମନ୍ୱିତ ଅନୁମୋଦନ ଏବଂ ସକ୍ରିୟ ନିବେଶକ ସୁବିଧା ସୁନିଶ୍ଚିତ କରି ବ୍ୟବସାୟିକ ସୁଗମତାକୁ ବଢ଼ାଇବାରେ ଲାଗିଛି, ଯାହା ନିବେଶ ଉଦ୍ଦେଶ୍ୟକୁ ବାସ୍ତବ ପ୍ରକଳ୍ପରେ ଦ୍ରୁତ ରୂପାନ୍ତରିତ କରିବାରେ ସକ୍ଷମ କରୁଛି । ସମୃଦ୍ଧ ଓଡ଼ିଶା-୨୦୩୬ ର ଦୀର୍ଘମିଆଦୀ ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି ଏହି ଅନୁମୋଦନ କରାଯାଇଛି, ଯାହାକି ବ୍ୟାପକ ନିଯୁକ୍ତିଭିତ୍ତିକ ଅଭିବୃଦ୍ଧି, ନିରନ୍ତରତା ଭିତ୍ତିରେ ଶିଳ୍ପାୟନ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଅନୁମୋଦିତ ପ୍ରକଳ୍ପଗୁଡିକ ମଧ୍ୟରେ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଦ୍ରବ୍ୟ କ୍ଷେତ୍ରରେ, ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୩୮୪ କୋଟି ଟଙ୍କା ବିନିଯୋଗରେ ଏକ ରେଳ ଯନ୍ତ୍ରାଂଶ ଉତ୍ପାଦନ ସ୍ଥାପନ କରିବ, ଯାହା ୩୧୦ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଉନ୍ନତ ମାନୁଫାକ୍ଚରିଂ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଇନଭେଷ୍ଟଗ୍ରୀଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ଉନ୍ନତ ମଲ୍ଟି ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ, ଯାହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ ଏବଂ ଏହା ରାଜ୍ୟର ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ଏକ ପ୍ରମୁଖ ପଦକ୍ଷେପ ହେବ। ସମୁଦ୍ର ଓ ଜାହାଜ ନିର୍ମାଣ କ୍ଷେତ୍ରରେ, ନର୍ଥନ ଏକ୍ସପ୍ରେସ୍ ଇନଫ୍ରାଡେଭେଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଭଦ୍ରକରେ ଜାହାଜ ନିର୍ମାଣ ଓ ଜାହାଜ ମରାମତି ସୁବିଧା ବିକଶିତ କରିବାକୁ ୩୩୯.୪୦ କୋଟି ଟଙ୍କାର ନିବେଶ କରିବ, ଯଦ୍ୱାରା ୫୦୭ ରୋଜଗାର ସୁଯୋଗ ସୃଷ୍ଟି ହେବା ସହିତ ଓଡ଼ିଶାକୁ ଉଦୀୟମାନ ସମୁଦ୍ର ଶିଳ୍ପ କେନ୍ଦ୍ର ଭାବେ ଅବସ୍ଥାପିତ କରିବ। ପୋଷାକ ଏବଂ ବସ୍ତ୍ର କ୍ଷେତ୍ରରେ ଜେ.ଜି ହୋସିଏରୀ ପ୍ରା. ଲିଃ. ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ଏକକ ସ୍ଥାପନା କରିବ, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୧୪୯.୭୬ ନିଯୁତ ଖଣ୍ଡ କପଡା ବିଶିଷ୍ଟ ଏବଂ ୧୦୦ କୋଟି ନିବେଶ ସହିତ, ୨୩୫୦ ଚାକିରି ସୃଷ୍ଟି ହେବ। ଇସ୍ପାତ, ଖଣିଜ ବେନିଫିକେସନ ଏବଂ ଆନୁଷଙ୍ଗିକ ଧାତୁ ଡାଉନଷ୍ଟ୍ରିମ କ୍ଷେତ୍ରରେ, ସୁନ୍ଦରଗଡରେ କଳିଙ୍ଗ ମେଟାଲିକ୍ସ ଲିମିଟେଡର ୪ ଏମଟିପିଏ ଲୁହାପଥର ବେନିଫିସିଏସନ ପ୍ଲାଣ୍ଟ ସମେତ ଏକାଧିକ ବୃହତ୍ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି, ଯେଉଁଥିରେ ୬୦୦ କୋଟି ଟଙ୍କା ବିନିଯୋଗ ହୋଇଛି, ଯାହା ୭୦୦ ନିଯୁକ୍ତି ସୃଷ୍ଟି କରିବ। ଏସବୁ ବ୍ୟତୀତ ଫାର୍ମାସ୍ୟୁଟିକାଲ୍ସ ଏବଂ କେମିକାଲ୍ସ କ୍ଷେତ୍ରରେ, ରିଫ୍ରାକ୍ଟୋରୀ ଏବଂ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ, ଦକ୍ଷିଣ ଓଡ଼ିଶାରେ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପାୟନକୁ ମଜବୁତ କରିବା କ୍ଷେତ୍ରରେ, ଲୁହାପଥର କ୍ଷେତ୍ରରେ, ଇସ୍ପାତ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ମାଧ୍ୟମରେ, ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ, ପ୍ଲାଷ୍ଟିକ୍ ଆଦି ଅନେକ କ୍ଷେତ୍ରରେ ବ୍ୟାପକ ନିବେଶକୁ ମଞ୍ଜୁରି ମିଳିଛି, ଯାହାଦ୍ୱାରା ହଜାର ହଜାର ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

## ବକେୟା ଚାଲାଣ ପୈଠ ବିନା ...

କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଥିଲା। ଗାଡ଼ିର ପିୟୁସିସି ପ୍ରମାଣପତ୍ର ନଥିବାଯାଏ ମାଲିକଙ୍କୁ ପେଟ୍ରୋଲ୍ କିମ୍ବା ଡିଜେଲ୍ ବିକ୍ରୟ ନକରିବା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲଂଘନ କରୁଥିବା ଆବେଦନକାରୀଙ୍କ ଓକିଲ ପକ୍ଷରୁ କୋର୍ଟକୁ ଦର୍ଶାଯାଇଥିଲା। ଏଥି ସହିତ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ।

## ଶ୍ରୀବିଗ୍ରହଙ୍କ ବନକଲାଗି ନୀତି, ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୧୦।୨/ଏନ୍‌ଏନ୍‌ଏସ୍:** ଆସନ୍ତା କାଲି ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି। ବୁଧବାର ଅର୍ଥାତ କାଲି ୪ ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ। ଆସନ୍ତାକାଲି ବୁଧବାର ଫାଲଗୁନ:କୃଷ୍ଣ ଦଶମୀ ତିଥିରେ ଶ୍ରୀବିଗ୍ରହ ମାନଙ୍କ ବନକଲାଗି ନୀତି



ଅନୁଷ୍ଠିତ ହେବ। ୨ୟ ଭୋଗମଣ୍ଡପ ଭୋଗ ଶେଷ ପରେ ଆରମ୍ଭ ହେବ ନୀତି। ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ବନ୍ଦ ରହିବ ସାଧାରଣ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଅପରାହ୍ନରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦତ୍ତ ମହାପାତ୍ର ସେବକ ମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ଲାଗି ଗର୍ଭଗୃହକୁ ପ୍ରବେଶ କରିବେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୁର, କଇଥ ଅଠା, କସ୍ତୁରୀ ଓ କଳା ଆଦି ବ୍ୟବହାର କରାଯିବ। ଏହା ଦ୍ୱାରା ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ।

# ପୁରୀ ପୁଲିସ ଦ୍ୱାରା ଅପରାଧ ସମୀକ୍ଷା ବୈଠକ

**ପୁରୀ,୧୦।୨/ଏନ୍‌ଏନ୍‌ଏସ୍:** ପୁରୀ ପୋଲିସର ଫେବୃଆରୀ ୨୦୨୬ ମାସିକ ଅପରାଧ ସମୀକ୍ଷା ବୈଠକ ପୋଲିସ କାର୍ଯ୍ୟାଳୟରେ ଦିନ ୧୧ ସମୟରେ ଅନୁଷ୍ଠିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଆଇପିଏସ୍ ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୬ ବର୍ଷ ପାଇଁ ପୁରୀ ପୋଲିସର କାର୍ଯ୍ୟ ପରିକଳ୍ପନା, ଅପରାଧ ନିୟନ୍ତ୍ରଣ ନୀତି, ଜନସୁରକ୍ଷା ଓ ଆଧୁନିକ ପୋଲିସିଂ ପ୍ରଣାଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ଏହି ସଭାରେ ଅନଖା ବିଜୟ, ଆଇପିଏସ୍, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସୁଶୀଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ସହିତ ସମସ୍ତ ସବ୍-ଡିଭିଜନ୍‌ର ଅଧିକାରୀ, ସମସ୍ତ ଥାନା ଅଧିକାରୀ, ସମସ୍ତ କୋର୍ଟର ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ କହିଥିଲେ ଯେ ପୁରୀ ପୋଲିସର ପ୍ରଧାନ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା ଓ ଆଧୁନିକ ପ୍ରଣାଳୀରେ ଅପରାଧ ନିୟନ୍ତ୍ରଣ। ସେ ସମସ୍ତ ଅଧିକାରୀଙ୍କୁ ସତ୍ୟନିଷ୍ଠା, ନିଷ୍ଠା ଓ ଜନସେବା ମନୋଭାବ ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ସହ ଭଲ ବ୍ୟବହାର ଉପରେ ଗୁରୁତ୍ୱ ପୋଲିସ ଓ ଜନସାଧାରଣ ମଧ୍ୟରେ ବିଶ୍ୱାସ ଓ ସମ୍ପର୍କ ମଜବୁତ କରିବା ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କୁ ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୬ ମସିହାରେ ପୋଲିସ କାର୍ଯ୍ୟକଳାପରେ ଆଧୁନିକ ଟେକ୍ନୋଲୋଜିର ବ୍ୟବହାରକୁ ଆହୁରି ବୃଦ୍ଧି କରିବାକୁ କୁହାଯାଇଥିଲା। ସିସିଟିଭି ମନିଟରିଂ, ଡିଜିଟାଲ ତଦନ୍ତ, ସାଇବର ଟୁଲ, ଡାଟା ଆନାଲିସିସ ଓ ଅନ୍ୟାନ୍ୟ ଆଧୁନିକ ପ୍ରଣାଳୀ ମାଧ୍ୟମରେ ଅପରାଧ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ପାଇଁ ପ୍ରୋ-ଆକ୍ଟିଭ ପୋଲିସିଂକୁ ଆହୁରି ସକ୍ରିୟ କରିବାକୁ କୁହାଯାଇଥିଲା। ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଞ୍ଚଳ ଉପରେ ନିୟମିତ ନଜରଦାରି, ଚେକିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। କମ୍ୟୁନିଟି ପୋଲିସିଂକୁ ଶକ୍ତିଶାଳୀ କରିବା ସମାଜ ସହ ମିଶି କାମ କରିବା ପାଇଁ କମ୍ୟୁନିଟି ପୋଲିସିଂକୁ ଆହୁରି ମଜବୁତ କରିବାକୁ କୁହାଯାଇଥିଲା। ପୋଲିସ କର୍ମଚାରୀ ମାନଙ୍କ କଲ୍ୟାଣ ପୁରୀ ପୋଲିସର ପ୍ରାଥମିକତା ଦେବା ପାଇଁ କୁହାଯାଇଥିଲା। ସମସ୍ତ ମାମଲାର ଦ୍ରୁତ ତଦନ୍ତ କରିବା ଓ ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାମଲାର ସୁପରଭିଜନ୍, କୋର୍ଟ ପ୍ରୋସିଡିଂ ଓ ଭିକ୍ଟିମ ନ୍ୟାୟ ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଇଥିଲା। ବୈଠକରେ ମାମଲାର ଗୁଣତ୍ୱ ନିଶ୍ଚିତ କରିବା ପାଇଁ କେସ୍ ଷ୍ଟଡି ଆଧାରିତ ସୁପରଭିଜନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତରୁ ଆରମ୍ଭ କରି କୋର୍ଟ ପ୍ରୋସିଡିଂ ପର୍ଯ୍ୟନ୍ତ ପ୍ରତ୍ୟେକ ମାମଲାର ନିୟମିତ ସମୀକ୍ଷା କରିବାକୁ କୁହାଯାଇଥିଲା। ସଠିକ୍ ତଦନ୍ତ, ଠିକ୍ ଡକ୍ୟୁମେଣ୍ଟେସନ୍, ସମୟରେ ଚାର୍ଜଶିଟ ଦାଖଲ ଓ କୋର୍ଟରେ ସଠିକ୍ ପ୍ରସ୍ତୁତି ମାଧ୍ୟମରେ ଦୃଢ ଜଜମେଣ୍ଟ ନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଭାବରେ ଭିକ୍ଟିମ ମାନଙ୍କୁ ସମୟୋଚିତ ସହାୟତା ଓ ଆଇନଗତ ସହଯୋଗ ଯୋଗାଇ ମାମଲାରେ ନ୍ୟାୟ ମିଳିବାକୁ ନିଶ୍ଚିତ କରିବାକୁ କୁହାଯାଇଥିଲା। ଜରୁରୀ ସେବା ୧୧୨ କୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ କୁହାଯାଇଥିଲା। ପୁରୀ ଏକ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ହେବାରୁ ପର୍ଯ୍ୟଟକ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ଅବସ୍ଥା, ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ ପ୍ରଗତି, ଟ୍ରାଫିକ୍ ବ୍ୟବସ୍ଥାପନା, ସାଇବର ଅପରାଧ ନିୟନ୍ତ୍ରଣ ଓ ଆଗାମୀ ଦିନର କାର୍ଯ୍ୟ ପରିକଳ୍ପନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସମସ୍ତ ଅଧିକାରୀଙ୍କୁ ଟିମ୍ ଭାବେ କାମ କରି ପୁରୀ ଜିଲ୍ଲାକୁ ସୁରକ୍ଷିତ, ଅପରାଧମୁକ୍ତ ପୋଲିସ ବ୍ୟବସ୍ଥା ଗଠନ ପାଇଁ ଆହ୍ୱାନ କରିଥିଲେ।

## ଲୋକନାଥ ପୀଠରେ ଜିଲ୍ଲାପାଳଙ୍କ ସମୀକ୍ଷା



**ପୁରୀ,୧୦।୨/ଏନ୍‌ଏନ୍‌ଏସ୍:** ଚଳିତ ମାସ ୧୫ ତାରିଖରେ ମହାଶିବରାତ୍ରି ଓ ୧୩ ତାରିଖରେ ପଙ୍କୋଦ୍ଧାର ଏକାଦଶୀ। ଉଭୟ ଦିନରେ ଶ୍ରୀଲୋକନାଥ ଙ୍କ ପୀଠରେ ଶ୍ରଦ୍ଧାଳୁ ଙ୍କର ପ୍ରବଳ ଗହଳି ର ଆଶା କରାଯାଉ ଥିବାରୁ ଶୃଙ୍ଖଳିତ ଦର୍ଶନ, ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲାପାଳ ଦିବ୍ୟା ଜ୍ୟୋତି ପରିଡା ଆଜି ଅପରାହ୍ନ ରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଶ୍ରୀ ଲୋକନାଥଙ୍କ ପୀଠ ରେ ପହଞ୍ଚି ଠାକୁରଙ୍କ ଦର୍ଶନ ସହ ମନ୍ଦିର ପରିସରକୁ ଅନୁଧ୍ୟାନ କରିଥିଲେ। ପରେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସମ୍ପୂର୍ଣ୍ଣ ବ୍ୟବସ୍ଥା କୁ ନିରୀକ୍ଷଣ କରିଥିଲେ ଜିଲ୍ଲାପାଳ। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଦୀପ ପଜ୍ଜ୍ୱଳନ ସ୍ଥାନ, ପାନୀୟ ଜଳ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀଶ୍ରୀ ଲୋକନାଥ ଦେବ ମନ୍ଦିର ଟ୍ରଷ୍ଟର ସଦସ୍ୟ ରବି ନାରାୟଣ ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଜାତୀୟ କୃମି ନାଶକ ଦିବସ ଉଦ୍‌ଘାଟିତ

**ପୁରୀ,୧୦।୨/ଏନ୍‌ଏନ୍‌ଏସ୍:** ଆଜି ପୁରୀ ଜିଲ୍ଲା ଦୋଳବେଦିକୋଣ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ ଶୁଭ-ଉଦ୍ଘାଟନ କରିଥିଲେ। ପ୍ରତ୍ୟକ ବର୍ଷ ପରି ଏ ବର୍ଷ ମଧ୍ୟ ୧ ରୁ ୧୯ ବର୍ଷର ସମସ୍ତ ପିଲା ଓ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନର କାର୍ଯ୍ୟକ୍ରମ ରହିଛି। ବିଶେଷ କରି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ୨୨୦୫ଟି ଶିକ୍ଷାନୁଷ୍ଠାନର ୨୦୧୩୪୮ ଛାତ୍ର ଛାତ୍ରୀ ଏବଂ ୨୫୪ଟି ବେସରକାରୀ ଶିକ୍ଷାନୁଷ୍ଠାନର ୫୬୫୬୩ ଛାତ୍ର ଛାତ୍ରୀ ଓ ୨୫୬୬ଟି ଅଙ୍ଗନବାଡି କେନ୍ଦ୍ର ର ୮୮୬୮ ପିଲାଙ୍କୁ ଓ ଜିଲ୍ଲାର ୬୨୨୬୦ ଯୋଗ୍ୟ ଦମ୍ପତି ଙ୍କୁ ଏହି ଔଷଧ ପ୍ରଦାନ କରାଯିବ। ଜିଲ୍ଲାର ସମସ୍ତ ବିଦ୍ୟାଳୟ ମାନଙ୍କ ରେ ଆଜି ଫେବୃଆରୀ ୧୦ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଆଧାର ରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କ ରେ ଛାତ୍ରଛାତ୍ରୀ ମାନଙ୍କୁ କୃମି ନାଶକ




ଆଲବେଣ୍ଡାଜୋଲ (କୃମି ନାଶକ) ବଟିକା ତଥା ସିରପ ପ୍ରଦାନ କରାଯାଇଛି। ଯେଉଁ ମାନେ ଫେବୃଆରୀ ୧୦ ତାରିଖରେ କୃମି ନାଶକ ବଟିକା ବା ସିରପ୍ ସେବନ କରିନଥିବେ ଅଥବା ଅସୁସ୍ଥ ଥିବେ ସେମାନେ ଆସନ୍ତା ଫେବୃଆରୀ ୧୭ ତାରିଖରେ କୃମି ନାଶକ ଔଷଧ ସେବନ କରିବେ। ପିଲା ମାନଙ୍କ ଠାରେ ପ୍ରାୟ କୃମି ଦେଖାଯାଏ ଓ ଏହା ଦ୍ୱାରା ପିଲା ମାନେ ରୁଗ୍ଣ ଓ ଦୁର୍ବଳ ହୋଇ ଥାନ୍ତି। ତେଣୁ ପିଲା ମାନଙ୍କ ସ୍ୱାସ୍ଥ୍ୟ ପାଇଁ କୃମି ନାଶନ ଜରୁରୀ ହୋଇଥାଏ। ତେଣୁ ବର୍ଷକୁ ଦୁଇ ଥର ଯଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଓ ଅଗଷ୍ଟ ମାସରେ ଏହି କୃମି ନାଶକ ଦିବସ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ସ୍ୱାଗତ ଭାଷଣ ରଖିଥିଲେ। ରବୀନ୍ଦ୍ର କୁମାର ପ୍ରଧାନ, ବେଣୁଧର ନାୟକ, ମନୋଜ କୁମାର ପଣ୍ଡା, ଡାକ୍ତର ପ୍ରତ୍ୟୁଷ ନାୟକ, ଡାକ୍ତର ମୋନିକା ଗୁପ୍ତା, ପ୍ରତୀକ ଶ୍ରୀଚନ୍ଦନ, ପ୍ରଦୀପ କୁମାର ବରାଳ, ଦୀପକ କୁମାର ମୁଦୁଲି, ପ୍ରତାପ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପରେ ସମ୍ପାଦନରେ ସାହାଯ୍ୟ କରିଥିଲେ। କିଶୋର ଚନ୍ଦ୍ରଶେଖର ପ୍ରସାଦ ଦାଶ ସଭା କାର୍ଯ୍ୟକୁ ପରିଚାଳନା କରିଥିବାବେଳେ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ନିଜର ଅଭିଭାଷଣ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଉପସ୍ଥିତ ଶିଶୁ ମାନଙ୍କୁ ଆଲବେଣ୍ଡାଜୋଲ (କୃମି ନାଶକ) ସିରପ୍ ପ୍ରଦାନ କରାଯାଇଥିଲା। ପରିଶେଷରେ ଉକ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାଞ୍ଜି ସମୀକରଣ ବୈଠକରେ ଶ୍ରୀମନ୍ଦିର ପଞ୍ଜିକା ଚୂଡାନ୍ତ

**ପୁରୀ,୧୦।୨/ଏନ୍‌ଏନ୍‌ଏସ୍:** ଆଜି ଅନୁଷ୍ଠିତ ପାଞ୍ଜି ସମୀକରଣ ବୈଠକରେ ୨୦୨୬–୨୭ବର୍ଷର ଶ୍ରୀମନ୍ଦିର ପଞ୍ଜିକା ଚୂଡାନ୍ତ କରିବା ନିମିତ୍ତ ସଂପୃକ୍ତ ସମସ୍ତ ସେବାୟତ ବନ୍ଧୁମାନଙ୍କର, ବିଶେଷତଃ ପୂଜାପଣ୍ଡା ନିଯୋଗ, ଛତିଶା ନିଯୋଗ ନାୟକ, ତଢ଼ଉକରଣ,



ଦଇତାପତି ନିଯୋଗ, ଶ୍ରୀମନ୍ଦିର ଜ୍ୟୋତିଷ, ଦେଉଳ ପୁରୋହିତ ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରତିନିଧିମାନଙ୍କର ସକ୍ରିୟ ସହଯୋଗ ଓ ଦାୟିତ୍ୱପୂର୍ଣ୍ଣ ପରାମର୍ଶ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି। ଆଜି ଚୂଡାନ୍ତ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିରର ଯାନିଯାତ୍ରା ଓ ପର୍ବପର୍ବାଣୀ ସମ୍ବନ୍ଧରେ, ପଞ୍ଜିକା ଏବଂ କ୍ୟାଲେଣ୍ଡର୍‌ରେ ନିର୍ଭୁଲ୍ ଓ ତ୍ରୁଟି ଶୂନ୍ୟ ତଥ୍ୟ ମୁଦ୍ରଣ ପାଇଁ ପଂଚଟି ଯାକ ଅନୁମୋଦିତ ପ୍ରକାଶନ ସଂସ୍ଥାଙ୍କୁ ଅନୁରୋଧ କରିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ କୁମାର ପାଢ଼ୀ।

## ଜିଲ୍ଲା କିଷାନ୍ କଂଗ୍ରେସର କୃଷି ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପୁରୀ,୧୦।୨/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା କିଷାନ୍ କଂଗ୍ରେସ ପକ୍ଷରୁ ଅବ୍ୟବସ୍ଥିତ ମଣ୍ଡି ବିରୁଦ୍ଧରେ ସରକାରଙ୍କ ଦ୍ୱାରା କରାଯାଉଥିବା ଅନ୍ୟାୟ ତଥା ଅନିୟମିତତା ଅଭିଯୋଗ ହେଉଛି ଯଥା: ଧାନ କିଣା ରେ ବିଳମ୍ବ କାରଣରୁ ମଣ୍ଡିରେ ଧାନ ଜମାକରି ଚାଷୀ ଦିନ ଦିନ ତଥା ରାତି ରାତି ଅପେକ୍ଷା କରୁଛନ୍ତି। ଏବଂ କଟନୀ ଛଟନୀ ନାମରେ କ୍ୱିଣ୍ଟାଲ ଧାନ କ୍ରୟ ବେଳେ ସେଥିରୁ ୮ରୁ ୧୨କିଲୋଗ୍ରାମ ଧାନ ବେଆଇନ ଭାବେ କାଟ କରାଯାଉଛି ଏବଂ ଏହା ବିରୁଦ୍ଧରେ ଚାଷୀ ମାନେ ଦଳମତ ନିର୍ବିଶେଷରେ ରାଜ ରାସ୍ତାରେ ଆନ୍ଦୋଳନ ଏବଂ ଧର୍ମଘଟ କରିବା କଥା ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ହେଉଛି। ଏହି ସବୁ କଥାକୁ ଓଡ଼ିଶା କିଷାନ୍ କଂଗ୍ରେସ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି ଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୃଷି ମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା କିଷାନ୍ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ସ୍ୱାଇଁ ଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ବିଦ୍ୟୁତଲତା ଆଚାର୍ଯ୍ୟ, ସତ୍ୟନାରାୟଣ ଶତପଥୀ, କାଳୀପ୍ରସାଦ ନାୟକ, ବିଶ୍ୱନାଥ ଦାଶ, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ସୁକାନ୍ତ କୁମାର ପ୍ରଧାନ, ସୁରେନ୍ଦ୍ର ପାଇକରାୟ, ଉମାକାନ୍ତ ବରାଳ, ବିଶ୍ୱକେହନ ହରିଚନ୍ଦନ ମହାପାତ୍ର, ଅବିନାଶ ମିଶ୍ର, ବ୍ରଜ ବେହେରା, ଉମାକାନ୍ତ ବେହେରା, ମନୋଜ ମହାପାତ୍ର, ଅକ୍ଷୟ କୁମାର ଭୋଇ, ଅରକ୍ଷିତ ବାରିକ, ଗୁଣଧର ପାତ୍ର, ସୁବାସ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏଚ୍‌ଏମ୍ ଚୁକ୍ତିଭିତ୍ତିକ ...

ମଧ୍ୟରେ ସେବା କରିଥିବା ଡାକ୍ତର ମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧିପାଇଁ ୭୪,୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବ ବେଳେ, ୧୫ ବର୍ଷରୁ ଉର୍ଦ୍ଧ୍ୱସେବା ପାଇଁ ଆୟୁଷ ଡାକ୍ତର ମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି। ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି ଏବଂ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ବେଆଇନ ଇଟା ଭାଟିରୁ ...

ଅଧିକ ସମୟ ଖଟିବାକୁ ବାଧ୍ୟ କରିବା ସହିତ ଠିକ୍ ମୂଲ୍ୟ ମଧ୍ୟ ପ୍ରଦାନ କରୁନଥିଲା। ଏପରିକି ଏହି ନିର୍ଯାତନାର ପରିବାର ସହିତ ଆସିଥିବା ଶିଶୁମାନେ ମଧ୍ୟ ବାଦ୍ ପଡ଼ିନଥିଲେ। ଦେହ ଖରାପ ସତ୍ତ୍ୱେ ସେମାନଙ୍କୁ ଡାକ୍ତରଖାନା ନିଆଯାଉ ନଥିଲା। ଏଭଳି ସ୍ଥିତିରୁ ଉଦ୍ଧାର ପାଇଁ ସେଠାରେ କାମ କରୁଥିବା ମହିଳାମାନେ ଏକ ଭିଡିଓ ବାର୍ତ୍ତାରେ ଜିଲ୍ଲା ପ୍ରଶାସନକୁ ପ୍ରାର୍ଥନା କରିଥିଲେ। ଏହି ଖବର ହସ୍ତଗତ ହେବା ପରେ ରାଜ୍ୟ ଶ୍ରମ କମିଶନର୍ ଏବଂ ରାୟଗଡ଼ା ଜିଲ୍ଲାପାଳଙ୍କ ତ୍ୱରିତ ହସ୍ତକ୍ଷେପ ନେଇଥିଲେ। ଫଳରେ ରାୟଗଡ଼ା ଉପଜିଲ୍ଲାପାଳଙ୍କ ସମେତ ରାୟଗଡ଼ା ଓ କାଶୀପୁର ଶ୍ରମ ଅଧିକାରୀ ପୁଲିସ ସହିତ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ଏହି ଇଟାଭାଟି ଦୀର୍ଘଦିନ ଧରି ପରିବେଶ ଓ ଶ୍ରମ ବିଭାଗର ବିନାନୁମତିରେ ଚାଲିଆସୁଛି। ଆବଶ୍ୟକ ଅନୁମତି ନଥାଇ ଖୋଲାଖୋଲି ଭାବେ କିଭଳି ଏହି ଇଟାଭାଟି ଚାଲିଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ପରେ ରାୟଗଡ଼ା ଜିଲ୍ଲାର ଖଣି ବିଭାଗ ଅଧିକାରୀ ଓ ପରିବେଶ ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଘଟଣା ସମ୍ପର୍କରେ କେବିକେ ରିସୋର୍ସ ସେଣ୍ଟର୍ ନିର୍ଦ୍ଦେଶକ ସୁଶାନ୍ତ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ଓ ପୁଲିସ ଡିଜିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସହ ରାଜ୍ୟର ଜଣେ ବରିଷ୍ଠ ସାମ୍ବାଦିକଙ୍କ ସହଯୋଗ ଲୋଡ଼ିଥିଲେ। ସାମ୍ବାଦିକ ଜଣକ ରାଜ୍ୟ ଶ୍ରମ କମିଶନର ଇନ୍ଦ୍ରମଣୀ ତ୍ରିପାଠୀ, ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣି ଓ ରାୟଗଡା ଏସ୍‌ପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରମ କମିଶନର ଓ ରାୟଗଡା ଜିଲ୍ଲାପାଳଙ୍କ ତ୍ୱରିତ୍ ପଦକ୍ଷେପ ଫଳରେ ଇଟା ଭାଟିରୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପାଇଥିବା ଶ୍ରମିକମାନଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ ମଙ୍ଗଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତରିତ କରାଯାଇଛି।

## ଭାରତୀୟ ଚାଷୀଙ୍କ ପାଇଁ ...

ରପ୍ତାନି କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ହୋଇପାରିବ। ସେହିପରି ଆମେରିକା ବିଶ୍ୱ ବଜାରରୁ ୧୪୭୧.୨୬ ନିଯୁତ ଡଲାର ଏବଂ ଭାରତରୁ ପ୍ରାୟ ୩୮୯.୫୩ ନିଯୁତ ଡଲାର୍‌ର ଚାଉଳ (ବାସମତି ଓ ସ୍ୱତନ୍ତ୍ର ମାନର) ଆମଦାନୀ କରିଥାଏ। ସେହିପରି ଆମେରିକା ବିଶ୍ୱ ବଜାରରୁ ୨,୦୧୦.୯୭ ନିଯୁତ ଡଲାର ଏବଂ ଭାରତୀୟ ବଜାରରୁ ୩୫୮.୬୬ ନିଯୁତ ଡଲାର ମୂଲ୍ୟର ମସଲା ଓ ମସଲାଜାତୀୟ ଉତ୍ପାଦ ଆମଦାନୀ କରିଥାଏ। ଏହି କ୍ଷେତ୍ରରେ ଉଚ୍ଚ ମୂଲ୍ୟ ମିଳିବା ଫଳରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଏଫ୍‌ପିଓ ଗୁଡ଼ିକ ଲାଭବାନ ହେବେ। ଭାରତ ମସଲା ରପ୍ତାନି କ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବ। ଆମେରିକା ଭାରତରୁ ୪୫.୫୪ ନିଯୁତ ଡଲାର ମୂଲ୍ୟର ତୈଳବୀଜ ଓ ରାଶି ଆମାଦାନୀ କରିଥାଏ। ସେହିପରି ବିଶ୍ୱ ବଜାରରୁ ଆମେରିକା ୯,୩୭୯.୪୪ ନିଯୁତ ଡଲାର ମୂଲ୍ୟର ଚା' ଓ କଫି ଆମଦାନୀ କରୁଥିବା ବେଳେ ଭାରତରୁ ୮୨.୫୪ ନିଯୁତ ଡଲାର ମୂଲ୍ୟର ଆମଦାନୀ କରିଥାଏ। ଏହି କ୍ଷେତ୍ରରେ ସ୍ୱତନ୍ତ୍ର ଏବଂ ପ୍ରିମିୟମ୍ ଉତ୍ପାଦର ଚାହିଦା ବୃଦ୍ଧି ଫଳରେ ଉଦ୍ୟାନକୃଷି ଅର୍ଥବ୍ୟବସ୍ଥାକୁ ସମର୍ଥନ ମିଳିବ। ଏହା ବ୍ୟତୀତ ଭାରତ ପାଇଁ ଆମେରିକା ବଜାରରେ କଦଳୀ, ଆମ୍ବ ସମେତ ବିଭିନ୍ନ ଫଳ ରପ୍ତାନି ଲାଗି ୩୭.୭୨ ନିଯୁତ ଡଲାରର କାରବାର ସୁଯୋଗ ରହିଛି। ସେହିପରି ବନ୍ୟଜାତ ଉତ୍ପାଦ ଉପରେ ଆମଦାନୀ ଶୁଳ୍କକୁ ମଧ୍ୟ ଆମେରିକା ସମ୍ପୂର୍ଣ୍ଣ ଉଚ୍ଛେଦ କରିଛି। ଏହି ଉତ୍ପାଦଗୁଡ଼ିକ କୃଷି ଆୟ, ଆନୁସଙ୍ଗିକ କ୍ଷେତ୍ର ଏବଂ କୃଷି-ଭିତ୍ତିକ ଜୀବିକା ସହିତ ଘନିଷ୍ଠ ଭାବରେ ଜଡିତ, ଯେଉଁଥିରେ ଏନ୍‌ଟିଏଫ୍‌ପି (କାଠ-ବିହୀନ ବନଜାତ ଦ୍ରବ୍ୟ) ଏବଂ ମୂଲ୍ୟ-ସଂଯୁକ୍ତ ଉତ୍ପାଦ ଅନ୍ତର୍ଭୁକ୍ତ।

ସେହିପରି ଆମେରିକାରେ ପ୍ରାୟ ୧୦,୫୧୩.୫୯ ନିଯୁତ ଡଲାର ମୂଲ୍ୟର ଫଳ ବଜାର ରହିଛି। ଭାରତ ବର୍ତ୍ତମାନ ୩୨.୭୨ ନିଯୁତ ଡଲାର ଡଲାର କଦଳୀ, ସପୁରି, ପିଜୁଳି, ଆମ୍ବ, କମଳାଜାତୀୟ ଫଳ, ଅମୃତଭଣ୍ଡା, ତେନ୍ତୁଳି, କୋଳି ଆଦି ରପ୍ତାନି କରୁଛି। ତେବେ ଓଡିଓପି, ଜିଆଇ, ଏମ୍‌ଆଇଡିଏଚ ଯୋଜନାର ସମର୍ଥନ ବଳରେ ଏହି କ୍ଷେତ୍ରରେ ରପ୍ତାନି ଓ କାରବାର ବଢ଼ିଲେ କ୍ଷୁଦ୍ର ଜମି ମାଲିକ ଓ ଉଦ୍ୟାନ କୃଷି କ୍ଷେତ୍ରର ଚାଷୀମାନେ ଲାଭାନ୍ୱିତ ହୋଇପାରିବେ। ଏହାଛଡ଼ା ଆମେରିକାର ୭୫୮.୯ ନିଯୁତ ଡଲାର ମୂଲ୍ୟର ପ୍ରକ୍ରିୟାକୃତ ଫଳ ଉତ୍ପାଦ (ଜୁସ, ଜାମ୍ ଆଦି) ବଜାରରେ ଭାରତର ଅଂଶ ୩୪.୯ ନିଯୁତ ଡଲାର ରହିଥିବା ବେଳେ ଏହି କ୍ଷେତ୍ରରେ ରପ୍ତାନି ବୃଦ୍ଧି ପାଇଲେ ମହିଳା ଓ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡ଼ିକ ଲାଭ ପାଇବେ। ଆମେରିକାର ୭୫୯.୭୩ ନିଯୁତ ଡଲାର ମୂଲ୍ୟର ନଡ଼ିଆ ତେଲ ଆମଦାନୀ (ଭାରତର ଅଂଶ ୭.୮୯ ନିଯୁତ ଡଲାର), ୧୦୬.୬୮ ନିଯୁତ ଡଲାର ପ୍ରସ୍ତୁତ/ସଂରକ୍ଷିତ ନଡ଼ିଆ ଆମଦାନୀ (ଭାରତର ଅଂଶ ୫.୬୫ ନିଯୁତ ଡଲାର) ଏବଂ ୧,୨୯୯.୭୬ ନିଯୁତ ଡଲାର ମୂଲ୍ୟର ବାଦାମ (କାଜୁ ଆଦି) ଆମଦାନୀ (ଭାରତର ଅଂଶ ୯.୧୨ ନିଯୁତ ଡଲାର) ବଜାରରେ ଭାରତ ପାଇଁ ବ୍ୟାପକ ସମ୍ଭାବନା ରହିଛି। ଏସବୁ କ୍ଷେତ୍ରରେ ସରକାରଙ୍କ ନାରିକେଳ ବିକାଶ ବୋର୍ଡ ଯୋଜନା, ପିଏମ୍‌କେଏସ୍‌ୱାଇ, କାଜୁ ବୋର୍ଡ ସମର୍ଥନ ଜରିଆରେ କାରବାର ବୃଦ୍ଧି ଫଳରେ ଉପକୂଳ ଚାଷୀ, ଉଦ୍ୟାନ କୃଷି ଏବଂ ମହିଳା ଶ୍ରମଶକ୍ତିକୁ ସିଧାସଳଖ ଲାଭ ମିଳିପାରିବ। ଏହାବ୍ୟତୀତ ତୈଳବୀଜ, ରାଶି, ପନିପରିବା ଏବଂ କିଛି ମୂଳଜାତୀୟ ଉତ୍ପାଦ, ଛତୁ ଆଦି ଭାରତୀୟ ସାମଗ୍ରୀ ପାଇଁ ମଧ୍ୟ ଆମେରିକା ବଜାରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ କ୍ଷୁଦ୍ର ଚାଷୀ, ଗ୍ରାମୀଣ ଏବଂ ଆଦିବାସୀ ଲୋକଙ୍କ ଜୀବିକା ପାଇଁ ଲାଭଦାୟକ ହେବ। ଭାରତରୁ ଏସବୁ ଉତ୍ପାଦର ରପ୍ତାନି ଫଳରେ କ୍ଷୁଦ୍ର ଚାଷୀ, ମହିଳା ଏବଂ ଭବିଷ୍ୟତର ବିବିଧତା କ୍ଷେତ୍ରକୁ ଲାଭ ମିଳିବ।

## ଆଜିର ଇତିହାସ

- ୧୬୧୩-ଜାହାଙ୍ଗିର ସୁରଟ ଠାରେ ଇଷ୍ଟ ଇଣ୍ଡିଆ କମ୍ପାନୀକୁ କାରଖାନା ପ୍ରତିଷ୍ଠା କରିବାକୁ ଅନୁମତି ଦେଇଥିଲେ।
- ୧୮୫୬-ଇଷ୍ଟ ଇଣ୍ଡିଆ କମ୍ପାନୀ ଅବଧ ଉପରେ କବ୍‌ଜା କରିଥିଲା।
- ୧୯୩୩- ଗାନ୍ଧିଜୀ ହରିଜନ ୱିକ୍‌ଲୀର ପ୍ରକାଶନ ଆରମ୍ଭ କରିଥିଲେ।
- ୧୯୫୫- ଦେଶରେ ପ୍ରଥମ ଥର ଖବରକାଗଜର ପ୍ରକାଶନ ଆରମ୍ଭ ହୋଇଥିଲା।
- ୧୯୫୯-ଭିନୁ ମଙ୍କଡ଼ ୱେଷ୍ଟଇଣ୍ଡିଜରେ ଶେଷ କ୍ରିକେଟ୍ ମ୍ୟାଚ୍ ଖେଳିଥିଲେ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ:** ନୂଆ ଉର୍ଜାର ସଂଚାର ହେବ। କାର୍ଯ୍ୟକୁ ନେଇ ଅଧିକ ସକ୍ରିୟ ରହିବେ। ବରିଷ୍ଠ ଅଧିକାରୀଙ୍କ ସହଯୋଗ ପାଇବେ। ଅଟକିଥିବା କାମକୁ ଗତି ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ଭବିଷ୍ୟତ ଲାଭକାରୀ ସିଦ୍ଧ ହେବ।

**ବୃଷ:** କାମ ଓ ଦାୟିତ୍ୱ ପ୍ରତି ସଚେତନ ରହିବେ। ପରିଶ୍ରମର ଉଚିତ ମୂଲ୍ୟ ପାଇବେ। ସହକର୍ମୀଙ୍କ ସହଯୋଗ ପାଇବେ। ଆର୍ଥିକ ସ୍ଥିତି ବଜାୟ ରହିବ। ପରିବାରରେ ତାଳମେଳ ରହିବ।

**ମିଥୁନ:** ବୁଦ୍ଧିମତ୍ତା ଓ ସଂଚାର କୌଶଳ ଦ୍ୱାରା କିଛି କାମ ସରଳ ହେବ। ନୂଆ ପରିଯୋଜନା ଉପରେ ଚର୍ଚ୍ଚା ହେବ। ବ୍ୟାପାରରୁ ଲାଭ ପାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ପରିବାର ସହିତ ଆନନ୍ଦିତ ରହିବେ।

**କର୍କଟ:** ଭାବନାଗୁଡ଼ିକୁ ନିୟନ୍ତ୍ରିତ କରିବେ। କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱ ବଢ଼ିବ। ଆର୍ଥିକ ସ୍ଥିତି ସ୍ଥିର ରହିବ। ନିବେଶ ଭାବିଚିନ୍ତି କରନ୍ତୁ। ପ୍ରିୟଜନଙ୍କ ଠାରୁ ଶୁଭ ବାର୍ତ୍ତା ପାଇବେ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ସିଂହ:** ଆତ୍ମବିଶ୍ୱାସ ଉଚ୍ଚ ସ୍ତରରେ ରହିବ। ନେତୃତ୍ୱ କ୍ଷମତା ପ୍ରକଟ ହେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ଦିନଚର୍ଯ୍ୟା ସନ୍ତୁଳିତ ରହିବ। ନୂଆ ଆହ୍ୱାନର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**କନ୍ୟା:** ଯୋଜନାବଦ୍ଧ ଭାବରେ କାର୍ଯ୍ୟଗୁଡ଼ିକୁ ପୂରା କରିବେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ଖର୍ଚ୍ଚରେ ସଂଯମ ଆବଶ୍ୟକ। ଧୈର୍ଯ୍ୟ ଓ ଅନୁଶାସନ ଦ୍ୱାରା କରାଯାଇଥିବା ନିର୍ଣ୍ଣୟ ଲାଭ ଦେବ।

**ତୁଳା:** ସନ୍ତୁଳନ ବଜାୟ ରଖିବେ। କାର୍ଯ୍ୟକ୍ଷେତ୍ରରେ ନୂଆ ଅବସର ପ୍ରାପ୍ତ କରିବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ମିତ୍ରଙ୍କ ସହିତ ସମ୍ବନ୍ଧ ମଧୁର ରହିବ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଅନୁକୂଳ।

**ବିଛା:** ଧୈର୍ଯ୍ୟ ଓ ସଂଯମ ରଖିବେ। ପରିଶ୍ରମ ଫଳଦାୟକ ପ୍ରମାଣିତ ହେବ। ପାରିବାରିକ ବାତାବରଣରେ ସହଯୋଗ ରହିବ। ନିୟମିତ ବ୍ୟାୟାମ ଓ ସନ୍ତୁଳିତ ଭୋଜନ କରିବେ। ଆତ୍ମବିଶ୍ୱାସ ବଜାୟ ରହିବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ନୂଆ ସମ୍ଭାବନା ପାଇବେ। ପ୍ରୟାସ ପ୍ରଶଂସନୀୟ ରହିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ନୂଆ ଅବସରର ଲାଭ ଉଠେଇବେ। କାର୍ଯ୍ୟରେ ଅନୁଶାସନ ବଜାୟ ରହିବ।

**ମକର:** ପରିଶ୍ରମର ଉଚିତ ଫଳ ପାଇବେ। ଉନ୍ନତିର ସଂକେତ ରହିଛି। ଆର୍ଥିକ ସ୍ଥିତି ମଜଭୁତ ରହିବ। ପରିବାରର ସହଯୋଗ ପାଇବେ। ପାରିବାରିକ ଜୀବନ ସୁଖଦାୟକ ରହିବ।

**କୁମ୍ଭ:** ନୂଆ ବିଚାରର ଆଗମନ ସମ୍ଭବ। ନିଜ ପ୍ରୟାସରୁ ସଫଳତା ପାଇବେ। ଆର୍ଥିକ ସ୍ଥିତି ସନ୍ତୋଷଜନକ। ପରିବାରର ସହଯୋଗ ମିଳିବ। ଘରର ବାତାବରଣ ସୁଖଦ ରହିବ। ବ୍ୟାୟାମ କରିବା ଅନିବାର୍ଯ୍ୟ ଅଟେ।

**ମୀନ:** ମନ ଶାନ୍ତ ରହିବ। ସନ୍ତୁଳିତ ନିର୍ଣ୍ଣୟ ନେବାରେ ସକ୍ଷମ ହେବେ। ପ୍ରୟାସ ପ୍ରଶଂସନୀୟ ରହିବ। ମିତ୍ରଙ୍କ ସହିତ ସମୟ ବିତେଇବେ। ମନ ପ୍ରସନ୍ନ ରହିବ। ସକାରାତ୍ମକ ଦୃଷ୍ଟିକୋଣ ରଖିବା ଜରୁରୀ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ।**
**ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ। (୧୪/୨୭)**

କାରଣ ଆମ୍ଭେ ବ୍ରହ୍ମଙ୍କର, ନିତ୍ୟ ମୋକ୍ଷର, ସନାତନ ଧର୍ମର ଏବଂ ଅଖଣ୍ଡିତ ସୁଖର ଆଶ୍ରୟ ଅଟୁ।

ଶ୍ରୀ ରାମକୃଷ୍ଣ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି - ଜଣେ ବାଟୋଇ ଘଞ୍ଚ ଜଙ୍ଗଲ ଦେଇ ଯାତ୍ରା କରୁଥିଲେ। ତିନୋଟି ଚୋର ହଠାତ୍ ତାଙ୍କୁ ଧରି ସମସ୍ତ ଜିନିଷପତ୍ର ଛଡାଇ ନେଲେ। ପ୍ରଥମ ଚୋରଟି ଖଣ୍ଡାରେ ତାଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲା। ଦ୍ୱିତୀୟ ଚୋରଟି କହିଲା ତାଙ୍କୁ ହତ୍ୟା କରନି ବରଂ ଗଛରେ ବାନ୍ଧି ପକାଅ। ଉକ୍ତ ବାଟୋଇକୁ ଗୋଟିଏ ଗଛରେ ଜୋର୍‌ରେ ବାନ୍ଧି ସେମାନେ ସେଠାରୁ ଚାଲିଗଲେ। କିଛି ବାଟ ଗଲାପରେ ତୃତୀୟ ଚୋରର ହୃଦୟରେ ଦୟା ଭାବ ଜାଗ୍ରତ ହେଲା, ସେ ବାଟରୁ ଦୁହିଁଙ୍କ ଅଜାଣତରେ ଫେରି ଆସି ବାଟୋଇକୁ ବନ୍ଧନମୁକ୍ତ କରି ଏବଂ ତାଙ୍କ ସହିତ କିଛି ବାଟ ଚାଲି ଚାଲି ଆସି ତା’ର ଗୃହ ଅଭିମୁଖେ ପଥ ଦେଖାଇ ଦେଲା। ବାଟୋଇ ଚୋରଟିର ସାହାଯ୍ୟ ପ୍ରତି କୃତଜ୍ଞ ହେଇ ତାକୁ କହିଲା - ଆସ ଆମ ଘରକୁ ଯିବା। କିନ୍ତୁ ସେ ତା’ର ଅକ୍ଷମତା ପ୍ରକାଶ କଲା ବାଟୋଇର ଘରକୁ ଯିବା ପାଇଁ ଏବଂ ସେ ସେଠାରୁ ଜଙ୍ଗଲକୁ କ୍ଷିପ୍ର ଗତିରେ ପଳାଇଲା।

ଏହି ସଂସାର ଜଙ୍ଗଲ ସଦୃଶ। ତିନୋଟି ଗୁଣ ହେଉଛି ତିନୋଟି ଚୋର ଭଳି। ଜୀବାତ୍ମା ହିଁ ଏଠାରେ ବାଟୋଇ। ଦିବ୍ୟ ଗୁଣ ହିଁ ତା’ର ସମ୍ପତ୍ତି। ତିନୋଟି ଗୁଣ ଭିତରୁ ତମୋ ଗୁଣ ତାକୁ ହତ୍ୟା କରିବାକୁ ଚାହିଁଲା। ରଜୋଗୁଣ କାମିନୀ କାଞ୍ଚନ ଲୋଭ ଓ କ୍ରୋଧ ଦ୍ୱାରା ତାକୁ ଏ ସଂସାରରେ ବାନ୍ଧି ପକାଏ। ସତ୍ତ୍ୱଗୁଣ ତାକୁ ବନ୍ଧନ ମୁକ୍ତ କରି ଈଶ୍ୱରଙ୍କ ଆଡକୁ ବାଟ କଢାଏ। କିନ୍ତୁ ସତ୍ତ୍ୱଗୁଣ ବ୍ରହ୍ମଙ୍କ ନିକଟକୁ ପ୍ରବେଶ କରିପାରିବନି କିନ୍ତୁ ବାଟ ଦେଖାଇଦେବ।

# ପ୍ରତିଜ୍ଞା କରିବାର ଦିନ

**ଭାଲେଣ୍ଟାଇନ ସପ୍ତାହର ଏକ ଖାସ୍ ଦିନ ପ୍ରୋମିଜ୍ ଡେ’। ନିଜର ଭଲପାଇବାକୁ ଗୁରୁତ୍ୱ ଦେଇ ଏହି ଦିବସ ପାଳନ କରାଯାଏ। ସମ୍ପର୍କରେ ବିଶ୍ୱାସ, ସଚ୍ଚୋଟତା ଓ ସମର୍ପଣକୁ ମଜଭୁତ କରିବା ପାଇଁ ଏହି ଦିବସ ଅବସର ପ୍ରଦାନ କରିଥାଏ। ଯେତେବେଳେ କୌଣସି ସମ୍ପର୍କ ସଚ୍ଚା ଭଲପାଇବା, ଭରସା ଓ ବୁଝାମଣା ଉପରେ ନିର୍ଭର କରି ରହିଥାଏ, କରିଥିବା ଶପଥର ମହତ୍ତ୍ୱ ଆହୁରି ବଢ଼ିଯାଏ। ପାର୍ଟନର୍‌କୁ ଦେଇଥିବା କଥା କେବଳ ଶବ୍ଦ ନୁହେଁ, ଏହା ସମ୍ପର୍କର ମୂଳଦୁଆକୁ ଆହୁରି ମଜଭୁତ କରିଦିଏ। ସେଥିପାଇଁ ଏହି ପ୍ରୋମିଜ୍ ଡେ’ ସହିତ ନିଜର ଭଲପାଇବାକୁ ଆହୁରି ଗଭୀର କରିବା ପାଇଁ ନିଜ ସାଥିକୁ କିଛି କଥା ଦେଇ ଆପଣଙ୍କ ସମ୍ପର୍କକୁ ନୂଆ ଶିଖରକୁ ପହଞ୍ଚାଇ ପାରିବେ।**



ସମ୍ପର୍କର ସବୁଠାରୁ ମଜଭୁତ ମୂଳଦୁଆ ସଚ୍ଚୋଟତା ଓ ସତ୍ୟତା। ଏଥିପାଇଁ ଏହି ଦିନ ପାର୍ଟନର ସହିତ ସବୁବେଳେ ସଚ୍ଚୋଟ ହୋଇ ରହିବା ପାଇଁ ପ୍ରତିଜ୍ଞା କରନ୍ତୁ। ଜୀବନର ଉତ୍ଥାନ-ପତନ ସମୟରେ ସଚ୍ଚା ସାଥି ସିଏ ହୋଇଥାଏ ଯିଏ ସେହି ପରିସ୍ଥିତିରେ ନିଜର ସାଥିକୁ ଏକୁଟିଆ ଛାଡ଼ି ନଥାଏ। ପ୍ରତି ସମସ୍ୟାରେ ତା’ ସହିତ ଛିଡ଼ା ହୋଇ ରହିଥାଏ। ସମ୍ପର୍କରେ ଭଲପାଇବା ସହିତ ସମ୍ମାନ ଦେବା ମଧ୍ୟ ବହୁତ ଜରୁରୀ। ଏପରି ସ୍ଥଳେ ପ୍ରୋମିଜ୍ ଡେ’ ପରସ୍ପରର ଭାବନା, ବିଚାର ଓ ନିଷ୍ପତ୍ତିଗୁଡ଼ିକୁ ସମ୍ମାନ ଦେବା ପାଇଁ ପ୍ରେରିତ କରେ। କୌଣସି ସମ୍ପର୍କ କେବଳ ଭରସା ଓ ବିଶ୍ୱାସର ମୂଳଦୁଆ ଉପରେ ଛିଡ଼ା ହୋଇଥାଏ। ତେଣୁ ନିଜ ସାଥିର ବିଶ୍ୱାସ ଓ ଆଶାକୁ ଭାଙ୍ଗିବା ଉଚିତ ନୁହେଁ। ପ୍ରତିଦିନର ଦ୍ରୁତ ଜୀବନଶୈଳୀ ମଧ୍ୟରେ ଅନେକ ନିଜର ପାର୍ଟନର୍‌କୁ ସମୟ ଦେବାକୁ ଭୁଲନ୍ତି ନାହିଁ। ସେଥିପାଇଁ ଛୋଟ ଛୋଟ କଥା ଓ ମୁହୂର୍ତ୍ତକୁ ଖାସ୍ କରିବା ପାଇଁ ଓ ପରସ୍ପର ସହିତ କ୍ୱାଲିଟି ଟାଇମ୍ ବିତେଇବା ପାଇଁ ସମୟ ଦେବା ଉଚିତ। ଏହା ସହିତ ପରସ୍ପରର ପସନ୍ଦ ଓ ନାପସନ୍ଦକୁ ସମ୍ମାନ ଦିଅନ୍ତୁ। ଦୀର୍ଘ ସମୟ ଧରି ଝଗଡ଼ା ବଜାୟ ରଖିଲେ ସମ୍ପର୍କ ପାଇଁ ଏହା କ୍ଷତିକାରକ ହୋଇଥାଏ। ସଚ୍ଚା ସମ୍ପର୍କ ତାହା ହୋଇଥାଏ ଯାହା ସମୟ ସହିତ ଆହୁରି ଗଭୀର ହୋଇଚାଲେ।

# ସୁରକ୍ଷିତ ଇଣ୍ଟରନେଟ୍‌ର ବ୍ୟବହାର

ଦୁନିଆରେ ଏ ସମୟରେ ଇଣ୍ଟରନେଟ୍‌ର ଉପଯୋଗ ବୃଦ୍ଧି ପାଉଛି। ଏହା ସହିତ ସବୁ କାମଗୁଡ଼ିକ ପ୍ରାୟତଃ ଅନ୍‌ଲାଇନ୍ ହୋଇପାରୁଛି। ତେଣୁ ସୁରକ୍ଷିତ ଓ ଉତ୍କୃଷ୍ଟ ଇଣ୍ଟରନେଟ୍ ସେବା ସମ୍ପର୍କରେ ସଚେତନତା ବୃଦ୍ଧି କରେଇବା ପାଇଁ ଏହି ମାସର ଦ୍ୱିତୀୟ ମଙ୍ଗଳବାର ଦିନ ପାଳନ କରାଯାଏ ସୁରକ୍ଷିତ ଇଣ୍ଟରନେଟ୍ ଦିବସ। ଏହି ଦିନ ଲୋକମାନେ ଏକତ୍ରିତ ହୋଇ ଅଧିକ ଅନ୍‌ଲାଇନ୍ ପରିବେଶ ବୃଦ୍ଧି କରେଇବା ପାଇଁ ରାସ୍ତା ଖୋଜିବାକୁ ଚେଷ୍ଟା କରନ୍ତି। ଏହି ବାର୍ଷିକ ଉତ୍ସବରେ ସୁରକ୍ଷିତ ଇଣ୍ଟରନେଟ୍‌କୁ ନେଇ କାର୍ଯ୍ୟକ୍ରମର ଆୟୋଜନ କରି ସଠିକ୍ ଇଣ୍ଟରନେଟ୍‌ର ବ୍ୟବହାର ପାଇଁ ଶିକ୍ଷା ଦିଆଯାଏ। ବର୍ତ୍ତମାନ ସବୁକିଛି ଡିଜିଟାଲ୍ ହେବା ଦ୍ୱାରା ଲୋକମାନେ ସୋସିଆଲ୍ ମିଡିଆ ଓ




ଅନ୍ୟ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମର ଉପଯୋଗ କରୁଥିବାରୁ ଇଣ୍ଟରନେଟ୍‌ର ସୁରକ୍ଷା ଚିନ୍ତାର ବିଷୟ ହୋଇଛି। ୨୦୦୪ରେ ପ୍ରଥମ ଥର ସୁରକ୍ଷିତ ଇଣ୍ଟରନେଟ୍ ଦିବସର ପାଳନ କରାଯାଇଥିଲା। ୨୦୦୯ ପର୍ଯ୍ୟନ୍ତ କେବଳ ୟୁରୋପ୍‌ର ଦେଶଗୁଡ଼ିକ ସଠିକ୍ ଭାବରେ ଏହି ଦିବସର ପାଳନ କରୁଥିଲେ। କିନ୍ତୁ ଏହାପରେ ପାଖାପାଖି ୨୦୦ ଦେଶ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳନ କରିଥିଲେ। ଆମ ଦେଶରେ ଇଣ୍ଟରନେଟ୍‌ର ସୁବିଧା ୧୫ ଅଗଷ୍ଟ, ୧୯୯୫ରେ ଆରମ୍ଭ ହୋଇଥିଲା। ବିଦେଶ ସଞ୍ଚାର ନିଗମ ଲିମିଟେଡ୍ ଭାରତୀୟମାନଙ୍କ ପାଇଁ ଏହି ସୁବିଧାର ଆରମ୍ଭ କରିଥିଲା। ପ୍ରାରମ୍ଭିକ ସମୟରେ ଏହି ସେବା କେବଳ ଅଳ୍ପ ସହରରେ ଉପଲବ୍ଧ ଥିଲା ଓ ଏହା ଡାଏଲ୍-ଅପ୍ କନେକ୍ସନ ମାଧ୍ୟମରେ କାମ କରୁଥିଲା। ଧୀରେ ଧୀରେ ଇଣ୍ଟରନେଟ୍‌ର ପହଞ୍ଚ ବୃଦ୍ଧି ପାଇଥିଲା ଓ ଆଜି ପ୍ରାୟତଃ ପ୍ରତି ଲୋକ ଏହି ସେବାର ସୁବିଧା ପାଉଛନ୍ତି।

# ୱେଷ୍ଟିଂ ଡିଜିଜ୍

ସ୍କଟ୍‌ଲ୍ୟାଣ୍ଡର ସମୁଦ୍ରରେ କିଛି ଅଜବ ପ୍ରକାରର ଗୋଲାକାର ସ୍ଥାନ ଦେଖିବାକୁ ମିଳିଛି। ଏହି ଗୋଲାକାର ସ୍ଥାନଟି ସମୁଦ୍ର ଭିତରେ ସୃଷ୍ଟି ହେଉଥିବା ଘାସରେ ତିଆରି ହୋଇଛି। କିନ୍ତୁ ଏହି ଆକାରଟି କିପରି ତିଆରି ହୋଇଛି ତାହା କେହି ଜାଣିନାହାନ୍ତି। ବିଗତ ଶହେ ବର୍ଷ ହେଲା ସମୁଦ୍ର ଭିତରେ ଏହି ଘାସଗୁଡ଼ିକ ଧୀରେ ଧୀରେ ଶେଷ ହେଉଛି। ପ୍ରଦୂଷଣ, ବେମାରୀ ଓ ପାଣିପାଗ ପରିବର୍ତ୍ତନ କାରଣରୁ ଏପରି ହେଉଥାଇପାରେ ବୋଲି ଅନୁମାନ କରୁଛନ୍ତି ବୈଜ୍ଞାନିକମାନେ। ଏହି ଘାସ ସମୁଦ୍ରୀ ଜୀବମାନଙ୍କର ଘର ଓ ସମୁଦ୍ର କୂଳର ଲହଡ଼ିଗୁଡ଼ିକରୁ ସେମାନଙ୍କୁ ରକ୍ଷା କରିଥାଏ। ପୂର୍ବରୁ ଏକ ସମୟ ଥିଲା ଯେତେବେଳେ ସ୍କଟ୍‌ଲ୍ୟାଣ୍ଡରେ ଏହି ଘାସ ଏତେ ଅଧିକ ଥିଲା ଯେ ଲୋକମାନେ ନିଜ ଘରର ଛାତମାନଙ୍କରେ ଓ କ୍ଷେତରେ ଖାଦ ଭାବରେ ଏହି ଘାସର ବ୍ୟବହାର କରୁଥିଲେ। ୧୯୩୦ ଦଶକରେ ଏକ ବିପଦଜନକ ରୋଗ ବ୍ୟାପିବା ପରେ ସମୁଦ୍ରୀ ଘାସର ବିଶାଳ ମୈଦାନକୁ ଏହା ଶେଷ କରିଦେଇଥିଲା ଯାହାକୁ ବୈଜ୍ଞାନିକମାନେ ୱେଷ୍ଟିଂ ଡିଜିଜ୍ ନାମ ଦେଇଥିଲେ। ଏହି ବେମାରୀ ବ୍ୟତୀତ ବୃଦ୍ଧି ପାଉଥିବା ପ୍ରଦୂଷଣ ଓ ଅଧିକ ମାଛ ଧରାଯିବା କାରଣରୁ ଏହି ଘାସ ଆଉ ସୃଷ୍ଟି ହୋଇପାରିଲା ନାହିଁ।



ଏହି ଘାସ ସମୁଦ୍ରର ମାଟିକୁ ଗୋଟିଏ ସ୍ଥାନରେ ଧରି ରଖିଥାଏ, ଲହରୀର ଶକ୍ତିକୁ କମ୍ କରିଥାଏ ଯେଉଁ କାରଣରୁ ସମୁଦ୍ରକୂଳ ସୁରକ୍ଷିତ ରହେ। ମାଛ ଓ ଅନ୍ୟ ସମୁଦ୍ରୀ ଜୀବମାନଙ୍କ ପାଇଁ ଏହି ଘାସ କୌଣସି ହୋଟେଲ୍ ପରି କାମ କରେ ଯେଉଁଠାରେ ସେମାନେ ଖାଦ୍ୟ ଗ୍ରହଣ କରନ୍ତି ଓ ରହିବା ପାଇଁ ଏକ ସୁରକ୍ଷିତ ସ୍ଥାନ ପାଇଥାନ୍ତି। ବାୟୁରେ ଥିବା ଖରାପ ଗ୍ୟାସ୍‌କୁ ଏହି ଘାସଗୁଡ଼ିକ ଅବଶୋଷଣ କରି ଏହାକୁ ସମୁଦ୍ର ମାଟିରେ ଦାବି ଦିଅନ୍ତି। ଏହି ପ୍ରକ୍ରିୟା ଦୁନିଆର ତାପମାନକୁ କମ୍ ରଖିବାରେ ସହାୟକ ହୋଇଥାଏ। ଏଥିପାଇଁ ଏହି ଘାସକୁ ସ୍କଟ୍‌ଲ୍ୟାଣ୍ଡ ସରକାର ଖାସ୍ ସ୍ଥାନ ଦେଇଛନ୍ତି। ଘାସକୁ ରକ୍ଷା କରିବା ପାଇଁ କାନୁନ ତିଆରି କରାଯାଇଛି। ସମୁଦ୍ର ଭିତରେ ଏହା କୌଣସି ଯାଦୁପରି ମନେ ହେଉଥିବାରୁ ବୈଜ୍ଞାନିକମାନେ ଏହାର ଗୋଲ୍ ଆକୃତି କିପରି ହେଲା ସେ ବିଷୟରେ ସଠିକ୍ ଭାବରେ ତଥ୍ୟ ଦେଇପାରି ନାହାନ୍ତି।

# ‘ଡନ୍-୩’ ଛାଡ଼ିଲେ

ଆଦିତ୍ୟ ଧରଙ୍କ ଫିଲ୍ମ ‘ଧୁରନ୍ଧର’ ରିଲିଜ ହେବା ପରଠାରୁ ରଣବୀର ସିଂହ ଲଗାତର ଚର୍ଚ୍ଚାର ପରିସରରେ ଅଛନ୍ତି। କିନ୍ତୁ ଏହି ଫିଲ୍ମର ସଫଳତା ପରେ ରଣବୀରଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି ଓ ପୁଣି ଥରେ ସେ ଦର୍ଶକମାନଙ୍କ ଧ୍ୟାନ ଆକର୍ଷିତ କରିଛନ୍ତି ଫିଲ୍ମ ‘ଡନ୍-୩’ କାରଣରୁ। ‘ଡନ୍-୩’ରେ ରଣବୀର ସିଂହ ମୁଖ୍ୟ ଭୂମିକାରେ ଅଭିନୟ କରିବେ ବୋଲି ଫାଇନାଲ୍ ହୋଇସାରିଥିଲା। କିନ୍ତୁ ଏବେ ଖବର ଅନୁସାରେ ସେ ଏହି ଫିଲ୍ମଟିକୁ ଛାଡ଼ି ଦେଇଛନ୍ତି। ଏହାକୁ ନେଇ ଏବେ ରଣବୀର ଓ ପ୍ରଡକ୍ସନ୍ ହାଉସ୍ ମଧ୍ୟରେ ଜାରି ରହିଛି ବିବାଦ। ରଣବୀରଙ୍କୁ ନେଇ ହୋଇଥିବା ୪୦ କୋଟିର କ୍ଷତି ଭରିବାକୁ ଦାବି କରିଛି ପ୍ରଡକ୍ସନ୍ ହାଉସ୍। ଫାରହାନ୍ ଅଖତରଙ୍କ ପ୍ରଡକ୍ସନ୍ ହାଉସ୍ ଏକ୍ସେଲ୍ ଏଣ୍ଟରଟେନ୍‌ମେଣ୍ଟ ଏହି କ୍ଷତି ଭରିବା ପାଇଁ ରଣବୀରଙ୍କୁ କହିଛି। ତିନି ବର୍ଷ ପୂର୍ବରୁ ‘ଡନ୍-୩’ର ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ ଫାରହାନ୍ ଅଖତର ଓ ରଣବୀର ସିଂହ ଫିଲ୍ମ ପାଇଁ ସାଇନ୍ ମଧ୍ୟ କରିଥିଲେ। ଖବର ଅନୁସାରେ ରଣବୀର ଅଚାନକ ଫିଲ୍ମ ଛାଡ଼ିବା କାରଣରୁ ଫିଲ୍ମଟି ଥଣ୍ଡା ବସ୍ତାକୁ ଚାଲିଯିବା ପରି ମନେହେଉଛି ଯେଉଁ କାରଣରୁ ଷ୍ଟୁଡିଓକୁ ଭାରି କ୍ଷତି ସହିବାକୁ ପଡ଼ିଛି। ଫିଲ୍ମଟିକୁ ନେଇ ପ୍ରି-ପ୍ରଡକ୍ସନ୍ କାମ ଆରମ୍ଭ ହୋଇସାରିଥିଲା କିନ୍ତୁ ସୁଟିଂ ଆରମ୍ଭ ହେବା ପୂର୍ବରୁ ରଣବୀର ଫିଲ୍ମଟିକୁ ଛାଡ଼ି ଦେଇଛନ୍ତି।



କ୍ଷତିପୂରଣକୁ ନେଇ ବିରୋଧ କରୁଛନ୍ତି ରଣବୀର ଓ ତାଙ୍କ କହିବା ଅନୁସାରେ ଏହି ଅର୍ଥରାଶି ଦେବା ତାଙ୍କର ଦାୟିତ୍ୱ ନୁହେଁ। ରଣବୀର ଫିଲ୍ମ ଛାଡ଼ିବା ପଛରେ ଥିବା କାରଣ ଏହାର ସ୍କ୍ରିପ୍ଟ। ଏଥିରେ ସେ ଖୁସି ନଥିଲେ। ଏହାର ଫାଇନାଲ୍ ଡ୍ରାଫ୍ଟ ତାଙ୍କୁ ପସନ୍ଦ ଆସି ନଥିଲା। କିନ୍ତୁ ରଣବୀର ଫିଲ୍ମଟିକୁ ନେଇ ସହମତି ଦେବା ପରେ ଏହା ଉପରେ କାମ ଆରମ୍ଭ ହୋଇଥିଲା। ୱର୍କଫ୍ରଣ୍ଟ ଦୃଷ୍ଟିରୁ ରଣବୀର ସିଂହ ‘ଧୁରନ୍ଧର’ର ପରବର୍ତ୍ତୀ ପାର୍ଟ ‘ଧୁରନ୍ଧର: ଦି ରିଭେଞ୍ଜ’ରେ ନଜର ଆସିବେ। ଏଥିରେ ଦର୍ଶକମାନେ ଯଶକୀରତ ସିଂହ ରଙ୍ଗୀଙ୍କ ଚରିତ୍ରରେ ରଣବୀରଙ୍କୁ ଦେଖିବାକୁ ପାଇବେ। ୧୯ ମାର୍ଚ୍ଚରେ ଫିଲ୍ମଟି ସିନେମା ଘରଗୁଡ଼ିକରେ ରିଲିଜ ହେବ।

# ଉତ୍କଳ ରାଧାନାଥ ରଥ



୬ ଡିସେମ୍ବର, ୧୮୯୬ରେ କଟକ ଜିଲ୍ଲାର ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ରାଧାନାଥପୁର ଶାସନରେ ଜନ୍ମଗ୍ରହଣ କରିଥିଲେ ରାଧାନାଥ ରଥ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ବାଲେଶ୍ୱରର ଜୁବିଲି ସ୍କୁଲ୍‌ରୁ ଆରମ୍ଭ ହୋଇଥିଲା ଓ ପରେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ସେ ଶିକ୍ଷା ଗ୍ରହଣ କରିଥିଲେ। ସେଠାରେ ପ୍ରଧାନଶିକ୍ଷକ ଡବ୍ଲ୍ୟୁ.ଡବ୍ଲ୍ୟୁ ହଣ୍ଡରସନ୍ ଓ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ଦ୍ୱାରା ଗଭୀର ଭାବରେ ସେ ପ୍ରଭାବିତ ହୋଇଥିଲେ। ସିଂହଭୂମି ଜିଲ୍ଲାର ବନ ବିଭାଗର କିରାଣି ପଦରୁ ନିଜର କର୍ମ ଜୀବନ ଆରମ୍ଭ କରିଥିଲେ ମଧ୍ୟ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରେରିତ ହୋଇ ୧୯୧୯ରେ ବନ ବିଭାଗର ଚାକିରି ଛାଡ଼ି ତାଙ୍କର ସତ୍ୟବାଦୀ ପ୍ରେସ୍‌ରେ ସେ ଯୋଗ ଦେଇଥିଲେ। ପରେ ପାକ୍ଷିକ ପତ୍ରିକା ‘ସମାଜ’ର ପ୍ରବନ୍ଧକ ଭାବରେ କାର୍ଯ୍ୟ କଲେ। ଗୋବବନ୍ଧୁ ଦାସଙ୍କ ତିରୋଧାନ ପରେ ୧୯୪୬ରେ ରାଧାନାଥ ରଥ ‘ସମାଜ’ର ସମ୍ପାଦନା ଦାୟିତ୍ୱ ଗ୍ରହଣ କଲେ। ଜଣେ ରାଜନୀତିଜ୍ଞ ଭାବରେ ୧୯୪୬-୭୭ ମଧ୍ୟରେ ଅନେକ ଥର ଆଠଗଡ଼ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ସେ ନିର୍ବାଚିତ ହୋଇଛନ୍ତି। ଏହି ସମୟ ମଧ୍ୟରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ, ବନ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଥିଲେ। ଭାରତ ସ୍କାଉଟ୍ ଓ ଗାଇଡ୍‌ସ, ଓଡ଼ିଶା ଶାଖାର ଅଧ୍ୟକ୍ଷ ଓ ଲାଲା ଲାଜପତ୍ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଭାବରେ ଓ ଗୋପବନ୍ଧୁ ଦରିଦ୍ର ନାରାୟଣ ସେବାସଂଘ, ହିନ୍ଦ୍ କୁଷ୍ଠ ନିରାକରଣ ସଂଘ ଆଦି ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ। ଏହା ବ୍ୟତୀତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡେପୁଟି ଡିନ୍ ହିସାବରେ ମଧ୍ୟ ସେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ। ବନ୍ୟା ଓ ମହାମାରୀ ସମୟରେ ତାଙ୍କର ସମାଜସେବାକୁ ଅତୁଳନୀୟ ବୋଲି କୁହାଯାଏ। ଜଣେ ସାହିତ୍ୟିକ ଭାବରେ ସେ କବିତା, ଗଳ୍ପ ଓ ଜୀବନୀ ଲେଖନ ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ସେଥିପାଇଁ ପଦ୍ମଭୂଷଣ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ, ଉତ୍କଳ ରତ୍ନ ଆଦି ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସାହିତ୍ୟିକ ଓ ସମାଜସେବୀ ୧୯୯୮ ମସିହା ଆଜିର ଦିନରେ କଟକ ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

# ରୋଗୀମାନଙ୍କ ପାଇଁ ଏକ ବିଶେଷ ଦିନ



ଆଜି ପୂରା ବିଶ୍ୱ ରୋଗୀମାନଙ୍କ ପାଇଁ ଏକ ବିଶେଷ ଦିବସକୁ ପାଳନ କରୁଛି। ୧୯୯୨ରେ ପୋପ୍ ଜନ୍ ପଲ୍ ଦ୍ୱିତୀୟ ଏହି ଦିବସର ସ୍ଥାପନା କରିଥିଲେ। ବିଭିନ୍ନ ରୋଗ ଦ୍ୱାରା ପୀଡ଼ିତ ଲୋକମାନଙ୍କ ପରିବାର ପାଇଁ ଏହି ଦିନ ପ୍ରାର୍ଥନା କରାଯାଏ। ରୋଗୀ ଦିବସରେ ଶାରୀରିକ, ମାନସିକ ଓ ଭାବନାତ୍ମକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବେମାରୀଗୁଡ଼ିକ ସମ୍ମୁଖରେ ଆସୁଥିବା ଆହ୍ୱାନଗୁଡ଼ିକ ଉପରେ ଧ୍ୟାନ ଦିଆଯାଏ। ଏହି ଦିବସ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଓ ସମାନତା ସମ୍ପର୍କରେ ଚର୍ଚ୍ଚାକୁ ପ୍ରୋତ୍ସାହିତ କରିଥାଏ। ଉପଚାର ପ୍ରକ୍ରିୟାରେ ଆଧ୍ୟାତ୍ମିକତା ଓ ଭାବନାତ୍ମକ କଲ୍ୟାଣର ଭୂମିକାକୁ ସ୍ୱୀକାର କରିବା ସହିତ ଦୟାଳୁ ମନୋଭାବକୁ ପ୍ରୋତ୍ସାହନ ଦେଇଥାଏ। ଏହା କୌଣସି ଧାର୍ମିକ ଉତ୍ସବ ନୁହେଁ। ରୋଗଗ୍ରସ୍ତ ଲୋକମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିମାନେ ଓ ସେମାନଙ୍କର ପରିବାରବର୍ଗଙ୍କ ପାଇଁ ଏହି ଦିନ ପ୍ରାର୍ଥନା କରିବାକୁ ଅନୁରୋଧ କରାଯାଏ। ୧୯୯୧ରେ ପୋପ୍‌ଙ୍କ ମଧ୍ୟରେ ପାର୍କିନସନ୍ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା। ସେ ନ୍ୟୁରୋ-ଡିଜେନେରେଟିଭ୍ ସ୍ଥିତିର ସମ୍ମୁଖୀନ ହୋଇଥିଲେ ଯାହା ଥରିବା, କଠୋରତା, ଧୀମା ଗତି, ଚାଲିବାରେ ସମସ୍ୟା, ସଂଜ୍ଞାନାତ୍ମକ ମୁଦ୍ଦାଗୁଡ଼ିକ ଓ ଅଧିକ ଲକ୍ଷଣଗୁଡ଼ିକର କାରଣ ହୋଇଥାଏ। ଏକ ବର୍ଷ ପରେ ପୋପ୍ ଜନ୍ ପଲ୍ ଦ୍ୱିତୀୟ ନିଜ ରୋଗର ନିଦାନ ପାଇଁ ଓ ପୂରା ବିଶ୍ୱର ରୋଗୀମାନଙ୍କ ପାଇଁ ଏକ ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲେ। ଏଥିରେ ପୋପ୍ ନିଜ ପୀଡ଼ା ବିଷୟରେ ବିସ୍ତାରରେ ଉଲ୍ଲେଖ କରିଥିଲେ ଓ ଯୀଶୁଙ୍କ ମାଧ୍ୟମରେ ସେ ମୁକ୍ତି ପାଇଥିଲେ ବୋଲି ପୂରା ବିଶ୍ୱକୁ ଜଣାଇଥିଲେ। ଏହି ଦିବସକୁ ପାଳନ କରିବା ପାଇଁ ଲେଡି ଅଫ୍ ଲୋର୍ଡେସ୍‌ଙ୍କ ସ୍ମୃତି ଦିବସ ଦିନଟିକୁ ଚୟନ କରାଯାଇଥିଲା। ଲେଡି ଅଫ୍ ଲୋର୍ଡେସ୍, ଭର୍ଜିନ୍ ମେରୀଙ୍କ ଏକ ଉପାଧି। ୨୦୦୫ରେ ଏହି ଦିବସ ସ୍ଥାପନା ହେବାର ଦୁଇ ବର୍ଷ ପରେ ପୋପ୍‌ଙ୍କର ଅକାଳ ମୃତ୍ୟୁ ହୋଇଯାଇଥିଲା।

# ଉଦ୍ୟାନ କୃଷି ବିଭାଗର କର୍ମଶାଳା



**ସୋର,୧୦।୨/ଏନ୍ଏନ୍ଏସ୍:** ସୋର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକ କର୍ମଶାଳା ବଡ଼ଖୁରୀସ୍ଥିତ କୃଷି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମାଧବ ଧଡ଼ା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟ ଜୟରାମ ଦାସ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାହାନଗା ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ବେହେରା ଉପସ୍ଥିତ ରହି ସରକାରଙ୍କ ଦ୍ୱାରା ପ୍ରଚଳିତ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ବାବଦରେ ଆଲେଚନା କରିଥିଲେ। ବାଲେଶ୍ୱର ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ପ୍ରଦୀପ କୁମାର ବଳ ଯୋଗଦେଇ ଉଦ୍ୟାନ କୃଷିରେ ବ୍ୟବହାର ହେଉଥିବା ବିଭିନ୍ନ ଜ୍ଞାନକୌଶଳ ବାବଦରେ ତାଲିମ୍ ଦେଇଥିଲେ। ବାସୁଦେବପୁର ବ୍ଲକ୍‌ର ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୂର୍ଯ୍ୟ ପ୍ରକାଶ ମିଶ୍ର ଜୈବିକ ପଦ୍ଧତିରେ ଚାଷ କୌଶଳ ଏବଂ ରୋଗ ପୋକ ନିରାକରଣ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ଉଦ୍ୟାନ କୃଷି ବିଭାଗର ସହକାରୀ କୃଷି ଅଧିକାରିଣୀ ଶୁଭଶ୍ରୀ ଶୁଭସ୍ମିତା ପରିଚାଳନା କରିଥିବାବେଳେ କୃଷି ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଉଦ୍ୟାନ କୃଷିରେ ଅଧିକରୁ ଅଧିକ ମହିଳା ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଏବଂ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ମିଳିତ ଚଢ଼ଉ | ୪ ବାଲିଘାଟ ବନ୍ଦ କଲା ଖଣି ବିଭାଗ

## ଆଗାମୀ ଦିନରେ ବାଲି ଉଠିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଧାମନଗର,୧୦।୨/ଏନ୍ଏନ୍ଏସ୍:** ଧାମନଗର ଥାନା ସୋଧ ରାଜସ୍ୱ ମଣ୍ଡଳ ଅନ୍ତର୍ଗତ ସୋହଡ଼ା, ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତରେ ଚାଲିଥିବା ୪ଟି ବେଆଇନ ବାଲିଘାଟକୁ ବନ୍ଦ କରାଯାଇଛି। ଏହି ସମୟରେ ଖଣି ଅଧିକାରୀ, ତହସିଲଦାର୍ ଓ ପୁଲିସ୍ ଉପସ୍ଥିତ ଥିଲେ। ତେବେ ଆଖପାଖରେ ଆଉ ୩ଟି ବେଆଇନ ଘାଟ ବନ୍ଦ ହୋଇପାରି ନାହିଁ। ଏହାକୁ ବୁଧବାର ବନ୍ଦ କରାଯିବ ବୋଲି ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କହିଛନ୍ତି।

ସୋହଡ଼ା ପଞ୍ଚାୟତର ଷେଣ୍ଢପୁର, ଖଡ଼ିପଦାର ମୁଥାନଗର ଓ ଆନନ୍ଦପୁରର ନଡ଼ିଆବାଗ ଜେନାସାହି ସିଧାରେ ଥିବା ନଦୀବନ୍ଧରେ ଗଡ଼ା କରାଯାଇ ବୈତରଣୀ ଗର୍ଭରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିଲା। ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ସହଯୋଗୀଙ୍କୁ ଲଗାଇ ଟ୍ରାକ୍ଟର୍ ଓ ମିନି ଟ୍ରକ୍‌ରେ ବାଲି ଉଠାଉଥିଲେ। ଦୈନିକ ପ୍ରତ୍ୟେକ ଘାଟରୁ ୫୦ରୁ ଅଧିକ ଟ୍ରିପ୍ ବାଲି ଉଠାଯାଉଥିଲା। ପ୍ରତ୍ୟେକ ଟ୍ରିପ୍‌କୁ ସଂପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ୪୦୦ ଟଙ୍କାରେ ବିକ୍ରି କରୁଥିଲେ। ଏଣୁ ଗୋଟିଏ ଘାଟରୁ ସେହି ବ୍ୟକ୍ତି ୨୦ ହଜାର ଟଙ୍କା ଲେଖାଏଁ ରୋଜଗାର କରୁଥିଲେ। ବୈତରଣୀ ନଦୀରେ ଉପଯୁକ୍ତ ପରିମାଣର ବାଲି ଗଚ୍ଛିତ ନଥିବାରୁ ଏବଂ ସ୍ଥାନୀୟ ଲୋକଙ୍କ ବାରମ୍ବାର ବିରୋଧ ଯୋଗୁ ଗତ କିଛି ବର୍ଷ ହେଲା ସୈରାତ୍ ଉତ୍ସ ନିଲାମ୍ ହୋଇପାରୁନାହିଁ। ଏହାର ସୁଯୋଗ ନେଇ ରାଜନୈତିକ ବ୍ୟକ୍ତି ସହଯୋଗୀ ସହାୟତାରେ ଜେସିବି ବା ଡୋଜର୍ ମେସିନ୍ ଭଡ଼ାରେ ଆଣି ବାଲିଘାଟ କରୁଥିଲେ। ରାତିରେ ପାଣିରୁ ବାଲି କାଢ଼ି ଉପରେ ଠୁଳ କରୁଥିଲେ। ଆଉ ପାହାନ୍ତିଆରୁ ସେହି ବାଲିକୁ ଚୋରାରେ ଚାଲାଣ କରିଆସୁଥିଲେ। ଦୈନିକ ଶହ ଶହ ଗାଡ଼ି ନଦୀବନ୍ଧରେ ଯିବାଆସିବା ଦ୍ୱାରା ରାସ୍ତା ନଷ୍ଟ ହେଉଥିଲା। ନଦୀବନ୍ଧ ଦୁର୍ବଳ ହେଉଥିଲା। ଏସବୁ ବେଆଇନ୍ ବାଲିଘାଟକୁ ବନ୍ଦ କରିବା ଲାଗି ସ୍ଥାନୀୟ ଲୋକେ ତହସିଲଦାର୍ ଓ ଖଣି ଅଧିକାରୀଙ୍କ ପାଖରେ ଅଭିଯୋଗ କରିଆସୁଥିଲେ। ତେବେ ମଙ୍ଗଳବାର ସଂଧ୍ୟାରେ ଅଚାନକ କନିଷ୍ଠ ଖଣି ଅଧିକାରୀ, ଧାମନଗର ତହସିଲଦାର୍ ଓ ପୁଲିସ୍ ସହାୟତାରେ ବାଲିଘାଟରେ ଚଢ଼ଉ କରିଥିଲେ। ଏହାସହ ନଦୀ ପାଖରେ ଥିବା ଗଡ଼ାକୁ ଜେସିବି ଆଣି କାଟି ଦେଇଥିଲେ। ପରବର୍ତ୍ତୀ ସମୟରେ ଯଦି ବାଲି ମାଫିଆମାନେ ସେଠାରେ ବାଲି ଉଠାନ୍ତି ତେବେ ସେମାନଙ୍କ ବିରୋଧରେ ଆଇନୀଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ଅଧିକାରୀ କହିଛନ୍ତି।



# ମୟୂରଭଞ୍ଜରେ କୁଟୀର ଶିଳ୍ପର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା ଦାବି

**ବାରିପଦା,୧୦।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାର ଶତକଡ଼ା ୫୦ ଭାଗ ଅର୍ଥାତ୍ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ମୁଖ୍ୟତଃ ଚାଷ, ବନ୍ୟଜାତ ଦ୍ରବ୍ୟ ସଂଗ୍ରହ, ବୟନ ଓ ହସ୍ତଶିଳ୍ପ ସମାଗ୍ରୀ ପ୍ରସ୍ତୁତ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ମାତ୍ର ଏସବୁ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ଅଭାବରୁ ସେମାନଙ୍କୁ ଦୁଃଖ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରିବାକୁ ପଡୁଛି। ନିକଟରେ ମୟୂରଭଞ୍ଜ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାର ବିକାଶରେ ଅର୍ଥ ବାଧକ ସାଜିବ ନାହିଁ ବୋଲି କହିଥିଲେ। ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଐତିହ୍ୟ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର, ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀର ଶିଳ୍ପ ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ସ୍ୱାବଲମ୍ବୀ କରିବା ନେଇ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିବାକୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା



**ବାରିପଦା,୧୦।୨/ଏନ୍ଏନ୍ଏସ୍:** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଡାହାଣୀ ସନ୍ଦେହରେ ଜିଲ୍ଲାସ୍ତରୀୟ ନିର୍ଯାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନୁପମା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସବିତା ମାଝୀ ଓ ଆଇନଜୀବୀ ବିଭୁ ପ୍ରସାଦ ଦାସଙ୍କ ସମେତ ମହିଳା ସଶକ୍ତିକରଣ କେନ୍ଦ୍ର କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ସମ୍ମାନିତ ଅତିଥି ଡାହାଣୀ ପ୍ରଥାକୁ ଗୁରୁତର ଲିଙ୍ଗଭିତ୍ତିକ ହିଂସା ଓ ସାମାଜିକ ଅପରାଧ ଭାବେ ବ୍ୟାଖ୍ୟା କରି ଏହା ଅଧିକାଂଶ ସମୟରେ ମହିଳାଙ୍କୁ ଲକ୍ଷ୍ୟ କରି ହୋଇଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ, ସରପଞ୍ଚ, କଲେଜ ଛାତ୍ରଛାତ୍ରୀ ଓ ଓଝା ଗୁଣିଆ ମାଝୀ ହାଦାମ ପ୍ରମୁଖ ଯୋଗ ଦେଇଥିଲେ। ଡାହାଣୀ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ନିବାରଣ ପାଇଁ ସମସ୍ତ ମହଲରେ ସମ୍ମନ୍ୱିତ ପ୍ରୟାସ ଆବଶ୍ୟକତା ଉପରେ ଜୋର୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ପରିଚାଳନା କରିଥିଲେ। ସମାଜ ମଙ୍ଗଳ ଅଧିକାରିଣୀ ଧନ୍ୟବାଦ ଦେଇଥିଲେ।

## ଫେବୃଆରୀ ୧୨ରେ ସାଧାରଣ ଧର୍ମଘଟ

# ସାମିଲ୍ ହେବ ସୋର ଅଙ୍ଗନବାଡ଼ି ସଂଘ

**ସୋର,୧୦।୨/ଏନ୍ଏନ୍ଏସ୍:** ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର କର୍ମକର୍ତ୍ତା ମଣ୍ଡଳୀଙ୍କ ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଶ୍ରମିକ ସଂଗଠନ ତଥା ସ୍ୱାଧୀନ ଫେଡେରେସନ୍‌ଙ୍କ ଆହ୍ୱାନରେ ୧୨ ତାରିଖ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରାଇବା ସହ ସୋର ବ୍ଲକ୍ ଓ ମ୍ୟୁନିସିପାଲିଟିର ସମସ୍ତ ୱାର୍କର୍ ଏବଂ ହେଲ୍ପର୍ ଭଉଣୀମାନେ ସାମିଲ୍ ହେବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ର ସରକାର ଶ୍ରମ ଆଇନ ସଂସ୍କାର ଆଳରେ ୧୯୪୮ ମସିହାରୁ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ତିଆରି ହୋଇଥିବା ୪୪ଟି ଶ୍ରମ ଆଇନକୁ ରଦ୍ଦ କରି ମାଲିକଙ୍କ ସ୍ୱାର୍ଥ ରକ୍ଷା ଲାଗି ୪ଟି ନୂତନ ଶ୍ରମ କୋଡ୍ ସୃଷ୍ଟି କରି ସେମାନଙ୍କୁ ଗୋଟି ଶ୍ରମିକ ଭାବେ ଖଟାଇବା ସହ କଣ୍ଠରୋଧ ଓ ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଏହି କୋଡ୍ ପ୍ରସ୍ତୁତ କରିଛନ୍ତି। ଏହି ଧର୍ମଘଟକୁ ସଫଳ କରାଇବା ପାଇଁ ସଂଘର ସମ୍ପାଦିକା ଆରତୀ ଦାଶମହାପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ବୈଠକକୁ ସଂଘର ଉପଦେଷ୍ଟା ମାୟାଧର ନାୟକ ପରିଚାଳନା କରିଥିବାବେଳେ ସହ ସମ୍ପାଦିକା ପୂର୍ଣିମା ସି, ଜୟନ୍ତୀ ପତି, ସନ୍ଧ୍ୟାରାଣୀ ବେହେରା, ହେମାମାଳିନୀ ମିଶ୍ର, ପଦ୍ମାବତୀ ନାୟକ, ମଧୁସ୍ମିତା ମହାନ୍ତି ଓ ସୁବାସିନୀ ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହ କରିଥିଲେ। ଏଥିରେ ୧୨ଟି ସେକ୍ଟର୍‌ର ସମ୍ପାଦିକା ଯୋଗ ଦେଇଥିବାବେଳେ ବିଦ୍ୟୁତଲତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# କାନ୍ଥ କାଟି ଗହଣା ଦୋକାନରୁ ଚୋରି

**ସୋର,୧୦।୨/ଏନ୍ଏନ୍ଏସ୍:** ସୋର ଥାନା କେଶରୀପୁର ପଞ୍ଚାୟତ ଫଟାଅର୍ଜୁନ ଛକ ନିକଟରେ ଥିବା ଏକ ଗହଣା ଦୋକାନରୁ ଦୁର୍ବୃତ୍ତମାନେ ଦୋକାନର କାନ୍ଥ ଭାଙ୍ଗି ୨୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। କେଶରୀପୁର ଗ୍ରାମର ରାଜେନ୍ଦ୍ର ସାହୁ ଫଟାଅର୍ଜୁନ ଛକରେ ନୀଳମଣି ଜୁଏଲାରୀ ନାମରେ ଏକ ଗହଣା ଦୋକାନ କରିଛନ୍ତି। ପ୍ରତିଦିନ ଭଳି ସୋମବାର ରାତିରେ ଦୋକନ ବନ୍ଦ କରି ସେ ଘରକୁ ଯାଇଥିବାବେଳେ ମଙ୍ଗଳବାର ସକାଳେ ତାଙ୍କ ଦୋକନ ପଛପଟ କାନ୍ଥ କାଟି ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଖବର ପାଇଥିଲେ। ସେ ଦୋକାନରେ ପହଞ୍ଚି ଚୋରମାନେ ଦୋକାନ ଲକର୍‌ରୁ ୫ଶହ ଗ୍ରାମ୍ ସୁନା ଅଳଙ୍କାର ଓ ୫ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ସମେତ କେସ୍ ବାକ୍ସ ଭାଙ୍ଗି ନଗଦ ୧୨ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇ ସୋର ପୁଲିସ୍‌କୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ଅପରାହ୍ନରେ ସୋର ଥାନା ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି।

# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ-ଖୋ ପ୍ରତିଯୋଗିତା ଉଦ୍‌ଘାଟିତ



**ବାଲେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଅଧୀନ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୪ ଦିନିଆ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ-ଖୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହା ଫେବୃଆରୀ ୧୦ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପତାକାକୁ ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ଚେତନା ଓ ନେତୃତ୍ୱ ଗଠନରେ କ୍ରୀଡ଼ାର ଗୁରୁତ୍ୱ ଉପରେ କୁଳପତି ଆଲୋକପାତ କରିବା ସହ ଆନୁଷ୍ଠାନିକ ରୂପେ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଆୟୋଜକ ବିଶ୍ୱବିଦ୍ୟାଳୟର ପତାକାକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ଭାସ୍କର ବେହେରା ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣକାରୀ ଦଳଙ୍କ ଦ୍ୱାରା ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଖେଳାଳିମାନେ ସାମୂହିକ କ୍ରୀଡ଼ା ଆତ୍ମା ରକ୍ଷାର ଶପଥ ଗ୍ରହଣ କରିଥିଲେ। ଏଥିରେ ସହାୟକ ଅଧ୍ୟାପିକା ଜୀନା ପ୍ରିୟଙ୍କା ଜେଠୀ ସହଯୋଗ କରିଥିବାବେଳେ କ୍ରୀଡ଼ା ପରିଷଦର ସହନିର୍ଦ୍ଦେଶକ ଡ. ଅମିତ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ଆଞ୍ଚଳିକ ଚାମ୍ପିଅନସିପ୍‌ରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ମଣିପୁରର ୩୪ଟି ବିଶ୍ୱବିଦ୍ୟାଳୟରୁ ପାଖାପାଖି ୫୦୦ରୁ ଅଧିକ ଖେଳାଳି, ପ୍ରଶିକ୍ଷକ ଓ ଦଳ ପରିଚାଳକ ଅଂଶଗ୍ରହଣ କରିଛନ୍ତି।

# ପେନସନ୍ ଯୋଜନାକୁ ନେଇ ଦକ୍ଷତା ବିକାଶ ଓ ସଚେତନତା କାର୍ଯ୍ୟକ୍ରମ



**କେନ୍ଦୁଝର,୧୦।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା କୋଷାଗାର ପକ୍ଷରୁ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଶା କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱର ପଙ୍କଜ କୁମାର ମହାନ୍ତ ଏନ୍‌ପିଏସ୍ ସମ୍ପର୍କିତ ବିଭିନ୍ନ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିତରଣ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ଜଟିଳ ପ୍ରଶ୍ନର ସରଳ ସମାଧାନ ସମ୍ପର୍କିତ ଏକ ମାର୍ଗଦର୍ଶିକା ସଭିଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କେନ୍ଦୁଝର ଜିଲ୍ଲା କୋଷାଗାରରେ ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲାଯାଇଛି। ଏଠାରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ କରାଯିବ। ଏହି ସେବା ସପ୍ତାହର ସୁଯୋଗ ନେବା ପାଇଁ ସମସ୍ତ କର୍ମଚାରୀ ଏବଂ ଡିଡିଓଙ୍କୁ କୋଷାଗାର ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ଏସ୍ ହିମାନୀ, କାର୍ଯ୍ୟାଳୟର ଅଡିଟର୍ ଚିନ୍ମୟ ପ୍ରଧାନ ଓ କନିଷ୍ଠ ସହାୟକ ଆର୍ତ୍ତସାରଥୀ ପଟ୍ଟନାୟକଙ୍କ ସମେତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ୍ ଶିବିର ଉଦ୍‌ଯାପିତ



**ବାଲେଶ୍ୱର,୧୦।୨/ଏନ୍ଏନ୍ଏସ୍:** ଫକୀରମୋହନ ଜୁନିଅର୍ କଲେଜରେ ଯୁବ ରେଡକ୍ରସ୍ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ଚିକିତ୍ସାଧିକାରୀ ଡା. ଅନୁପ କୁମାର ଘୋଷ ଯୋଗଦେଇ କୌଣସି ଅଘଟଣରେ ପ୍ରାଥମିକ ଚିକିତ୍ସା ମଧ୍ୟ ଜୀବନ ବଞ୍ଚାଇ ପାରିବ ଏବଂ ଏହାକୁ ସମସ୍ତେ ଶିଖିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଫ୍ଏମ୍ ଅଟୋନମସ୍ କଲେଜ ଅଧ୍ୟକ୍ଷ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥିରୂପେ ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କୁ ସେବାର ବାହକ ସାଜିବାକୁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଯୁବ ରେଡକ୍ରସ୍‌ର ଜିଲ୍ଲା ସଂଯୋଜକ ସୁଧୀର ମୁଦୁଲି ଓ ଆବାହକ ଡ. ବୁଦ୍ଧଦେବ ବେହେରା, ଡ. ଅଞ୍ଜନା ବେହେରାଙ୍କ ମାର୍ଗଦର୍ଶନରେ ହୋଇଥିଲା। ଅନ୍ୟତମ ଅତିଥିଭାବେ ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କୁ ସେବାର ବାର୍ତ୍ତା ଦେଇଥିଲେ। ଏଥିରେ ୧୧୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ବ୍ରହ୍ମପୁରରୁ ଡ. ବି ଗୋବିନ୍ଦ ରାଓ, ମୟୂରଭଞ୍ଜରୁ ଡ. ଦିଲ୍ଲୀପ କୁମାର ଭୋଇ, ଗୋପାଳପୁର ମହାବିଦ୍ୟାଳୟରୁ ଅଧ୍ୟାପିକା ଶୈଳବାଳା ଦାସ, ଅଧ୍ୟାପକ ମାନସ ରଞ୍ଜନ ବେହେରା, ଅଧ୍ୟାପକ ଚନ୍ଦ୍ର ମୋହନ ପରିଡ଼ା ତିନିଦିନ ଧରି ଉପସ୍ଥିତ ରହି ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି ଆମ ଅନୁଷ୍ଠାନକୁ ଏହି ଶିବିରକୁ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ଯୁବ ରେଡକ୍ରସ୍‌କୁ କୃତଜ୍ଞତା ଜଣାଇଥିଲେ। ଏହି ଶିବିର ରେଡକ୍ରସ୍ କାଉନସେଲର୍ ସୁଜିତ୍ କୁମାର ଦାସ, ରାଜେଶ୍ କୁମାର ଦେ, ପ୍ରଦୀପ କୁମାର ଗଙ୍ଗାଇ, ଲକ୍ଷ୍ମୀ ନାରାୟଣ ନାୟକ, ବୁଦ୍ଧଦେବ ରାଉତ ଓ ନିରଞ୍ଜନ ତିରିଆ ପ୍ରମୁଖ ସଂଯୋଜନା କରିଥିଲେ। ଏହି ଅବସରରେ ରାଜେଶ କୁମାର ଦେ ଶ୍ରେଷ୍ଠ କାଉନସେଲର୍ ଏବଂ କାର୍ଯ୍ୟଶୈଳୀ ପାଇଁ ସ୍ୱେଚ୍ଛାସେବୀ ଭାବେ ତ୍ରିନାଥ ନନ୍ଦୀ, ଦେବାଶିଷ ସାମଲ, ସରସ୍ୱତୀ ମହାନ୍ତ ଓ ସୌମ୍ୟ ରଞ୍ଜନ ବାରିକ ମଧ୍ୟ ସମ୍ମାନିତ ହୋଇଥିଲେ। ଅଧ୍ୟକ୍ଷା ଡ. ମହାନ୍ତି ଧନ୍ୟବାଦ ଦେଇଥିଲେ।

## ତିହିଡ଼ି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'ମହୋତ୍ସବ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିଥାଏ'

**ତିହିଡ଼ି,୧୦।୨/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ର 'ତିହିଡ଼ି ମହୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରେଣ୍ୟ ଅତିଥିଭାବେ ତିହିଡ଼ି ତହସିଲଦାର୍ ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ୍, ତିହିଡ଼ି ଥାନାଧିକାରୀ ସତ୍ୟବ୍ରତ ଗୁହାଚାର୍ଯ୍ୟ ଓ ଅଗ୍ନିକ ପ୍ରଫୁଲ୍ଲ ପରିଡ଼ା ଯୋଗଦେଇ ମହୋତ୍ସବ ଆମର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି କହିଥିଲେ। ତିହିଡ଼ି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍କୁଲ୍‌ର କୁନି କୁନି ଛାତ୍ରଛାତ୍ରୀଙ୍କ ନୃତ୍ୟ ଓ ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମର ବାଘନୃତ୍ୟ ସହ ସମ୍ବଲପୁରୀ ଗାୟକ ରୁକ ସୁନାଙ୍କ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ମହୋତ୍ସବ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଧୀରେନ୍ଦ୍ର ସାହୁ, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ଡ. ଅମୂଲ୍ୟ ସେନାପତି, ଗିରିଜାରମଣ ଜେନା, ପ୍ରଭାତ ଜେନା, ସୁଶାନ୍ତ ଯତି, ସଞ୍ଜୟ ଦାସ, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ନୀଳମଣି ସାବତ, ଶୁଭମ୍ ସାର୍ଥକ ଜେନା, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁ ଓ ନିରଞ୍ଜନ ବାରିକ୍ ପ୍ରମୁଖ ଉତ୍ସବ ପରିଚାଳନା କରିଥିବାବେଳେ ବ୍ଲକ୍‌ର ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ସଦ୍ୟମାନେ ସହଯୋଗ କରିଥିଲେ।



# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ତେଲକୋଇ,୧୦।୨/ଏନ୍ଏନ୍ଏସ୍:** ତେଲକୋଇ ବ୍ଲକ୍ ଅନ୍ତର୍ଗତ ସିରିଗିଡ଼ା ପଞ୍ଚାୟତ ଅନ୍ତର୍ଗତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ସହାୟକ କର୍ମଚାରୀ ବିମ୍ବାଧର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ହରିହର ପତି ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ତଥା ନରେନ୍ଦ୍ର ଶତପଥୀ, ଚିତ୍ତରଞ୍ଜନ ପରିଡ଼ା, ସୁମନ୍ତ ସାହୁ, ଅଧ୍ୟାପିକା ସବିତା ସାହୁ, କର୍ମଚାରୀ ଚୈତନ୍ୟ ସାହୁ, ଦୁର୍ଗାଚରଣ ସାହୁ, କରୁଣାକର ବିଶ୍ୱାଳ, ଜୟନ୍ତୀ ମହନ୍ତ, ଦ୍ୱାରିବନ୍ଧୁ ସାହୁ, ସନ୍ତୋଷ ବିଶ୍ୱାଳ ଓ ଲଳିତ ଦେହୁରୀଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିମ୍ବାଧର ଦୀର୍ଘ ୩୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉତ୍ସର୍ଗୀକୃତ ସେବା ପ୍ରଦାନ କରି ଅନୁଷ୍ଠାନକୁ ଗୌରବ ମଣ୍ଡିତ କରିଛନ୍ତି ବୋଲି ଅଧ୍ୟକ୍ଷ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ କରାଯାଇ ଉପଢ୍ଡୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ତାଙ୍କ ବିଦାୟ ଅନୁଷ୍ଠାନ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

# ପରିବାର ସହିତ ରହିପାରିବେନି ଭାରତୀୟ ଖେଳାଳି



**ମୁମ୍ବାଇ,୧୦।୨/ଏଜେନ୍ସି:** ପୁରୁଷ ଟି-୨୦ ବିଶ୍ୱକପ୍ ଅବସରରେ ଭାରତୀୟ କ୍ରିକେଟର୍ ନିଜ ପରିବାର ସହିତ ରହିପାରିବେନି। ଟିମ୍ ମ୍ୟାନେଜମେଣ୍ଟର ଏ ସମ୍ପର୍କୀୟ ଅନୁରୋଧକୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଖାରଜ କରିଦେଇଛି। ଖେଳାଳିଙ୍କୁ ପତ୍ନୀ ଏବଂ ପରିବାର ସହିତ ଟିମ୍ ହୋଟେଲ୍‌ରେ ଏକାଠି ରହିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ଅନୁମତି ମାଗିଥିଲା। ଇଣ୍ଡିଆନ୍ ଏକ୍ସପ୍ରେସ୍ ରିପୋର୍ଟ ଅନୁସାରେ, ବିସିସିଆଇ ସ୍ପଷ୍ଟ କରିଛି ଯେ ଟୁର୍ଣ୍ଣାମେଣ୍ଟ ଅବସରରେ ଖେଳାଳିଙ୍କ ପରିବାରକୁ ଟିମ୍ ସହିତ ରହିବା ଅନୁମତି ନାହିଁ। ତେବେ କୌଣସି ଖେଳାଳି ଚାହିଁଲେ ନିଜ ପରିବାର ପାଇଁ ହୋଟେଲ୍‌ରେ ଅଲଗା ରହିବା ବ୍ୟବସ୍ଥା ସ୍ୱୟଂ କରିପାରିବେ। ଏହାର ପୂରା ଦାୟିତ୍ୱ ସେମାନଙ୍କୁ ଉଠାଇବାକୁ ପଡ଼ିବ। ବୋର୍ଡ ପକ୍ଷରୁ କୌଣସି ବ୍ୟବସ୍ଥା କରାଯିବ ନାହିଁ। ବିସିସିଆଇ କହିବା କଥା ହେଉଛି ଟିମ୍‌କୁ କେବଳ ପାକିସ୍ତାନ ବିପକ୍ଷ ମ୍ୟାଚ୍ ପାଇଁ ଶ୍ରୀଲଙ୍କା ଯିବାକୁ ପଡ଼ିବ। ଏପରି ସ୍ଥିତିରେ ଖେଳାଳିମାନଙ୍କୁ ପରିବାର ସହିତ ରହିବାର ଆବଶ୍ୟକତା ନାହିଁ। ବିସିସିଆଇ ସମସ୍ତ ଖେଳାଳିଙ୍କୁ ଜାରୀ ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛି। ନିୟମ ଉଲ୍ଲଂଘନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ଖେଳାଳି କୌଣସି କାରଣବଶତଃ ଏହି ନିର୍ଦ୍ଦେଶକର ପାଳନ କରିନପାରନ୍ତି, ତେବେ ତାଙ୍କୁ ଚୟନ କମିଟି ଅଧ୍ୟକ୍ଷ କିମ୍ବା ମୁଖ୍ୟ କୋଚ୍‌ଙ୍କ ପୂର୍ବ ଅନୁମତି ନେବାକୁ ପଡ଼ିବ। ଯଦି କୌଣସି ଖେଳାଳି ନିୟମ ଉଲ୍ଲଂଘନ କରନ୍ତି, ତେବେ ତାଙ୍କୁ ଟୁର୍ଣ୍ଣାମେଣ୍ଟ, ସିରିଜ୍ ଏପରିକି ଆଇପିଏଲ୍ ଖେଳିବାରୁ ରୋକାଯାଇପାରେ। ଏହା ବ୍ୟତୀତ ଖେଳାଳିଙ୍କ ସାଲାରୀ ଏବଂ କଣ୍ଟ୍ରାକ୍ଟ ସମାପ୍ତ କରିବା ପରି କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

**ନିଜ ଖର୍ଚ୍ଚରେ ଅଲଗା ରହିପାରିବେ: ବିସିସିଆଇ**

## ବାସ୍ ଡି ଲିଡେଙ୍କ ବିସ୍ଫୋରକ ଇନିଂସ୍

# ନାମ୍ବିୟାକୁ ୭ ୱିକେଟ୍‌ରେ ହରାଇଲା ନେଦରଲାଣ୍ଡ୍‌ସ

**ନୂଆଦିଲ୍ଲୀ,୧୦।୨/ଏଜେନ୍ସି:** ଅଲ୍‌ରାଉଣ୍ଡର୍ ବାସ୍ ଡି ଲିଡେଙ୍କ ୭୨ ରନ୍‌ର ଇନିଂସ୍ ଦମ୍‌ରେ ନେଦରଲାଣ୍ଡ୍‌ସ ପୁରୁଷ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍-ଏ' ମ୍ୟାଚ୍‌ରେ ମଙ୍ଗଳବାର ନାମ୍ବିୟାକୁ ୭ ୱିକେଟ୍‌ରେ ହରାଇ ସୁପର୍-୮ ଆଶା ସୁଦୃଢ଼ କରିଛି। ପାକିସ୍ତାନଠାରୁ ଅଳ୍ପକେ ହାରିବା ପରେ ନେଦରଲାଣ୍ଡ୍‌ସ ଟିମ୍ ଏହି ମ୍ୟାଚ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛି। ସେହିପରି ଏହି ବିଜୟ ସହିତ ଟିମ୍ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛି।



ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରି ନାମ୍ବିୟା ଟିମ୍ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୫୬ ରନ୍ କରିଥିଲା। ନେଦରଲାଣ୍ଡ୍‌ସ ବୋଲରମାନେ ଅନୁଶାସିତ ପ୍ରଦର୍ଶନ କରି ପୂରା ମ୍ୟାଚ୍‌ରେ ନାମ୍ବିୟାକୁ ହାତଖୋଲା ଶଟ୍ ଖେଳିବାକୁ ସୁଯୋଗ ଦେଇନଥିଲେ। ନାମ୍ବିୟା ପକ୍ଷରୁ ଜାନ୍ ନିକୋଲ ଲୋଫ୍ଟି-ଇଟନ୍ ୪୨ ରନ୍‌ର ଏବଂ ଜାନ୍ ଫ୍ରାଇଲିଙ୍କ ୩୦ ରନ୍ କରିଥିଲେ। ଦୁହେଁ ପ୍ରାରମ୍ଭିକ ଝଟ୍‌କା ପରେ ୫୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରିଥିଲେ। ଶେଷରେ ଜେଜେ ସ୍ମିଟ୍ ଦ୍ରୁତ ୨୨ ରନ୍‌ର ଇନିଂସ୍ ଖେଳିଥିଲେ ମଧ୍ୟ ଟିମ୍ ବଡ଼ ସ୍କୋର୍‌ରେ ପହଞ୍ଚିପାରି ନଥିଲା। ନେଦରଲାଣ୍ଡ୍‌ସ ପକ୍ଷରୁ ଲୋଗା ଭାନ୍ ବିକ୍ ଅଫ୍ ସ୍ପିନର୍ ଆର୍ଯ୍ୟନ ଦତ୍ତ ପ୍ରଭାବଶାଳୀ ବୋଲିଂ କରି ଯଥାକ୍ରମେ ଦୁଇଟି ଓ ଗୋଟିଏ ୱିକେଟ୍ ନେବା ସହ ରନ୍ ଗତିରେ ଲଗାମ୍ ଲଗାଇଥିଲେ। କ୍ୟାପ୍ଟେନ୍ ସ୍କଟ୍ ଏଡ୍‌ୱାର୍ଡସ ମ୍ୟାଚ୍‌ରେ ଆଠଜଣ ବୋଲର୍‌ଙ୍କୁ ଉପଯୋଗ କରିଥିଲେ।

ଲକ୍ଷ୍ୟର ପିଛା କରୁଥିବା ନେଦରଲାଣ୍ଡ୍‌ସ ଦ୍ରୁତ ଆରମ୍ଭ କରିଥିଲା। ମାଇକେଲ୍ ଲେଭିଟ୍ ୨୮ ରନ୍ କରି ଟିମ୍‌କୁ ଗତି ଦେଇଥିଲେ। ଏହାପରେ କଲିନ୍ ଏକରମ୍ୟାନ୍ ୩୨ ରନ୍‌ର ଉପଯୋଗୀ ଇନିଂସ୍ ଖେଳିବା ସହିତ ବାସ୍ ଡି ଲିଡେଙ୍କ ସହ ଉନ୍ନତ ପାର୍ଟନରଶିପ୍ କରିଥିଲେ। ବାସ୍ ଲିଡେ ୪୮ ବଲ୍‌ରେ ଅପରାଜିତ ୭୨ ରନ୍ କରିଥିଲେ। ତାଙ୍କ ଇନିଂସ୍‌ରେ ୫ ଚୌକା ଓ ଚାରି ଛକା ସାମିଲ ଥିଲା। କ୍ୟାପ୍ଟେନ୍ ସ୍କଟ୍ ଏଡ୍‌ୱାର୍ଡ୍ସ ଶେଷ ଆଡ଼କୁ ଅପରାଜିତ ୧୮ ରନ୍ କରି ଟିମ୍‌କୁ ୧୮ ଓଭର୍‌ରେ ୧୫୯ ରନ୍‌ରେ ପହଞ୍ଚାଇଥିଲେ।

ନେଦରଲାଣ୍ଡ୍‌ସ ଚେନ୍ନାଇରେ ନିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଆମେରିକା ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ନାମ୍ବିୟା ଗୁରୁବାର ଏହି ଗ୍ରାଉଣ୍ଡରେ ଆୟୋଜକ ଭାରତକୁ ଭେଟିବ।

### ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଆସୋସିଏଟ୍ ଟିମ୍‌ଙ୍କ ରେକର୍ଡ

ପୁରୁଷ ଟି-୨୦ ବିଶ୍ୱକପ୍‌ରେ ନେଦରଲାଣ୍ଡ୍‌ସ ସର୍ବାଧିକ ବିଜୟ ହାସଲକାରୀ ଆସୋସିଏଟ୍ ଟିମ୍ ହୋଇଛି। ନେଦରଲାଣ୍ଡ୍‌ସ ମୋଟ ୧୧ ମ୍ୟାଚ୍ ଜିତିଛି। ଏହାପରେ ସ୍କଟ୍‌ଲାଣ୍ଡ୍ ୮, ଆଫଗାନିସ୍ତାନ ଓ ନାମ୍ବିୟା ୫-୫ ଜିତିଥିବା ବେଳେ ଆୟର୍ଲାଣ୍ଡ ୩ ମ୍ୟାଚ୍‌ରେ ବିଜୟୀ ହୋଇଛି। ନେଦରଲାଣ୍ଡ୍‌ସର ବିଜୟ-ପରାଜୟ ହାର ୦.୬୪୭ ରହିଛି, ଯାହା ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ଖେଳିଥିବା ୧୫ ଆସୋସିଏଟ୍ ଟିମ୍ ମଧ୍ୟରେ ସର୍ବାଧିକ।

**ରନ୍ ଚେଜ୍‌ରେ ବାସ୍ ଡି ଲିଡେଙ୍କ ପ୍ରଭାବ**

ନେଦରଲାଣ୍ଡ୍‌ସର ରନ୍ ଚେଜ୍‌ରେ ବାସ୍ ଡି ଲିଡେଙ୍କ ପ୍ରଦର୍ଶନ ବହୁ ପ୍ରଭାବଶାଳୀ ରହିଛି। ବିଜୟୀ ମ୍ୟାଚ୍‌ରେ ସେ ୧୦ ଇନିଂସ୍‌ରେ ୩୫୩ ରନ୍ କରିଛନ୍ତି। ଏହା ମଧ୍ୟରେ ୮ ଥର ଅପରାଜିତ ଫେରିଥିବା ବେଳେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୩୨.୭ ରହିଛି। ସେହିପରି ପରାଜିତ ମ୍ୟାଚ୍‌ରେ ସେ ୧୪ ଇନିଂସ୍‌ରେ ମାତ୍ର ୧୯୭ ରନ୍ କରିପାରିଛନ୍ତି। ଏହି ମ୍ୟାଚ୍‌ଗୁଡ଼ିକରେ ତାଙ୍କ ହାରାହାରି ୧୫.୧୫ ଏବଂ ଷ୍ଟ୍ରାଇକ୍ ରେଟ୍ ୧୦୦.୫୧ ରହିଛି। ନେଦରଲାଣ୍ଡ୍‌ସର ଟି-୨୦ ବିଶ୍ୱକପ୍‌ରେ ମୋଟ ୧୧ରୁ ୮ ବିଜୟ ରନ୍ ଚେଜ୍‌ରୁ ଆସିଛି। ନାମ୍ବିୟା ବିପକ୍ଷ ୭ ୱିକେଟ୍‌ର ବିଜୟ ରନ୍ ଚେଜ୍‌ରେ ନେରଲାଣ୍ଡ୍‌ସର ସବୁଠୁ ବଡ଼ ବିଜୟ।

# ଆମେରିକାକୁ ୩୨ ରନ୍‌ରେ ହରାଇ ପାକିସ୍ତାନର ଦ୍ୱିତୀୟ ବିଜୟ

**କଲମ୍ବୋ,୧୦।୨/ଏଜେନ୍ସି:** ମଙ୍ଗଳବାର କଲମ୍ବୋରେ ଅନୁଷ୍ଠିତ ଗ୍ରୁପ୍-ଏ' ମ୍ୟାଚ୍‌ରେ ପାକିସ୍ତାନ ୩୨ ରନ୍‌ରେ ଆମେରିକାକୁ ହରାଇ ଚଳିତ ଟି-୨୦ ବିଶ୍ୱକପ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ସିଂହଳୀ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ୯ ୱିକେଟ୍ ହରାଇ ୧୯୦ ରନ୍ କରିଥିଲା। ଜବାବରେ ଆମେରିକା ୮ ୱିକେଟ୍ ବିନିମୟରେ ୧୫୮ ରନ୍ କରିବାକୁ ସମର୍ଥ ହୋଇଥିଲା।



୧୯୧ ରନ୍ ଜବାବରେ ଆମେରିକା ପ୍ରଥମ ୱିକେଟ୍‌ରେ ୪୨ ରନ୍ ଉଠାଇଥିଲା। ୫ମ ଓଭର୍‌ରେ ପ୍ରଥମେ ଆଣ୍ଡ୍ରିଜ୍ ଗୌସ୍ (୧୩) ଆଉଟ୍ ହୋଇଥିବା ବେଳେ କ୍ୟାପ୍ଟେନ୍ ମୋନାଙ୍କ ପଟେଲ୍ ୯ମ ଓଭର୍‌ରେ ମାତ୍ର ୩ରନ୍ କରି ବିଦାୟ ନେଇଥିଲେ। ଏହାପରେ ରନ୍ ଗତି ଧିମି ଯାଇଥିଲା। ଶାୟନ୍ ଜାହାଙ୍ଗୀର ୩୪ ବଲ୍‌ରେ ୫ ଚୌକା ଓ ୨ ଛକା ସହାୟତାରେ ୪୯ ରନ୍ କରି ଏକାଦଶ ଓଭର୍‌ରେ ଆଉଟ୍ ହୋଇଥିଲେ। ଏହାପରେ ପାକିସ୍ତାନୀ ବୋଲର୍ ଚାପ ସୃଷ୍ଟି କରିଥିଲେ। ଏହା ସତ୍ତ୍ୱେ ଶୁଭମ ରଞ୍ଜନେ ୩୦ ବଲ୍‌ରେ ୩ଟି ଲେଖାଏଁ ଛକା ଓ ଚୌକା ବଳରେ ୫୧ ରନ୍ କରିଥିଲେ। ତେବେ ଟିମ୍‌କୁ ବିଜୟୀ କରାଇପାରି ନଥିଲେ। ମିଳିନ୍ଦ କୁମାର (୨୯ ରନ୍)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନଥିଲେ। ପାକିସ୍ତାନ ପକ୍ଷରୁ ଉସ୍‌ମାନ୍ ତାରିକ ୩ଟି, ଶଦାବ୍ ଖାନ୍ ୨ଟି ୱିକେଟ୍ ପାଇଥିବା ବେଳେ ଶାହିଦ୍ ଆଫ୍ରିଦି, ଅବ୍ରାର୍ ଅହମଦ ଏବଂ ମହମ୍ମଦ ନୱାଜ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ପ୍ରଥମେ ବ୍ୟାଟିଂ ପାଇଥିବା ପାକିସ୍ତାନ ଆକ୍ରାମଣାତ୍ମକ ବ୍ୟାଟିଂ କରି ପ୍ରଥମ ୱିକେଟ୍‌ରେ ୫୪ ରନ୍ କରିଥିଲା। ୬ଷ୍ଠ ଓଭର୍‌ର ପ୍ରଥମ ବଲ୍‌ରେ ସଇମ୍ ଆୟୁବ୍ (୧୯ ରନ୍)ଙ୍କୁ ଆଉଟ୍ କରିବା ପରେ ଶାଡ୍‌ଲୀ ଭିନ୍ ଶାଲ୍‌କୱିକ୍ ଅନ୍ତିମ ବଲ୍‌ରେ କ୍ୟାପ୍ଟେନ୍ ସଲ୍‌ମାନ୍ ଆଗା (୧)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ବାବର ଆଜମ୍ ଓ ଓପ୍ନର୍ ଶାହିବଜାଦା ଫରହାନ୍‌ଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ହୋଇଥିଲା। ବାବର ୩୨ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ବଳରେ ୪୬ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଫରହାନ୍ ୪୧ ବଲ୍‌ରେ ୬ ଚୌକା ଓ ୫ ଛକା ବଳରେ ୭୩ ରନ୍ କରି ଫେରିଥିଲେ। ଏହାପରେ ପାକିସ୍ତାନ ରନ୍ ଗତି କମିଯାଇ ଶେଷରେ ୧୯୦ ରନ୍ ହୋଇଥିଲା। ଆମେରିକା ପକ୍ଷରୁ ଶାଡ୍‌ଲେ ଭାନ୍ ଶାଲ୍‌କୱିକ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ସୌରଭ ନେତ୍ରାଭଲ୍‌କର, ମହମ୍ମଦ ମୋହସିନ୍ ଏବଂ ହରମିତ ସିଂହ ୧-୧ ସଫଳତା ପାଇଥିଲେ।

# ଶ୍ରୀଲଙ୍କାକୁ ଝଟ୍‌କା, ହସରଙ୍ଗା ବିଶ୍ୱକପ୍‌ରୁ ବାହାର

**କଲମ୍ବୋ,୧୦।୨/ଏଜେନ୍ସି:** ଟି-୨୦ ବିଶ୍ୱକପ୍ ସହ-ଆୟୋଜକ ଶ୍ରୀଲଙ୍କାକୁ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ପ୍ରମୁଖ ଅଲ୍‌ରାଉଣ୍ଡର୍ ୱାନିନ୍ଦୁ ହସରଙ୍ଗା ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ କାରଣରୁ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଶ୍ରୀଲଙ୍କାର ପ୍ରଥମ ମ୍ୟାଚ୍‌ରେ ତାଙ୍କୁ ଏହି ଆଘାତ ଲାଗିଥିଲା। କଲମ୍ବୋରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଘାତ ସତ୍ତ୍ୱେ ହସରଙ୍ଗା ନିଜର ୪ ଓଭର୍ ସ୍ପେଲ୍ ପୂରା କରିଥିଲେ। ସେ ଚମତ୍କାର ବୋଲିଂ କରି ୨୫ ରନ୍ ଦେଇ ୩ଟି ୱିକେଟ୍ ନେବା ସହ ଆୟର୍ଲାଣ୍ଡ୍‌କୁ ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ମ୍ୟାଚ୍ ପରେ ତାଙ୍କ ଆଘାତ ଗୁରୁତର ହେବାରୁ ସେ ଆଗକୁ ଖେଳିବା ସମ୍ଭବ ହୋଇ ନଥିଲା। ସୋମବାର କରାଯାଇଥିବା ଏମ୍‌ଆର୍‌ଆଇ ସ୍କାନ୍‌ରେ ହସରଙ୍ଗାଙ୍କ ଗୁରୁତର ଟିୟର୍ ହୋଇଥିବା ଜଣାପଡ଼ିଥିଲା।

## ବହିଷ୍କାର ଫେଲ୍, ସର୍ତ୍ତ ବି ଖାରଜ

# ପାକିସ୍ତାନର ୟୁ-ଟର୍ନ ସିକ୍ରେଟ୍ ଖୋଲିଲେ ନକ୍‌ଭୀ

**ନୂଆଦିଲ୍ଲୀ,୧୦।୨/ଏଜେନ୍ସି:** ଟି-୨୦ ବିଶ୍ୱକପ୍‌ରେ ଭାରତ-ପାକିସ୍ଥାନ ମ୍ୟାଚ୍‌କୁ ନେଇ ଚାଲିଥିବା ରାଜନୈତିକ ଏବଂ କ୍ରିକେଟ୍ ଡ୍ରାମାର ଶେଷରେ ଅବସାନ ଘଟିଛି। ପାକିସ୍ତାନ ନିଜର ପୂର୍ବ କଡ଼ା ଦୃଷ୍ଟିକୋଣରୁ ପଛକୁ ହଟିବା ସହିତ ଫେବୃଆରୀ ୧୫ରେ ଭାରତ ବିପକ୍ଷ ଗ୍ରୁପ୍ ମ୍ୟାଚ୍ ଖେଳିବାକୁ ସ୍ପଷ୍ଟ କରିଛି। କିନ୍ତୁ ଏହି ନିଷ୍ପତ୍ତି ଯେତିକି ଔପଚାରିକ ଦିଶୁଛି, ଏହା ପଛରେ ସେତିକି ଅସହଜ କାରଣ ମଧ୍ୟ ଲୁଚି ରହିଛି, ଯାହାର ଚେହେରା ସାଜିଛନ୍ତି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀ।



ପାକିସ୍ତାନ ସରକାର ପ୍ରଥମେ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଟୁର୍ଣ୍ଣାମେଣ୍ଟରୁ ବାହାର କରିଦେଇଥିବା ବାଂଲାଦେଶର ସମର୍ଥନରେ ଏକଜୁଟତାକୁ ଏହାର କାରଣ କୁହାଯାଇଥିଲା। ପିସିବି ମଧ୍ୟ ସେହି ଲାଇନ୍‌ରେ ଚାଲିବା ସହିତ ଭାରତ ବିପକ୍ଷ ମ୍ୟାଚ୍‌ର ବହିଷ୍କାର କଥା କହିଥିଲା। ମାତ୍ର ସମୟ ବିତିବା ସହିତ ଚାପ ବଢ଼ିବାରେ ଲାଗିଥିଲା ଏବଂ ସେହି ଚାପ ଶେଷରେ ୟୁ-ଟର୍ନରେ ପରିବର୍ତ୍ତିତ ହୋଇଛି।

ଗତ କିଛିଦିନ ଧରି ପାକିସ୍ତାନ, ବାଂଲାଦେଶ, ଆଇସିସି ଏବଂ ଅନ୍ୟ କ୍ରିକେଟ୍ ବୋର୍ଡ (ୟୁଏଇ ଏବଂ ଶ୍ରୀଲଙ୍କା ମଧ୍ୟ ସାମିଲ) ମଧ୍ୟରେ ଲଗାତାର କଥାବାର୍ତ୍ତା ଚାଲିଥିଲା। ଏହି ଆଲୋଚନା ପରେ ସୋମବାର ପାକିସ୍ତାନ ଆଧିକାରିକ ଭାବେ ନିଜ ଦୃଷ୍ଟିକୋଣ ବଦଳାଇଥିଲା। ଆଶ୍ଚର୍ଯ୍ୟର ବିଷୟ, ଆଧିକାରିକ ଘୋଷଣାର ଠିକ୍ ପୂର୍ବରୁ ପିଏସ୍‌ଏଲ୍ (ପାକିସ୍ତାନ ସୁପର୍ ଲିଗ୍)ର ଏକ ପ୍ରେସ୍ କନ୍‌ଫରେନ୍ସରେ ମୋହସିନ୍ ନକ୍‌ଭୀଙ୍କୁ ସିଧା ପ୍ରଶ୍ନ କରାଯାଇଥିଲା। ପ୍ରେସ୍ କନ୍‌ଫରେନ୍ସ ଶେଷ ବରେ ଏକ ସାକ୍ଷାତକାରରେ ତାଙ୍କୁ 'ବୟକଟ୍' ଓ ଆଇସିସି ସହ କଥାବାର୍ତ୍ତାକୁ ନେଇ ଭିତର ମହଲର ସୂଚନା ମଗାଯାଇଥିଲା। ନକ୍‌ଭୀଙ୍କ ଉତ୍ତର ୟୁ-ଟର୍ନର ପଟ୍ଟକଥା ପ୍ରାୟତଃ ପରିଷ୍କାର କରିଦେଇଥିଲା। ନକ୍‌ଭୀ କହିଥିଲେ, 'ବାସ୍ କିଛି ସମୟରେ ନିଷ୍ପତ୍ତି ହୋଇଯିବ।' ତାଙ୍କୁ ପଚରା ଯାଇଥିଲା, କ'ଣ କୌଣସି ଭଲ ଖବର ଆସିବାର ଅଛି। ଏହାର ଉତ୍ତରରେ ସେ କହିଥିଲେ, 'ମୁଁ ତ ସବୁବେଳେ ଭଲ ଖବର ହିଁ ଦେଇଥାଏ।' ନକ୍‌ଭୀ କହିଥିଲେ, 'ଆପଣ ବାଂଲାଦେଶର ବୟାନ ଦେଖିଥିବେ। ଆମେ ଏ ମ୍ୟାଚ୍ ଖେଳୁ ବୋଲି ବାଂଲାଦେଶ ହିଁ ପାକିସ୍ତାନକୁ ଅନୁରୋଧ କରିଥିଲା। ବାଂଲାଦେଶର ପୂରା ମାମଲା ସମାଧାନ ହୋଇସାରିଥିବା ଏହା ସ୍ପଷ୍ଟ ସଙ୍କେତ ଥିଲା। ତେଣୁ ବାଂଲାଦେଶ ଏହି ଦାବି କରିଥିଲା।' ଏହି ପୂରା ମାମଲାରେ ପାକିସ୍ତାନ ନିଜ ପାଇଁ କିଛି ହାସଲ କରିଛି କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, 'ଆମେ ବାଂଲାଦେଶ ପାଇଁ ଷ୍ଟାଣ୍ଡ ନେଇଥିଲୁ.... ଆମେ ନିଜ ପାଇଁ କିଛି କରିନାହୁଁ।'

ନକ୍‌ଭୀ ଏହା ମଧ୍ୟ କହିଥିଲେ ଯେ ବାଂଲାଦେଶ ପକ୍ଷରୁ ପାକିସ୍ତାନକୁ ଏହି ମ୍ୟାଚ୍ ଖେଳିବାକୁ ଅନୁରୋଧ କରାଯାଇଥିଲା। ଏଥିରେ ଆଇସିସି ସହିତ ବାଂଲାଦେଶର ମାମଲା ସମାଧାନ ହୋଇସାରିଥିବା ସ୍ପଷ୍ଟ ହୋଇଛି। କିନ୍ତୁ ଏହି ବୟାନ ପିସିବିର ପୂରା ଦୃଷ୍ଟିକୋଣକୁ ପ୍ରଶ୍ନ ଘେରକୁ ଟାଣିଆଣିଛି। ଯଦି କିଛି ହାସଲ ହେଲାନାହିଁ, ତେବେ ପିସିବି ଏତେ କଡ଼ା ମନୋଭାବ କାହିଁକି ଆପଣାଇଥିଲା ? ସପ୍ତାହ ବ୍ୟାପୀ ଚାଲିଥିବା ଏହି ବିବାଦ ପରେ ଆଇସିସି ମଧ୍ୟ ବୟାନ ଜାରୀକରି ଟୁର୍ଣ୍ଣାମେଣ୍ଟର ଗରିମା ଏବଂ ପ୍ରତିବଦ୍ଧତା ସହିତ କୌଣସି ବୁଝାମଣା କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛି। ଆଇସିସି କହିଛି, ସମସ୍ତ ସଦସ୍ୟ ଦେଶ ଟୁର୍ଣ୍ଣାମେଣ୍ଟର ସର୍ତ୍ତ ଅନୁସାରେ ଖେଳିବା ଏବଂ ଆୟୋଜନର ସଫଳତା ସୁନିଶ୍ଚିତ କରିବା ଉପରେ ସହମତି ପ୍ରକାଶ କରିଛନ୍ତି।

**ରାଜନୀତି ବନାମ କ୍ରିକେଟ୍**

ଭାରତ-ପାକିସ୍ତାନ ମ୍ୟାଚ୍ ସର୍ବଦା କେବଳ କ୍ରିକେଟ୍‌ରେ ସୀମିତ ନଥାଏ। ଏଥର ଏହି ଲଢ଼େଇ ପଡ଼ିଆଠୁ ଅଧିକ ବୋର୍ଡରୁମ୍ ଏବଂ ବୟାନବାଜୀରେ ଖେଳାଯାଇଛି। ଶେଷରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ବାଧ୍ୟବାଧକତା ଏବଂ ବ୍ୟବସାୟିକ ବାସ୍ତବିକତା ଆଗରେ ପିସିବିକୁ ନଇଁବାକୁ ପଡ଼ିଛି। ଏବେ ଫେବୃଆରୀ ୧୫ରେ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ। ପ୍ରଶ୍ନ ଏହା ନୁହେଁ ଯେ ମ୍ୟାଚ୍ ହେବ କି ନାହିଁ, ପ୍ରଶ୍ନ ହେଉଛି ପୂରା ପ୍ରକରଣରେ ପାକିସ୍ତାନ କ୍ରିକେଟ୍ କ'ଣ ହରାଇଲା ଏବଂ କ'ଣ ପାଇଲା। ଏହି ଡିବେଟ୍‌ର କେନ୍ଦ୍ରରେ ରହିବେ ପିସିବି ପ୍ରମୁଖ ମୋହସିନ୍ ନକ୍‌ଭୀ, ଯାହାର 'ନିଜ ପାଇଁ କିଛି କରିନାହୁଁ' ଭଳି ବୟାନ ୟୁ-ଟର୍ନକୁ ଆହୁରି ଅଧିକ ଅସହଜ କରିଦେଇଛି।

## ଟିମ୍ ସିଫର୍ଟ ଓ ଫିନ୍ ଏଲନ୍‌ଙ୍କ ରେକର୍ଡ ପାର୍ଟନରଶିପ୍

# ନ୍ୟୁଜିଲାଣ୍ଡ ଝଡ଼ରେ ଉଡ଼ିଲା ୟୁଏଇ

**ଚେନ୍ନାଇ,୧୦।୨/ଏଜେନ୍ସି:** ଟିମ୍ ସିଫର୍ଟ ଓ ଫିନ୍ ଏଲନ୍‌ଙ୍କ ବିସ୍ଫୋରକ ଓପ୍ନିଂ ପାର୍ଟନରଶିପ୍ ଦମ୍‌ରେ ନ୍ୟୁଜିଲାଣ୍ଡ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ୧୦ ୱିକେଟ୍‌ରେ ଶୋଚନୀୟ ଭାବେ ହରାଇ ଚଳିତ ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଦୁଇ ଓପ୍ନର୍ ବ୍ୟାଟ୍ ୧୭୪ ରନ୍‌ର ଲକ୍ଷ୍ୟକୁ ସହଜ ଭାବେ ହାସଲ କରି ନ୍ୟୁଜିଲାଣ୍ଡକୁ ୧୫.୨ ଓଭର୍‌ରେ ବିଜୟୀ କରାଇଛନ୍ତି। ୟୁଏଇ କ୍ୟାପ୍ଟେନ୍ ମହମ୍ମଦ ୱାସିମ୍ ଓ ଅଲୀଶାନ୍ ଶରଫୁଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ ୬ ୱିକେଟ୍ ବିନିମୟରେ ୧୭୩ ରନ୍ କରିଥିଲା। ଏହା ଟୁର୍ଣ୍ଣାମେଣ୍ଟ ଇତିହାସରେ ଟିମ୍‌ର ସର୍ବୋଚ୍ଚ ସ୍କୋର୍। ୱାସିମ୍ ୪୫ ବଲ୍‌ରେ ଅପରାଜିତ ୬୬ ଏବଂ ଶରଫୁ ୪୭ ବଲ୍‌ରେ ୫୫ ରନ୍ କରିଥିଲେ। ତେବେ ଚେପକ୍‌ର ଲାଲ ମାଟି ପିଚ୍‌ରେ ସିଫର୍ଟ (୪୨ ବଲ୍‌ରେ ଅପରାଜିତ ୮୯) ଓ ଏଲନ୍ (୫୦ ବଲ୍‌ରେ ଅପରାଜିତ ୮୪ ରନ୍) ୟୁଏଇ ବୋଲର୍‌ଙ୍କୁ ନିର୍ଦ୍ଧୁମ ପିଟିଥିଲେ। ଦୁହିଁଙ୍କ ମଧ୍ୟରେ ୯୨ ବଲ୍‌ରେ ୧୭୫ ରନ୍‌ର ଅପରାଜିତ ଇନିଂସ୍ ହୋଇଥିଲା, ଯାହା ଟି-୨୦ ବିଶ୍ୱକପ୍ ଇତିହାସରେ କୌଣସି ୱିକେଟ୍ ପାଇଁ ସବୁଠୁ ବଡ଼ ପାର୍ଟନରଶିପ୍।



୧୦ ଓଭର୍‌ରେ ବିନା ୱିକେଟ୍ ୧୧୯ ରନ୍ କରିବା ମାତ୍ରେ ହିଁ ମ୍ୟାଚ୍ ସମ୍ପୂର୍ଣ୍ଣ ନ୍ୟୁଜିଲାଣ୍ଡ ପକ୍ଷକୁ ଚାଲିଯାଇଥିଲା। ବାମହାତୀ ସ୍ପିନର୍ ହାଇଦର ଅଲୀଙ୍କୁ ଛାଡ଼ିଦେଲେ କୌଣସି ୟୁଏଇ ବୋଲର୍ ଦୁଇ ଓପ୍ନର୍‌ଙ୍କ ଉପରେ ଅଙ୍କୁଶ ଲଗାଇପାରି ନଥିଲେ। ଏହି ଇନିଂସ୍ ଅବସରରେ ଏଲନ୍ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ନିଜର ୧୦୦ ଛକା ପୂରା କରିଥିଲେ।

ୟୁଏଇ ଇନିଂସ୍‌ରେ ଆର୍ଯ୍ୟାଂଶ ଶର୍ମା (୮) ଦ୍ୱିତୀୟ ଓଭର୍‌ରେ ଜ୍ୟାକବ୍ ଡଫିଙ୍କ ଶିକାର ହୋଇଥିଲେ। ତେବେ ଏହାପରେ ୱାସିମ୍ ଓ ଶରଫୁ ପାୱାରପ୍ଲେରେ ନିୟମିତ ବ୍ୟବଧାନରେ ବାଉଣ୍ଡାରୀ ମାରି ରନ୍ ଗତି ବଜାୟ ରଖିଥିଲେ। ମ୍ୟାଟ୍ ହେନରୀଙ୍କୁ ସ୍ଲୋ ବଲ୍‌ରେ ଏକ ଶଟ୍ ଖେଳି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦୁହିଁଙ୍କ ମଧ୍ୟରେ ୧୦୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୧୫ତମ ଓଭର୍‌ରେ ଶରଫୁ ଆଉଟ୍ ହେବା ପରେ ଟିମ୍‌ର ରନ୍‌ଗତି ଧୀମା ହୋଇଯାଇଥିଲା। ତେବେ ଟିମ୍ ଅନ୍ତିମ ୫ ଓଭର୍‌ରେ ୪ ୱିକେଟ୍ ହରାଇ ୫୧ ରନ୍ ଯୋଡ଼ିଥିଲା। ଏହା ୟୁଏଇର ପ୍ରଥମ ମ୍ୟାଚ୍ ଥିବାବେଳେ ଶୋଚନୀୟ ପରାଜୟ ପରେ ଟିମ୍‌କୁ ନିଜ ରଣନୀତି ଉପରେ ପୁଣିଥରେ ବିଚାର କରିବାକୁ ପଡ଼ିବ।

# ପୁତ୍ର ବିବାହ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ତେନ୍ଦୁଲକରଙ୍କ ନିମନ୍ତ୍ରଣ

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଅମିତ ଶାହ ଓ ରାହୁଲ ଗାନ୍ଧୀଙ୍କୁ ବି ଭେଟିଲେ



**ନୂଆଦିଲ୍ଲୀ,୧୦।୨/ଏଜେନ୍ସି:** ମାଷ୍ଟର ବ୍ଲାଷ୍ଟର୍ ସଚିନ୍ ତେନ୍ଦୁଲକର ମଙ୍ଗଳବାର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ପୁତ୍ର ଅର୍ଜୁନ ଏବଂ ସାନିଆ ଚଣ୍ଡୋକ୍‌ଙ୍କ ବିବାହର ନିମନ୍ତ୍ରଣ ପତ୍ର ଦେଇଛନ୍ତି। ସଚିନ୍ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛି। ଏଥିରେ ସେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବିବାହର ନିମନ୍ତ୍ରଣ ଦେବା ଆମ ପାଇଁ ସମ୍ମାନର ବିଷୟ। ଯୁବ ଯୋଡ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ମିଳିଥିବା ଆଶୀର୍ବାଦ ପାଇଁ ସଚିନ୍ ଧନ୍ୟବାଦ ଦେଇଛନ୍ତି। ସଚିନ୍ ପରିବାର ସମେତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ମଧ୍ୟ ଭେଟି ବିବାହ ଉତ୍ସବକୁ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି। ଅର୍ଜୁନ୍ ଓ ସାନିଆଙ୍କ ବିବାହ ମାର୍ଚ୍ଚ ୫ ତାରିଖରେ ମୁମ୍ବାଇରେ ଆୟୋଜିତ ହେବ। ଦୁହିଁଙ୍କର ଗତବର୍ଷ ଅଗଷ୍ଟରେ ନିର୍ବନ୍ଧ ହୋଇଥିଲା। ସାନିୟା ଚଣ୍ଡୋକ୍ ଗ୍ରୋଭିସ୍ ଗ୍ରୁପ୍ ଅଧ୍ୟକ୍ଷ ରବି ଘାଇଙ୍କ ନାତୁଣୀ ଏବଂ ଅର୍ଜୁନଙ୍କ ଭଉଣୀ ସାରା ତେନ୍ଦୁଲକରଙ୍କ ନିକଟତମ ବାନ୍ଧବୀ।

**ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍**

# ପ୍ରାଚୀ ଗାଏକୱାଡ୍‌ଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୧୦।୨/ଏଜେନ୍ସି:** ଦିଲ୍ଲୀରେ ଚାଲିଥିବା ଏସିଆନ୍ ଶୁଟିଂ (ରାଇଫଲ/ପିସ୍ତଲ) ଚାମ୍ପିଅନ୍‌ର ୫୦ ମିଟର ରାଇଫଲ୍ ଥ୍ରୀ-ପୋଜିସନ୍ ଇଭେଣ୍ଟରେ ପ୍ରାଚୀ ଗାଏକୱାଡ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୁନିୟର୍ ବର୍ଗର ଫାଇନାଲ୍‌ରେ ସେ ଟୋମିରିସ୍ ଅନାନୋଭାଙ୍କୁ ହରାଇ ଦେଇଛନ୍ତି। ସିନିୟର ବର୍ଗରେ ଆକୃତି ଦାହିୟା ରୌପ୍ୟ ଏବଂ ଅଞ୍ଜୁମ ମୋଦଗିଲ୍ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ସହିତ ଭାରତ ୩୯ ସ୍ୱର୍ଣ୍ଣ, ୧୫ ରୌପ୍ୟ ଏବଂ ୧୨ ବ୍ରୋଞ୍ଜ୍ ପଦକ ଜିତି ପଦକ ତାଲିକା ଶୀର୍ଷରେ ରହିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra